ବର୍ଷ-୨୫, ସଂଖ୍ୟା-୨୦୯
ଭୁବନେଶ୍ୱର
୦୫, ଅଗଷ୍ଟ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 209
Bhubaneswar
05, August, 2025 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଜୁରି ଅଭିନେତ୍ରୀ ପକୃତି ମିଶ୍ର

# ବିଶ୍ୱ ରେକର୍ଡ କଲା ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚା

**ନୂଆଦିଲ୍ଲୀ,୪।୮(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ପଦକ୍ଷେପ ପରୀକ୍ଷା ପେ ଚର୍ଚ୍ଚା (ପିପିସି)-୨୦୨୫ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ହାସଲ କରିଛି। ୨୦୧୮ ମସିହାରୁ ମାଇଁ ଗଭ୍ ସହଯୋଗରେ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ସଫଳତାର ସହିତ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଆ।ସୁଛି। କୌଣସି ନାଗରିକ ସଂଗଠନ ପ୍ଲାଟଫର୍ମରେ ଗୋଟିଏ ମାସରେ ସର୍ବାଧିକ ପଞ୍ଜୀକରଣ ପାଇଁ ଚଳିତ ଥର ଏହି କାର୍ଯ୍ୟକ୍ରମକୁ ଗିନିଜ୍ ବିଶ୍ୱ ରେକର୍ଡ ସହିତ ସମ୍ମାନିତ କରାଯାଇଛି। ମାଇଁ ଗଭ୍ ପ୍ଲାଟଫର୍ମରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଅଷ୍ଟମ ସଂସ୍କରଣ ଲାଗି ଚଳିତ ଥର ମୋଟ୍ ୩.୫୩ କୋଟି ବୈଧ ପଞ୍ଜିକରଣ କରାଯାଇଛି। ଯାହାକି ଏହାର ଅଭୂତପୂର୍ବ ସଫଳତାକୁ ଦର୍ଶାଉଛି।

ପରୀକ୍ଷା ପେ ଚର୍ଚ୍ଚା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ ଏବଂ ତାଙ୍କ ନେତୃତ୍ୱରେ ପରିଚାଳିତ ଏକ ଅନନ୍ୟ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ଏଥିରେ ସେ ସିଧାସଳଖ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ସହିତ ମତବିନିମୟ କରିଥାନ୍ତି। ଏହି ପଦକ୍ଷେପ ପରୀକ୍ଷା ଋତୁକୁ ସକାରାତ୍ମକତା, ପ୍ରସ୍ତୁତି ଏବଂ




ଉଦ୍ଦେଶ୍ୟମୂଳକ ଶିକ୍ଷାର ଏକ ମହୋତ୍ସବରେ ପରିଣତ କରିଥାଏ। ଏହା ପରୀକ୍ଷା ସମୟକୁ ଚାପ ବଦଳରେ ଉତ୍ସାହରେ ଭରି ଦିଏ।

ଆଜି ନୂଆ।ଦିଲ୍ଲୀରେ ଆୟୋଜିତ ଏକ ଉତ୍ସବରେ ଆ।ନୁଷ୍ଠାନିକ ଭାବରେ ଗିନିଜ୍ ୱାର୍ଲ୍ଡ ରେକର୍ଡ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ; କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା, ରେଳ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ; କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ରାଷ୍ଟ୍ରମନ୍ତ୍ରୀ ଜିତିନ୍ ପ୍ରସାଦ; ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗର ସଚିବ ସଞ୍ଜୟ କୁମାର; ମାଇଁ ଗଭର ସିଇଓ ନନ୍ଦ କୁମାରମ୍; ଏବଂ ଶିକ୍ଷା, ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କ ସହିତ ପ୍ରମୁଖ ଅଂଶୀଦାରମାନେ ଉପସ୍ଥିତ ଥିଲେ। ଗିନିଜ୍ ୱାର୍ଲ୍ଡ ରେକର୍ଡର କ୍ଷମତାପ୍ରାପ୍ତ ବିଚାରକ ରିଷି ନାଥଙ୍କ ଦ୍ୱାରା ରେକର୍ଡର ପ୍ରମାଣୀକରଣ ଏବଂ ଘୋଷଣା କରାଯାଇଥିଲା। ଏହି ଅବସରରେ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ, ପରୀକ୍ଷା ପେ ଚର୍ଚ୍ଚାକୁ ଶିକ୍ଷାର ଏକ ଉତ୍ସବରେ ପରିଣତ କକରାଯାଇଛି। ଏହାକୁ ପରୀକ୍ଷା ପ୍ରତି ଏକ ଜାତୀୟ ଆଭିମୁଖ୍ୟ ଭାବରେ ପୁନଃପରିଭାଷିତ କରାଯାଇଛି। ଶ୍ରୀ ପ୍ରଧାନ ସୂଚନା ଦେଇ କହିଥିଲେ, ୨୦୨୫ରେ ପିପିସିର ଅଷ୍ଟମ ସଂସ୍କରଣକୁ ସମସ୍ତ ଗଣମାଧ୍ୟମ ପ୍ଲାଟଫର୍ମରେ ମୋଟ ୨୧ କୋଟିରୁ ଅଧିକ ଦର୍ଶକ ଦେଖିଥିଲେ। ପିପିସି ୨୦୨୫ରେ ବିପୁଳ ଅଂଶଗ୍ରହଣକୁ ସାମଗ୍ରିକ ଏବଂ ସମାବେଶୀ ଶିକ୍ଷା ପ୍ରତି ଦେଶର ସାମୂହିକ ପ୍ରତିବଦ୍ଧତା ଏବଂ ଏକ ବିକଶିତ ଭାରତ ଦୃଷ୍ଟିକୋଣ ସହିତ ସମନ୍ୱୟ ପ୍ରତିଫଳନ ଭାବରେ ଦେଖାଯାଉଛି।

କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପରୀକ୍ଷା ପେ ଚର୍ଚ୍ଚାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଅନନ୍ୟ ପଦକ୍ଷେପ ବୋଲି କହିଥିଲେ। ସେ କହିଥିଲେ, ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକମାନଙ୍କୁ କଲ୍ୟାଣମୂଳକ ଓ ଚାପମୁକ୍ତ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଏକାଠି କରିଥାଏ। ଏହି ଅମୃତ କାଳରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଲବ୍ଧ କ୍ୟାରିଅର ସୁଯୋଗର ବିସ୍ତୃତ ପରିସର ଉପରେ ସେ ଆ।ଲୋକପାତ କରିଥିଲେ। ଶ୍ରୀ ବୈଷ୍ଣବ ଆହୁରି କହିଥିଲେ, ସର୍ବୋଚ୍ଚ ପଞ୍ଜିକରଣ ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡ ଏହି କାର୍ଯ୍ୟକ୍ରମ ପ୍ରତି ଜନସାଧାରଣଙ୍କ ଦୃଢ଼ ବିଶ୍ୱାସକୁ ଦର୍ଶାଉଛି।ଜିତିନ ପ୍ରସାଦ କହିଥିଲେ, ମାଇଁ ଗଭ୍ କିପରି ଜନଭାଗିଦାରୀକୁ ଗଭୀର କରିବା ଏବଂ ଦେଶବ୍ୟାପୀ ପରୀକ୍ଷା ପେ ଚର୍ଚ୍ଚାର ପହଞ୍ଚକୁ ବୃଦ୍ଧି କରିବା ପାଇଁ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରିଛି ତାହା ଗିନିଜ୍ ୱାର୍ଲ୍ଡ ରେକର୍ଡ ଦ୍ୱାରା ପ୍ରମାଣିତ ହୋଇଛି।

# ପୁଣି ଶ୍ରୀମନ୍ଦିରରେ ହିଡେନ୍ କ୍ୟାମେରା

ପୁରୀ,୪।୮(ମହାଭାରତ) : ସପ୍ତାହେ ନପୁରୁଣୁ ଶ୍ରୀମନ୍ଦିର ଭିତରୁ ପୁଣି ଜବତ ହେଲା ସ୍ପାଏ କ୍ୟାମେରା। ସୋମବାର ସିଂହଦ୍ୱାର ଥାନା ପୋଲିସ ଶ୍ରୀମନ୍ଦିର ଭିତରୁ ସ୍ପାଏ କ୍ୟାମେରା ଜବତ କରିବା ସହ ଜଣକୁ ଅଟକ ରଖି ପଚରାଉଚରା କରୁଛି। ଅଟକ ବ୍ୟକ୍ତି ଜଣକ ଗୁଜରାଟର ବିପୁଲ୍ ପଟେଲ ବୋଲି ଜଣାପଡ଼ିଛି। ନିଜ ଚଷମାରେ ସ୍ପାଏ କ୍ୟାମେରା ଲଗାଇ ଶ୍ରୀମନ୍ଦିର ଭିତରକୁ ଯାଇଥିଲେ ବିପୁଲ୍। ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ସହ କେଉଁ ସେବକ ଯାଇଥିଲେ ନା’ ସେ ଏକୁଟିଆ। ଏଭଳି କାର୍ଯ୍ୟ କରିଛନ୍ତି ତଥା ସେହି ସ୍ପାଏ କ୍ୟାମେରାରେ ସେ ଶ୍ରୀମନ୍ଦିର ଭିତରର କେଉଁ କେଉଁ ସ୍ଥାନର ଫଟୋ ଉଠାଇଛନ୍ତି ? ତାହା ଜାଣିବାକୁ ପୋଲିସ ତଦନ୍ତ କରୁଛି।

ସୂଚନାଥାଉକି, ଏହା ପୂର୍ବରୁ ଗତ ମାସ ୨୯ ତାରିଖରେ ପୁରୀ ଗଜପତି ନଗରର ଜଣେ ଯୁବକ ନିଜ ଚଷମାରେ ସ୍ପାଏ କ୍ୟାମେରା ଲଗାଇ ଶ୍ରୀମନ୍ଦିର ଭିତରକୁ ଯାଇଥିଲେ। କିନ୍ତୁ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ପଚରାଉଚରା କରିବା ସହିତ କ୍ୟାମେରାରେ କୌଣସି ଫଟୋ କିମ୍ବା ଭିଡ଼ିଓ ଉତ୍ତୋଳନ ହୋଇନଥିବା ଜଣାପଡ଼ିଥିଲା। ଆ।ଉ ପରେ ସମ୍ପୃକ୍ତ ଯୁବକକୁ ପୋଲିସ ତାଗିଦ୍ କରି ଛାଡ଼ି ଦେଇଥିଲା।

ହେଲେ ସୋମବାର ପୁଣି ଘଟଣାର ପୁନରାବୃତ୍ତି ଦେଖିବାକୁ ମିଳିଛି। ଯାହାକୁ ନେଇ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ଭିତରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲେ ମଧ୍ୟ ଏହି ବ୍ୟକ୍ତି ଜଣକ ଶ୍ରୀମନ୍ଦିର ଭିତରକୁ ସ୍ପାଏ କ୍ୟାମେରା ନେବାକୁ କିଭଳି ସାହାସ କଲେ ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ଚାରି ଦ୍ୱାରରେ କଡ଼ା ସୁରକ୍ଷା ସହିତ ପୋଲିସ ଚେକିଂ କରି ଭକ୍ତମାନଙ୍କୁ ଭିତରକୁ ଛଡ଼ାଯାଉଛି। ଏଥିସହିତ ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ସଶସ୍ତ୍ର ପୋଲିସ ମଧ୍ୟ ମୁତୟନ ହୋଇଛନ୍ତି।

# ପୁଣି ଧମକାଇଲେ ଟ୍ରମ୍ପ

**ୱାଶିଂଟନ,୪।୮(ମହାଭାରତ):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଭାରତକୁ ଖୋଲା ଧମକ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଭାରତ ଖୋଲା ବଜାରରେ ଋଷୀୟ ତେଲ ଲଗାତାର ବିକ୍ରି କରୁଛି ଯାହା ଯୋଗୁଁ ୟୁକ୍ରେନ ସହିତ ଯୁଦ୍ଧ କରିବା ଋଷ ପାଇଁ ବହୁତ ସହଜ ହେଉଛି। ସେ କହିଛନ୍ତି ଯେ ୟୁକ୍ରେନରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ବିଷୟରେ ଭାରତ ଆ।ଦୌ ଚିନ୍ତିତ ନୁହେଁ ଏପରି ପରିସ୍ଥିତିରେ, ଭାରତ ଉପରେ ଅଧିକ ଶୁଳ୍କ ଲାଗୁ କରାଯାଇପାରିବ। ସମ୍ପ୍ରତି ଆମେରିକା ଭାରତ ଉପରେ ୨୫% ଶୁଳ୍କ ଲାଗୁ କରିଛି ଯେଉଁଥିରେ ଏକ ଦଣ୍ଡ ମଧ୍ୟ ଘୋଷଣା କରାଯାଇଥିଲା।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ସେ ଭାରତ ଉପରେ ଆହୁରି ଶୁଳ୍କ ବୃଦ୍ଧି କରିବେ ସେ ଭାରତ ଉପରେ ରିହାତି ମୂଲ୍ୟରେ ଋଷୀୟ ତୈଳ ମୂଲ୍ୟରୁ ଲାଭ ପାଇବା ଏବଂ ୟୁକ୍ରେନ ଯୁଦ୍ଧର ମାନବୀୟ ମୂଲ୍ୟକୁ ଅଣଦେଖା କରିବାର ଅଭିଯୋଗ ଆଣିଥିଲେ। ଏକ ପୋଷ୍ଟରେ ଟ୍ରମ୍ପ ଦାବି କରିଥିଲେ ଯେ ଭାରତ ବହୁ ପରିମାଣରେ ଋଷୀୟ ଅଶୋଧିତ ତୈଳ କିଣୁଛି ଏବଂ ବିଶ୍ୱ ବଜାରରେ ଲାଭ ପାଇଁ ବିକ୍ରି କରୁଛି, ଏବଂ ୟୁକ୍ରେନୀୟ ମୃତାହତଙ୍କ ବିଷୟରେ କିଛି ଚିନ୍ତା କରୁ ନାହିଁ ସେ କହିଛନ୍ତି ଯେ ଭାରତ କେବଳ ବିପୁଳ ପରିମାଣରେ ଋଷୀୟ ତୈଳ କିଣୁ ନାହିଁ, ବରଂ ଖୋଲା ବଜାରରେ ବିପୁଳ ଲାଭରେ କିଣୁଥିବା ଅଧିକାଂଶ ତେଲ ମଧ୍ୟ ବିକ୍ରି କରୁଛି ଋଷୀୟ ସେନା ଦ୍ୱାରା ୟୁକ୍ରେନରେ କେତେ ଲୋକ ମରୁଛନ୍ତି। ସେ ବିଷୟରେ ସେମାନଙ୍କର କିଛି ଚିନ୍ତା ନାହିଁ। ଏହି କାରଣରୁ, ମୁଁ ଆ।ମେରିକାକୁ ଭାରତ ଦେଉଥିବା ଶୁଳ୍କକୁ ଯଥେଷ୍ଟ ବୃଦ୍ଧି କରିବି।

# ଦୁଇ ଛାତ୍ରଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

**ବାଲେଶ୍ୱର,୪।୮(ମହାଭାରତ):** ଦିନେ ଯେଉଁ ଛାତ୍ର ଏଫଏମ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ବଞ୍ଚାଇବାକୁ ଯାଇ ଗୁରୁତର ଆହତ ହୋଇଥିଲେ ସେହି ଛାତ୍ରକୁ ଆଜି ଗିରଫ କରିଛି କ୍ରାଇମବ୍ରାଞ୍ଚ। ଯାହାକି ଚର୍ଚ୍ଚାର ବିଷୟ ପାଲଟିଛି। ଆତ୍ମହତ୍ୟା ଘଟଣାର ୨୩ ଦିନ ପରେ କ୍ରାଇମବ୍ରାଞ୍ଚ ଦୁଇ ଜଣ ଛାତ୍ରଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ଜଣେ ଛାତ୍ର ଓ ଜଣେ ଅଣଛାତ୍ର ରହିଛନ୍ତି। ସେମାନେ ହେଲେ ଛାତ୍ରୀଙ୍କୁ ଉଦ୍ଧାର କରିଥିବା ଜ୍ୟୋତି ପ୍ରକାଶ ବିଶ୍ୱାଳ ଓ ଶୁଭ୍ର ସମ୍ବିତ ନାୟକ। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇ ୧୫ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଫଳରେ ଏହି ଘଟଣାରେ ମୋଟ ଗିରଫଦାରୀ ସଂଖ୍ୟା ୪ରେ ପହଞ୍ଚିଛି। ପୂର୍ବରୁ କଲେଜ ଏଚ୍‌ଓଡି ସମୀର କୁମାର ସାହୁ ଓ କଲେଜ ପ୍ରିନ୍ସିପାଲ୍ ଗିରଫ ହୋଇଥିଲେ।



ସୌମ୍ୟାଶ୍ରୀଙ୍କୁ କିଏ ଆଣି ପେଟ୍ରୋଲ ଦେଇଥିଲା ? ତାଙ୍କୁ କିଏ ସହଯୋଗ କରିଥିଲେ ? ସମସ୍ତଙ୍କ ମନରେ ଏଭଳି ଅନେକ ପ୍ରଶ୍ନ ଉଙ୍କି ମାରୁଥିବାବେଳେ ଧୀରେ ଧୀରେ ଗୁମର ଖୋଲୁଛି। ମିଳିଥିବା ସିସିଟିଭି ଫୁଟେଜ୍ ଅନୁସାରେ , ଘଟଣା ଦିନ ଛାତ୍ରୀ ଜଣକ ଅଧ୍ୟକ୍ଷଙ୍କ ସହ ମିଟିଂ ପରେ ବାହାରକୁ ଯାଇଥିଲେ ।ସେଠାରୁ ନିଜେ ଏକ ସାଇକେଲରେ ଯାଇ ନିକଟ ପେଟ୍ରୋଲ ପମ୍ପରୁ ବୋତଲରେ ପେଟ୍ରୋଲ ଆ।ଣିଥିଲେ। ପେଟ୍ରୋଲ ବୋତଲ ଥିବା ବ୍ୟାଗକୁ ବାହାରେ ରଖି ପୁଣି ଅଧ୍ୟକ୍ଷଙ୍କ ରୁମକୁ ଯାଇଥିଲେ , ଯେଉଁଠି କଲେଜ ଅଧ୍ୟକ୍ଷଙ୍କ ସହ ବିଭାଗର ଏଚଓଡିଙ୍କ ସହ ଅନ୍ୟ ଛାତ୍ରମାନେ ଉପସ୍ଥିତ ଥିଲେ। ସେଠାରୁ ବାହାରକୁ ଆସି କଲେଜ୍ ଗେଟ୍ ପାଖରେ ନିଜେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଏହାପୂର୍ବରୁ କିନ୍ତୁ ଅନ୍ୟ ଜଣେ ଛାତ୍ରୀ ଯାଇ ପେଟ୍ରୋଲ ପମ୍ପରୁ ପେଟ୍ରୋଲ ଆଣିଥିବା କଥା କହିଥଲା କ୍ରାଇମବ୍ରାଞ୍ଚ ଏବଂ ତାଙ୍କର କିଛି ସହଯୋଗୀ ଆତ୍ମଦାହ ପାଇଁ ତାଙ୍କୁ ପ୍ରରୋଚିତ କରିଥିବା କଥା ମଧ୍ୟ କୁହାଯାଇଥିଲା। ଏବିଭିପିର ରାଜ୍ୟ ଯୁଗ୍ମ ସମ୍ପାଦକ ଶୁଭ୍ର ସମ୍ବିତ ଏଫ୍‌ଏମ୍ ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ଲଢ଼େଇ କରୁଥିଲେ ଏବଂ ଜ୍ୟୋତିପ୍ରକାଶ ପୀଡ଼ିତାଙ୍କୁ ନିଆଁରୁ ଉଦ୍ଧାର କରିବାକୁ ଯାଇ ଗୁରୁତର ଆହତ ହୋଇଥିଲେ। ହେଲେ ତଦନ୍ତରୁ ଜଣାପଡିଛି, ପୀଡ଼ିତାଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଇଥିଲେ ଶୁଭ୍ର ଓ ଜ୍ୟୋତି। ଆଉ ଆତ୍ମାହୁତି ବେଳେ ମୋବାଇଲ୍‌ରେ କରୁଥିଲେ ଭିଡିଓ ସୁଟ୍। ତେଣୁ ସେମାନଙ୍କ ବିରୋଧରେ ଆତ୍ମହତ୍ୟା ପାଇଁ ଉସୁକାଇବା ଅଭିଯୋଗରେ ଦଫା ଲାଗିଛି। ଏହି ଘଟଣାରେ ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି କ୍ରାଇମବ୍ରାଞ୍ଚ । ଛାତ୍ରୀଙ୍କୁ ଆତ୍ମାହୁତି ଉଦ୍ୟମରେ ସହଯୋଗ କରିଥିବାରୁ ଏମାନଙ୍କୁ ଗିରଫ କରାଯାଇଥିବା କୁହାଯାଉଛି।

# ରାଜ୍ୟରେ ଖୋଲିବ ୧୧ ଅତିରିକ୍ତ ଜିଲ୍ଲା ଜଜ କୋର୍ଟ

ଭୁବନେଶ୍ୱର,୪।୮(ମହାଭାରତ): ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ନିମନ୍ତେ ୧୧ଗୋଟି ଅତିରିକ୍ତ ଜିଲ୍ଲା ଜଜ କୋର୍ଟ ପ୍ରତିଷ୍ଠା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଏହି କ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀ, ନୟାଗଡ଼ ଓ କେନ୍ଦ୍ରାପଡା ଜିଲ୍ଲାରେ ଗୋଟିଏ ଲେଖାଏଁ ଅତିରିକ୍ତ ଜିଲ୍ଲା ଜଜ୍ (ଭିଜିଲାନ୍ସ) କୋର୍ଟ ପ୍ରତିଷ୍ଠା ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଏତଦବ୍ୟତୀତ ପୁରୀ ଜିଲ୍ଲାର ପିପିଲି, ନୟାଗଡ଼ ଜିଲ୍ଲାର ରଣପୁର, ଖୋର୍ଦ୍ଧା ଜିଲ୍ଲାର ବାଣପୁର, ଭଦ୍ରକ ଜିଲ୍ଲାର ବାସୁଦେବପୁର, ଅନୁଗୁଳ ଜିଲ୍ଲାର ତାଳଚେର, ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର, କଟକ ଜିଲ୍ଲାର ବାଙ୍କି ଓ କନ୍ଧମାଳ ଜିଲ୍ଲାର ଜି. ଉଦୟଗିରିରେ ଗୋଟିଏ ଲେଖାଏଁ ଅତିରିକ୍ତ ଜିଲ୍ଲା ଜଜ କୋର୍ଟ ପ୍ରତିଷ୍ଠା ପାଇଁ ମଧ୍ୟ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ପ୍ରଥମ ପର୍ଯ୍ୟାୟରେ ନିର୍ମାଣ ହେବ ୮୩୫ ଆଦର୍ଶ ବିଦ୍ୟାଳୟ

ଭୁବନେଶ୍ୱର,୪।୮(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି। ବୈଠକରୁ ଜଣାଯାଇଛିଯେ, ପ୍ରଥମ ପର୍ଯ୍ୟାୟରେ ୮୩୫ ଆଦର୍ଶ ବିଦ୍ୟାଳୟ ନିର୍ମାଣ ହେବ। ଏହି ବିଦ୍ୟାଳୟ ଗୁଡ଼ିକ ରାଜ୍ୟର ଉଚ୍ଚ ବିଦ୍ୟାଳୟ ପାଇଁ ଏକ ଫିଡର ସ୍କୁଲ ଭାବରେ କାର୍ଯ୍ୟ କରିବ। ପ୍ରତ୍ୟେକ ବିଦ୍ୟାଳୟ ପାଇଁ ୭ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟୟ ଅଟକଳ ରଖା ଯାଇଛି । ଯେଉଁ ସ୍କୁଲରେ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଥିବେ, ୨ ଏକରରୁ ଅଧିକ ଜମି ଉପଲବ୍ଧ ହେଉଥିବ ଏବଂ ଶିଶୁ ବାଟିକାଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ା ହେଉଥିବ, ସେହି ସ୍କୁଲଗୁଡିକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ନିର୍ମାଣ କରାଯିବ।

ବୈଠକରେ ମୁଖ୍ୟମନ୍ତ୍ରୀ, ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ହେଡ କ୍ୱାର୍ଟର୍ସରେ ଭୌଗୋଳିକ ଅବସ୍ଥିତିକୁ ଦୃଷ୍ଟିରେ ରଖି ଗୋଟିଏ ଲେଖାଏଁ ଆ।ଦର୍ଶ ସ୍କୁଲ ନିର୍ମାଣ କରାଯିବ ଏବଂ ସାମାଜିକ-ଅର୍ଥନୈତିକ ପୃଷ୍ଠଭୂମିରେ ଜାତୀୟ ସ୍ତରୀୟ ଗୁଣାତ୍ମକ ଶିକ୍ଷା



ପ୍ରଦାନ କରାଯିବା ଏବଂ ଛାତ୍ରଛାତ୍ରୀଙ୍କ ଯିବା ଆସିବା ସୁବିଧା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ଦୁର୍ଗମ ଓ ଦୂର ଅଞ୍ଚଳରେ ରହୁଥିବା ପିଲାଙ୍କ ଯିବା ଆସିବା ପାଇଁ ମାଗଣାରେ ପରିବହନ ସୁବିଧା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ।ପର୍ଯ୍ୟାପ୍ତ ଜମି ଥିବା ସ୍କୁଲଗୁଡ଼ିକୁ ଚୟନ କରାଯାଇ, ଭବିଷ୍ୟତରେ ହାଇସ୍କୁଲ ସ୍ତରକୁ ଅପଗ୍ରେଡ୍ ପାଇଁ ଏହାକୁ ଉନ୍ନତିକରଣ କରାଯିବ, ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଶିକ୍ଷା ଫଳାଫଳକୁ ଉନ୍ନତ କରିବା ଏବଂ ଶିକ୍ଷକ ଚୟନ ପ୍ରକ୍ରିୟାରେ ଉନ୍ନତ ପଦକ୍ଷେପ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ସଚିବ ଓ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭିତ୍ତିଭୂମିରେ ଉନ୍ନତି ଆଣିବା, ଆଧୁନିକ ଶିକ୍ଷାଦାନ ପଦ୍ଧତି ଗ୍ରହଣ କରିବା ଏବଂ ଅଭିଭାବକ, ପୂର୍ବତନ ଛାତ୍ର ଏବଂ ସ୍ଥାନୀୟ ଅଂଶୀଦାରଙ୍କ ସମ୍ପୃକ୍ତିକୁ ପ୍ରୋତ୍ସାହିତ କରିବା ଜାତୀୟ ଶିକ୍ଷା ନୀତି ୨୦୨୦( ̐ ୨୦୨୦ ) ସହିତ ସମନ୍ୱୟ ରଖି, ତୃତୀୟ ଶ୍ରେଣୀ ସୁଦ୍ଧା ମୌଳିକ ଶିକ୍ଷାଗତ ଦକ୍ଷତା ହାସଲ କରିବା ପାଇଁ ମୂଳଦୁଆ। ସାକ୍ଷରତା ଏବଂ ସଂଖ୍ୟାକୁ ସୁଦୃଢ଼ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁାରୋପ କରିଥିଲେ।

ଏହି ବିଦ୍ୟାଳୟ ଗୁଡିକରେ ଏସ୍‌ଟିଇଏମ୍ ପଦ୍ଧତିରେ ଶିକ୍ଷା, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ ଶିକ୍ଷା ସହ ବୃତ୍ତିଗତ ଦକ୍ଷତା ଓ ଅଭିଜ୍ଞତାମୂଳକ ଶିକ୍ଷା ସମେତ ବହୁବିଧ ଶିକ୍ଷାକୁ ପ୍ରାଧାନ୍ୟ ଦେବା ପାଇଁ ଛାତ୍ରଙ୍କ ସର୍ବାଙ୍ଗୀନ ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ସୃଜନଶୀଳତା, ସମାଲୋଚନାମୂଳକ ଚିନ୍ତାଧାରା ଏବଂ ଜୀବନ କୌଶଳକୁ ଉତ୍ସାହିତ କରିବା ପାଇଁ ରାଜ୍ୟସରକାରଙ୍କ ପ୍ରୟାସ ବିଷୟରେ ଏହି ବୈଠକରେ ଆ।ଲୋଚନା ହୋଇଥିଲା। ଉକ୍ତ ବୈଠକରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ମନୋଜ ଆ।ହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍କୁଲ ଓ ଗଣଶିକ୍ଷା ବିଭାଗ କମିଶନର ତଥା ସଚିବ, ଶାଳିନୀ ପଣ୍ଡିତ,ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ ଯାମିନୀ ଷଡ଼ଙ୍ଗୀ, ଓସେପା ନିର୍ଦ୍ଦେଶିକା, ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଜମ୍ମୁ-କଶ୍ମୀରକୁ ମିଳିପାରେ ରାଜ୍ୟ ମାନ୍ୟତା !

**ନୂଆଦିଲ୍ଲୀ,୪।୮(ମହାଭାରତ):**୨୦୧୯ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ଦୁଇ ଭାଗରେ ବିଭକ୍ତ କରି ଲଦାଖକୁ ଅଲଗା କରି ଦେଇଥିଲେ। ଜମ୍ମୁ-କଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳରେ ପରିଣତ ହୋଇଥିଲେ। କିନ୍ତୁ ଏବେ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ମିଳିବାର ଚର୍ଚ୍ଚା ଆରମ୍ଭ ହୋଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ

ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଭେଟିବା ପରେ ଏପରି ଚର୍ଚ୍ଚା ଆରମ୍ଭ ହୋଇଛି। ଏହାବାଦ ଜମ୍ମୁ-କଶ୍ମୀରର ବିଜେପି ମୁଖ୍ୟଙ୍କ ସମେତ ବିଭିନ୍ନ ନେତାଙ୍କ ସହ ଅମିତ ଶାହ ବୈଠକ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ବିଜେପି ନେତୃତ୍ୱାଧୀନ ଏନଡିଏ ସାଂସଦମାନଙ୍କ ବୈଠକ ଡାକିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ କିଛି ବୈଠକ କରିବାର ଖବର ମିଳିଛି।

ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଅଗଷ୍ଟ ୫ ତାରିଖ ୨୦୧୯ରେ ହୋଇଥିଲା। ଏହାକୁ ଆସନ୍ତାକାଲି ୬ ବର୍ଷ ପୂରିବାକୁ ଯାଉଛି। ତା’ ପୂର୍ବରୁ ଏପରି ଘନଘନ ବୈଠକ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ମିଳିବା ଚର୍ଚ୍ଚାକୁ ଆହୁରି ବଢ଼ାଇ ଦେଇଛି। ମୌସୁମୀ ଅଧିବେଶନ ଏବେ ଚାଲିଛି।

# ପରଲୋକରେ ଶିବୁ ସୋରେନ

**ନୂଆଦିଲ୍ଲୀ,୪।୮(ମହାଭାରତ):** ରାଜ୍ୟସଭା ସାଂସଦ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓ ଝାରଖଣ୍ଡର ପୂର୍ବତନ ତଥା ଝାରଖଣ୍ଡ ମୁକ୍ତି ମୋର୍ଚ୍ଚାର ଅନ୍ୟତମ ପ୍ରତିଷ୍ଠାତା ଶିବୁ ସୋରେନଙ୍କ ୮୧ ବର୍ଷ ବୟସରେ ଆଖି ବୁଜିଛନ୍ତି। ଅସୁସ୍ଥତା କାରଣରୁ ପ୍ରାୟ ମାସେ ହେବ ଦିଲ୍ଲୀର ସାର ଗଙ୍ଗା ରାମ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଶିବୁ ସୋରେନଙ୍କ ପୁଅ ତଥା ଝାରଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏହି ଦୁଃଖଦ ଖବର ସମସ୍ତଙ୍କୁ ଜଣାଇଛନ୍ତି। ସେ କହିଛନ୍ତି, ପ୍ରିୟର ଦିଶୋମ ଗୁରୁଜୀ ଆମକୁ ଛାଡ଼ି ଚାଲି ଯାଇଛନ୍ତି। ମୁଁ ଆଜି ସବୁ କିଛି ହରାଇ ଦେଲି। ତାଙ୍କ ଦେହାନ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବିରୋଧୀ ଦଳର ନେତା ତଥା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ସମସ୍ତ କେନ୍ଦ୍ର ମନ୍ତ୍ରୀ, ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଆସନ୍ତାକାଲି ଝାଡ଼ଖଣ୍ଡ ରାମଗଡ଼ ସ୍ଥିତି ପୈତୃକ ବାସଭବନରେ ହେବ ଅନ୍ତିମ ସଂସ୍କାର।



୧୯୪୪ ମସିହା ଜାନୁଆ।ରି ୧୧ରେ ଜନ୍ମ ଗ୍ରହଣ କରିଥିବା ଶିବୁ ସୋରେନ। ୧୯୭୦ରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଦଳ ଗଠନ କରିଥିଲେ। ଦୀର୍ଘ ୪ ଦଶନ୍ଧିରୁ ଅଧିକ ସମୟ ରାଜନୀତିକରେ ସକ୍ରିୟ ଥିବା ଶିବୁ ସୋରେନ ୭ ଥର ଲୋକସଭାକୁ ନିର୍ବାଚିତ ହୋଇଥିଲେ। ସେ ଦୁଇ ଥର ରାଜ୍ୟସଭାକୁ ଯାଇଛନ୍ତି। ରାଜ୍ୟସଭାରେ ଏବେ ବି ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ ଶେଷ ହୋଇ ନଥିଲା। ସାନ୍ତାଳ ସଂପ୍ରଦାୟରୁ ଆସିଥିବା ଶିବୁ ସୋରେନ ସବୁ ବେଳେ ପଛୁଆ ବର୍ଗ ଓ ଅନ୍ୟ ଜନଜାତିଙ୍କ ପାଇଁ ଲଢ଼େଇ କରୁଥିଲେ। ଏଥିପାଇଁ ତତ୍କାଳୀନ ବିହାରର ଅଂଶ ବିଶେଷ ଥିବା ରାମଗଡ଼ରେ ଜନ୍ମ ହୋଇଥିବା ଶିବୁ ସୋରେନଙ୍କୁ ସମସ୍ତେ ଗୁରୁଜୀ ବା ଦିଶୋମ ଗୁରୁ ବୋଲି କହୁଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ବାମପନ୍ଥୀ ଟ୍ରେଡ ୟୁନିୟନ ନେତା ଏକେ ରୟ ଓ କୁର୍ମି ମାହାତୋ ନେତା ବିନୋଦ ବିହାରୀ ମାହାତୋଙ୍କ ସହ ମିଶି ୧୯୭୨ରେ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ଗଠନ କରିଥିଲେ। ସମୟକ୍ରମେ ଶ୍ରୀ ସୋରେନ ରାଜ୍ୟ ଗଠନ ବିପ୍ଳବର ପ୍ରମୁଖ ନେତା ବନି ଯାଇଥିଲେ। ତାଙ୍କ ଉଦ୍ୟମ ଯୋଗୁ ବିହାରରୁ ୨୦୦୦ ମସିହାରେ ଜନ୍ମ ହୋଇଥିଲା ଝାଡ଼ଖଣ୍ଡ। ସେ ୧୯୮୦ରେ ପ୍ରଥମଥର ଡୁମକାରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ।

ପରବର୍ତ୍ତୀ ଅବସ୍ଥାରେ ଡୁମକା ଜେଏମଏମର ଗଡ଼ ପାଲଟି ଯାଇଥିଲା। ଏହାପରେ ୧୯୮୯, ୧୯୯୧, ୧୯୯୬,୨୦୦୪, ୨୦୦୯ ଓ ୨୦୧୪ରେ ଶ୍ରୀ ସୋରେନ ଏଠାରୁ ଜିତିଥିଲେ। କିନ୍ତୁ ୨୦୧୯ରେ ଶିବୁ ସୋରେନ ନିଜ ଗଡ଼ ଡୁମକାରେ ବିଜେପି ନେତା ନଳୀନ ସୋରେନଙ୍କ ଠାରୁ ୪୫ ହଜାର ଖଣ୍ଡ ଭୋଟରେ ପରାସ୍ତ ହୋଇଥିଲେ।ଶ୍ରୀ ସୋରେନ କେନ୍ଦ୍ରମନ୍ତ୍ରୀ ଭାବେ କାମ କରିବା ସହ ୩ଥର ଝାରଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ସେ କୌଣସି ପାଳିରେ ନିଜ କାର୍ଯ୍ୟକାଳ ପୂରଣ କରି ପାରି ନଥିଲେ। ସେ ପ୍ରଥମଥର ୨୦୦୫ରେ ଝାରଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ଗୃହରେ ସଂଖ୍ୟା ଗରିଷ୍ଠତାର ପ୍ରମାଣ ନ ଦେଇ ପାଇବାରୁ ତାଙ୍କୁ ୯ ଦିନ ମଧ୍ୟରେ ଇସ୍ତଫା ଦେବାକୁ ପଡ଼ିଥିଲା।

ଏହାପରେ ସେ ଆ।ଉ ଦୁଇ ଥର ମଧ୍ୟ ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ମାତ୍ର କିଛି ମାସ ମଧ୍ୟରେ ତାଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା।କେନ୍ଦ୍ର କ୍ୟାବିନେଟେ ମଧ୍ୟ ତାଙ୍କ ଯାତ୍ରା ସେଭଳି କିଛି ଥିଲା। ଶ୍ରୀ ସୋରେନ ୨୦୦୪ରେ ମନମୋହନ ସିଂହ ସରକାରରେ ସାମିଲ ହୋଇଥିଲେ। ତାଙ୍କୁ କେନ୍ଦ୍ରମନ୍ତ୍ରୀ କରାଯାଇଥିଲା। କିନ୍ତୁ ୧୯୭୪ ମସିହା ଚିରୁଡି ମାମଲାରେ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯିବାରୁ ସେ ଇସ୍ତଫା ଦେଇଥିଲେ।

# ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀଙ୍କୁ ମିଳିବ ଡିଜିଟାଲ୍ ସ୍ୱାସ୍ଥ୍ୟ କାର୍ଡ

**ଭୁବନେଶ୍ୱର,୪।୮(ମହାଭାରତ):** ହଷ୍ଟେଲରେ ବାସ କରୁଥିବା ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା କିପରି ଭଲ ରହିବ ସେନେଇ ସରକାର ନୂଆ। ଉପାୟ ବାହାର କରିଛନ୍ତି । ଏଣିକି ହଷ୍ଟେଲରେ ରହୁଥିବା ସ୍କୁଲ ଛାତ୍ରଛାତ୍ରୀଙ୍କୁ ଡିଜିଟାଲ୍ ହେଲଥ କାର୍ଡ ପ୍ରଦାନ କରିବେ ରାଜ୍ୟ ସରକାର। ଡିଜିଟାଲ୍ ହେଲଥ କାର୍ଡ ମାଧ୍ୟମରେ ଜାଣିହେବ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା। ଏନେଇ ଗଣଶିକ୍ଷା ବିଭାଗ ଯୋଜନା କରୁଛି ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଗତ ୨ ଦିନ ପୂର୍ବେ କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ବାଲିଯୋଡି ୟୁଜିୟୁପି ସ୍କୁଲ ହଷ୍ଟେଲ ଛାତ୍ରଙ୍କ ମୁଣ୍ଡରେ ପୋକ ଦେଖିବାକୁ ମିଳିଛି ।ଯାହା ଅନ୍ୟ ଛାତ୍ରଛାତ୍ରୀଙ୍କ ମନରେ ଭୟ ସୃଷ୍ଟି କରିଛି। ଏହି ଘଟମା ସାମ୍ନାକୁ ଆ।ସିବା ପରେ ଛାତ୍ର ଜଣଙ୍କୁ ଘଟଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ସ୍କୁଲ ଅଧକ୍ଷ। ତେବେ ସ୍କୁଲ କର୍ତ୍ତୃପକ୍ଷ ପିଲାଟିର ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଧ୍ୟାନ ନଦେଇଥିବାରୁ, ଫଳରେ ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁଁ ଏଭଳି ଘଟଣା ଘଟିଥିବା ସାମ୍ନାକୁ ଆ।ସିଛି।

## ବଲାଙ୍ଗୀ ଓ ବାଲେଶ୍ୱର ଘଟଣାରେ ପୁଣି ରାଜନୀତି

# ହରତାଳ ଓ ଶୋଭାଯାତ୍ରା କରିବେ ବିଜେଡି ଓ କଂଗ୍ରେସ

**ଭୁବନେଶ୍ୱର,୪।୮(ମହାଭାରତ):** ବାଲେଶ୍ୱର ଏଫଏମ ଛାତ୍ରୀ ଓ ବଲାଙ୍ଗୀ ଘଟଣାରେ ବିରୋଧୀ ବିଜେଡି ଓ କଂଗ୍ରେସ ବନ୍ଦ ଡାକରା, ବିକ୍ଷୋଭ ପ୍ରଦର୍ଶନ ପରେ ଉଭୟ ଦଳ ହରତାଳ, ସାଧାରଣ ଶୋଭାଯାତ୍ରା ଘୋଷଣା କରିବାକୁ ଘୋଷଣା କରିବ। ବିଜେଡି ବଲାଙ୍ଗୀ ପୀଡିତାର ମୃତ୍ୟୁ ନେଇ ସରକାରଙ୍କୁ କାଠଗଡାକୁ ଟାଣିବା ସହ ଆଗାମୀ ୭ ତାରିଖ ଦିନ ପୁରୀ ଜିଲ୍ଲାରେ ୬ ଘଣ୍ଟିଆ ହରତାଳ ପାଇଁ ଆହ୍ୱାନ ଦେଇଛନ୍ତି। ସେହିପରି କଂଗ୍ରେସ ପକ୍ଷରୁ ଆସନ୍ତା ୧୪ ତାରିଖରେ ବାଲେଶ୍ୱର ଏଫଏମ କଲେଜରୁ ଭୋଗରାଇ ଏବଂ ୧୨ ତାରିଖରେ ବଲାଙ୍ଗୀ ପୋଡି ଘଟଣାସ୍ଥଳରୁ ନିମାପଡା ଏକ ଶୋଭାଯାତ୍ରା ଆୟୋଜନ କରାଯିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ପୁରୀରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଜିଲ୍ଲା ସଭାପତି ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ବିଧାୟକ ତୁଷାରକାନ୍ତି ବେହେରା, ସୁନିଲ ମହାନ୍ତି, ପୂର୍ବତନ ବିଧାୟକ ରୁଦ୍ର ମହାରଥୀ, ବରିଷ୍ଠ ନେତା ସୁବ୍ରତ ଛାଟୋଇ, ବିଦ୍ୟାଧର ସ୍ୱାଇଁ ଓ ବୈରାଗୀ ଜେନା ପ୍ରମୁଖ ବଲାଙ୍ଗୀ ପୀଡିତାର ମୃତ୍ୟୁ ପରବର୍ତ୍ତୀ ସ୍ଥିତି ବିଷୟରେ ସରକାରଙ୍କୁ କାଠଗଡାକୁ ଟାଣିବା ସହ ଆଗାମୀ ଅଗଷ୍ଟ ୭ ତାରିଖ ଦିନ ପୁରୀ ଜିଲ୍ଲାରେ ୬ଘଣ୍ଟିଆ ହରତାଳ ପାଇଁ ଆହ୍ୱାନ ଦେଇଛନ୍ତି। ଶ୍ରୀ ସାମନ୍ତରାୟ କହିଥିଲେ ଯେ, ପୀଡିତାର ବାରମ୍ବାର ବୟାନ ରେକର୍ଡ କରିବା ବାହାନାରେ ପୋଲିସ ବିଜେପି ଦଳର ହାତବାରିସି ସାଜି ତାଙ୍କ ଗୁପ୍ତ ଏଜେଣ୍ଡାକୁ କାର୍ଯ୍ୟ କରିଛି। ବାଲେଶ୍ୱରର ଏଫ୍‌ଏମ୍ କଲେଜ ଘଟଣା ଭଳି, ପରିବାର ଉପରେ ଚାପ ପ୍ରୟୋଗ କରି ବୟାନ ବଦଳାଇବା ପାଇଁ ବାଧ କରିଛନ୍ତି ।

ବାଲେଶ୍ୱର ଏବଂ ବଲାଙ୍ଗୀ ଅପମୃତ୍ୟୁକୁ ନେଇ ଭବିଷ୍ୟତରେ କଂଗ୍ରେସ ଦଳ ଏନେଇ ଉକ୍ତ ଦୁଇ ସ୍ଥାନରେ ପଦଯାତ୍ରା କରିବା ସହ ରାଜ୍ୟବ୍ୟାପୀ ଥାନା ଘେରାଉ କାର୍ଯ୍ୟକ୍ରମ କରିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ।ନାରୀ ନ୍ୟାୟ ପାଇଁ ଆସନ୍ତା ୧୪ ତାରିଖରେ ବାଲେଶ୍ୱର ଏଫଏମ କଲେଜରୁ ଭୋଗରାଇ ଏବଂ ୧୨ ତାରିଖରେ ବଲାଙ୍ଗୀ ପୋଡି ଘଟଣାସ୍ଥଳରୁ ନିମାପଡା ଏକ ଶୋଭାଯାତ୍ରା ଆୟୋଜନ କରାଯିବ। ଆମେ ବଲାଙ୍ଗୀ ପୀଡ଼ିତାଙ୍କ ନ୍ୟାୟ ପାଇଁ ୭ ଦିନ ସମୟ ଦେଇଛୁ। ଯଦି ନ୍ୟାୟ ନ ମିଳେ, ତେବେ କଟକ ସ୍ଥିତ ଡିଜିପି ଅଫିସ କଂଗ୍ରେସ ପକ୍ଷରୁ ଘେରାଉ କରାଯିବ । ପୁଣି ସାରା ରାଜ୍ୟରେ ଥାନା ଘେରାଉ କାର୍ଯ୍ୟକ୍ରମ ରହିଛି । ଆମର ଉଦ୍ଦେଶ୍ୟ ପୁଲିସ ସହ ଲଢେଇ ନୁହେଁ, ପୁଲିସକୁ ସଚେତନ କରିବା । ରାଜନୈତିକ ଅଭିସନ୍ଧି ରଖି ଅପରାଧୀଙ୍କୁ ସରକାର ସୁରକ୍ଷା ଦେଉଛି । ଆମେ ପୁଲିସକୁ ବିବେକ ଅନୁଯାୟୀ କ୍ରିୟାଶୀଳ ହେବାପାଇଁ ଅନୁରୋଧ କରୁଛୁ ବୋଲି ସଭାପତି ଶ୍ରୀ ଦାସ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି ।

## ମାଟି ହାଣ୍ଡି ଶୁଖୁଆ

ଆବଶ୍ୟକ ସାମଗ୍ରୀ : କଟା ପିଆଜ, ଅଦା ବଟା, ରସୁଣ ବଟା, ସୋରିଷ ବଟା, ବଟା କଞ୍ଚାଲଙ୍କା, ଲଙ୍କା ଗୁଣ୍ଡ, ଧଣିଆ, କଟା ଟମାଟୋ, ଲୁଣ, ହଳଦୀ ଗୁଣ୍ଡ, ବଡ଼ି, ପୋଇଡ଼ଙ୍କ, ମାଟି ଆଳୁ, ସାରୁ, ପଥର ମୁଣ୍ଡି ଶୁଖୁଆ ଭଜା ଓ ସୋରିଷ ତେଲ

ପ୍ରସ୍ତୁତି ପ୍ରଣାଳୀ : ପ୍ରଥମେ ଗ୍ୟାସ୍ ଲଗାଇ ପଥର ମୁଣ୍ଡି ଶୁଖୁଆ କାଟି ଭାଜି ରଖନ୍ତୁ। ଚୁଲିରେ ହାଣ୍ଡି ବସାଇ ଦୁଇ ଚାମଚ ସୋରିଷ ତେଲ ପକାନ୍ତୁ । ତେଲ ଗରମ ହୋଇଯିବା ପରେ କଟା ପିଆଜ, ରସୁଣ ବଟା ୨ ଚାମଚ, ଅଦା ବଟା ୨ ଚାମଚ, ୨ ଚାମଚ ଲଙ୍କା ଗୁଣ୍ଡ, କିଛି କଟା କଞ୍ଚାଲଙ୍କା, କଟା ଟମାଟୋ ଓ ହଳଦୀ ଗୁଣ୍ଡ ପକାଇ କଷନ୍ତୁ।

ମସଲା କଷି ହୋଇଯିବା ପରେ ସେଥିରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ସିଝା ସାରୁ ଓ ମାଟି ଆଳୁ ପକାଇ କଷନ୍ତୁ। ଏହାପରେ ସେଥିରେ ୨ ଚାମଚ ସୋରିଷ ବଟା, ସ୍ୱାଦ ଅନୁସାରେ ଲୁଣ ପକାଇ କଷିବା ପରେ ଭଜା ହୋଇଥିବା ପୋଇ ପକାଇ ପାଣି ଦିଅନ୍ତୁ। ପାଣି ଫୁଟିଯିବା ପରେ ଶୁଖୁଆ ଭଜା ଓ ଭଜା ବଡ଼ି ପକାଇ ୧୦ ରୁ ୧୫ ମିନିଟ୍ ଭଲ ଭାବରେ ଫୁଟାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର ମାଟି ହାଣ୍ଡି ଶୁଖୁଆ।



..... ପରଦା ଖବର ......

# 'ଶୋଲେ'ର ସିକ୍ୱେଲ କେବେ ବି ହୋଇପାରିବ ନାହିଁ: ହେମା



ସଞ୍ଜୀବ କପୁର, ଅମିତାଭ ବଚ୍ଚନ, ଧର୍ମେନ୍ଦ୍ର, ହେମା ମାଳିନୀ, ଜୟା ବଚ୍ଚନ ଏବଂ ଅମଜାଦ ଖାନ ଅଭିନୀତ 'ଶୋଲେ' ହିନ୍ଦୀ ସିନେମାର ସର୍ବୋତ୍ତମ ଫିଲ୍ମ ମଧ୍ୟରୁ ଗୋଟିଏ। ଏହି ବର୍ଷ ସ୍ୱାଧୀନତା ଦିବସରେ, ଏହି ଫିଲ୍ମଟି ରିଲିଜ୍ ହେବାର ୫୦ ବର୍ଷ ପୂରଣ କରିବ। ଏହି ଫିଲ୍ମଟି ଦର୍ଶକଙ୍କ ମଧ୍ୟରେ ଏବେ ବି ସେହିପରି ଲୋକପ୍ରିୟ ହୋଇ ରହିଛି କାହାଣୀଠାରୁ ଆରମ୍ଭ କରି ଫିଲ୍ମର ଚରିତ୍ର ପର୍ଯ୍ୟନ୍ତ, ସବୁକିଛି ସମସ୍ତଙ୍କ ହୃଦୟରେ ଅଛି । କେବଳ ଏତିକି ନୁହେଁ, 'ଶୋଲେ'ର ପ୍ରତ୍ୟେକ ସଂଳାପ ଲୋକଙ୍କ ମନରେ ଏବେ ବି ଅଛି। ତେବେ ଏନେଇ ଫିଲ୍ମର ମୁଖ୍ୟ ଅଭିନେତ୍ରୀ ହେମା ମାଳିନୀ କହିଛନ୍ତି ଯେ, 'ଯେତେବେଳେ ମୁଁ କାମ କରିବା ଆରମ୍ଭ କଲି... ମୁଁ ଜାଣି ନଥିଲି ଯେ ଏହା ଏତେ ବଡ଼ ହିଟ୍ ହେବ ।' ସେ ଆହୁରି କହିଛନ୍ତି, ଦ୍ୱିତୀୟ ଶୋଲେ ତିଆରି କରିବା କଷ୍ଟକର।' ରିପୋର୍ଟ ଅନୁଯାୟୀ, ୩ କୋଟି ବଜେଟରେ ନିର୍ମିତ ରମେଶ ସିପ୍ପିଙ୍କ 'ଶୋଲେ' ବକ୍ସ-ଅଫିସରେ ପ୍ରାୟ ୫୦ କୋଟି ରୋଜଗାର କରିଥିଲା।ବହୁତ କମ୍ ଲୋକ ଜାଣିଥିବେ ଯେ ଯେତେବେଳେ ଫିଲ୍ମଟି ରିଲିଜ୍ ହୋଇଥିଲା, ଏହାକୁ ନକାରାତ୍ମକ ସମୀକ୍ଷା ମିଳିଥିଲା ଏବଂ ପ୍ରଥମ ଦୁଇ ସପ୍ତାହରେ ଏହା ବକ୍ସ ଅଫିସରେ କୌଣସି ଚମତ୍କାର କରିପାରିନଥିଲା। ତଥାପି, ପରେ ଦର୍ଶକଙ୍କ ମଧ୍ୟରେ ଫିଲ୍ମଟିର ପ୍ରଚାର ଭଲ ହୋଇଥିଲା ଏବଂ ଲୋକମାନେ ଏହାକୁ ଦେଖିବାକୁ ସିନେମା ହଲ୍ ପହଞ୍ଚିଥିଲେ। ସମସ୍ତେ ଫିଲ୍ମଟିକୁ ପସନ୍ଦ କରିଥିଲେ। ବିଶେଷକରି ଜୟ ଏବଂ ବୀରୁଙ୍କ ବନ୍ଧୁତା ଲୋକଙ୍କ ହୃଦୟ ଜିତିଥିଲା। ରମେଶ ସିପ୍ପିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ମୁମ୍ବାଇର ମିନର୍ଭା ଥିଏଟରରେ ପାଞ୍ଚ ବର୍ଷ ଧରି ଚାଲିଥିଲା। ନ୍ୟପକ୍ଷରେ, ଯଦି ଆମେ ହେମା ମାଳିନୀଙ୍କ ଫିଲ୍ମ ବିଷୟରେ କଥା ହେବା, ତେବେ ସେ ଗତ କିଛି ବର୍ଷ ଧରି ଫିଲ୍ମରୁ ଦୂରରେ ଅଛନ୍ତି। ଏହି ଅଭିନେତ୍ରୀଙ୍କୁ ଶେଷ ଥର ପାଇଁ ୨୦୨୦ ମସିହାରେ ମୁକ୍ତିଲାଭ କରିଥିବା 'ସିମଲା ମିର୍ଚି'ରେ ଦେଖିବାକୁ ମିଳିଥିଲା। ଏବେ ତାଙ୍କ ପ୍ରଶଂସକମାନେ ତାଙ୍କୁ ପୁଣି ଥରେ ବଡ଼ ପରଦାରେ ଦେଖିବା ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି।

## ଦୈନନ୍ଦିନ ଖାଦ୍ୟରେ ଏହି ସବୁ ବ୍ୟବହାର କରନ୍ତୁ ନାହିଁ



ଆମେ ଦୈନନ୍ଦିନ ରୋଷେଇରେ ବ୍ୟବହାର କରୁଥିବା ଏମିତି ଅନେକ ଖାଦ୍ୟ ପ୍ରସ୍ତୁତି ଉପକରଣ ରହିଛି ଯାହା ଶରୀର ପାଇଁ ଆଦୌ ସୁସ୍ଥକର ନୁହେଁ। ପ୍ରାରମ୍ଭରୁ ସେସବୁ ବ୍ୟବହାର ହେଉଥିବାର ଦେଖିଥିବା ହେତୁ ହେଉ କିମ୍ବା ନିଜେ ବ୍ୟବହାର କରିଥିବା ହେତୁ ହେଉ ସେଗୁଡ଼ିକର ଖରାପ ଗୁଣ ବିଷୟରେ ଚିନ୍ତା କରନ୍ତି ନାହିଁ। ମାତ୍ର ଏପରି ଅନେକ ଜିନିଷ ରହିଛି ଯାହାକୁ ଖାଦ୍ୟରେ ବ୍ୟବହାର କରିବା ଅନୁଚିତ। ବଜାରରେ ମିଳୁଥିବା ଶସ୍ତା ଖୋଲା ତେଲ ଆଦୌ ବି ଦେହ ପାଇଁ ଭଲ ହୋଇନଥାଏ। ତେଲ ପଛେ ଖୁବ କମ୍ ବ୍ୟବହର କରନ୍ତୁ ମାତ୍ର ଶସ୍ତା ତେଲ ରୋଷେଇରେ ବ୍ୟବହାର କରି ରୋଗକୁ ନିମନ୍ତ୍ରଣ କରନ୍ତୁ ନାହିଁ। ପୂରା ବାହାର ଖାଇବାର ସ୍ୱାଦ ପାଇବା ପାଇଁ ଆମେ ଖାଦ୍ୟରେ ଯେଉଁ ସବୁ କ୍ରିମ୍ ବ୍ୟବହାର କରିଥାନ୍ତି ତାହା ଦେହ ପାଇଁ ନିହାତି ଅସୁସ୍ଥକର। ପାରୁଛନ୍ତି ଯଦି ସେହି କ୍ରିମ୍ ବ୍ୟବହାର କରିବା ଛାଡ଼ି ଦିଅନ୍ତୁ। ଖାଦ୍ୟର ରଂଗ ଭଲ କରିବା ପାଇଁ ଆଜିକାଲି ବଜାରରେ ନାନା ପ୍ରକାରର ଫୁଡ୍ କଲରିଂ ଉପଲବ୍ଧ ହେଉଛି। ମାତ୍ର ମନେ ରଖନ୍ତୁ ତାହା ଦେହ ପାଇଁ ଆଦୌ ସୁସ୍ଥକର ନୁହେଁ। ଆଖିକୁ ଭଲ ଦିଶିଥାଏ ବୋଲି ଆମେ ଅଧିକାଂଶ ସମୟରେ ଧଳା ଚାଉଳ ଖାଇବାକୁ ପସନ୍ଦ କରିଥାନ୍ତି। ମାତ୍ର ମନେ ରଖନ୍ତୁ ଧୂଷର ରଙ୍ଗର ଚାଉଳ ଦେହ ପାଇଁ ଭଲ ହୋଇଥାଏ। ଖାଦ୍ୟର ସ୍ୱାଦ ବଢ଼ାଇବା ପାଇଁ ଆମେ ଅଧିକାଂଶ ଖାଦ୍ୟରେ ଚିନି ବ୍ୟବହାର କରିଥାନ୍ତି। ମାତ୍ର ଯେତେ ପାରୁଛନ୍ତି ଏହାକୁ କମ୍ ବ୍ୟବହାର କରନ୍ତୁ। ଏହା ଦେହ ଖରାପ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ।

# ଯକୃତକୁ ସଫା ରଖେ ଏହି ପରିବା



ଯକୃତ ହେଉଛି ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରରୁ ବିଷାକ୍ତ ଜିନିଷକୁ ବାହାର କରିଦିଏ, ଖାଦ୍ୟ ହଜମ କରିବା ସହିତ ଶରୀରକୁ ଶକ୍ତି ମଧ୍ୟ ଦେଇଥାଏ। କିନ୍ତୁ ଆଜିକାଲି ଅଧିକ ତେଲ, ଚିନି ଓ ଜଙ୍କ ଫୁଡ୍ ଖାଇବା ଯୋଗୁଁ ଯକୃତ ଉପରେ ବହୁତ ଚାପ ପଡୁଛି। ଏହା ଯକୃତକୁ ଦୁର୍ବଳ କରିପାରେ ଓ ଅନେକ ରୋଗର କାରଣ ମଧ୍ୟ ହୋଇପାରେ। ହେଲେ ଚିନ୍ତା କରନ୍ତୁ ନାହିଁ କିଛି ସାଧାରଣ ପରିବା ଖାଇଲେ ଆପଣଙ୍କ ଯକୃତ ସଫା ଓ ସୁସ୍ଥ ରହିବ। ଆସନ୍ତୁ ଜାଣିବା ଏହି ୬ଟି ପରିବା ବିଷୟରେ:

ପାଳଙ୍ଗ: ପାଳଙ୍ଗ ହେଉଛି ଏକ ପ୍ରକାରର ଶାଗ। ପାଳଙ୍ଗକୁ ସାଲାଡରେ ଖାଇପାରିବେ, ସୁପ୍ ,ଜୁସ୍ ଓ ତରକାରୀ ମଧ୍ୟ ରାନ୍ଧି ଖାଇପାରିବେ । ସକାଳେ ପାଳଙ୍ଗ ଜୁସ୍ ପିଇଲେ ଯକୃତ ସହ ପେଟ ମଧ୍ୟ ସଫା ରହେ।

ବିଟ୍: ବିଟ୍ ଯକୃତ ପାଇଁ ଏକ ଭଲ ପରିବା । ଏହା ଯକୃତକୁ ସଫା କରେ ଓ ରକ୍ତକୁ ଶୁଦ୍ଧ ରଖେ। ଏହା ଯକୃତର କୋଷକୁ ମଜବୁତ କରେ ଓ ନୂଆ କୋଷ ତିଆରି କରିବାରେ ସାହାଯ୍ୟ କରେ। ବିଟକୁ ଜୁସ୍ କରି ପିଅନ୍ତୁ, ସାଲାଡରେ ମିଶାନ୍ତୁ କିମ୍ବା ହାଲକା ସିଝାଇ ଖାଆନ୍ତୁ।

ବ୍ରକୋଲି: ଏହା ଯକୃତକୁ ସଫା ରଖିବା ପାଇଁ ସାହାଯ୍ୟ କରେ ଓ ଶରୀରରୁ ଖରାପ ଜିନିଷ ବାହାର କରେ। ନିୟମିତ ବ୍ରକୋଲି ଖାଇଲେ ଯକୃତରେ ଚର୍ବି ଜମା ହେବା ରୋଗକୁ ମଧ୍ୟ କମାଇପାରୁଛି । ବ୍ରକୋଲିକୁ ସୁପ୍, ତରକାରୀ କିମ୍ବା ହାଲକା ସିଝାଇ ଖାଆନ୍ତୁ।

କଲରା: କଲରା ପିତା ହେଲେ ମଧ୍ୟ ଏହା ଯକୃତ ପାଇଁ ବହୁତ ଲାଭଦାୟକ। ଏହା ଶରୀରରୁ ବିଷ ବାହାର କରେ। କଲରାକୁ ତରକାରୀ, ଭଜା କିମ୍ବା ଜୁସ୍ କରି ଖାଇପାରିବେ।

ଧନିଆ: ଧନିଆ ପତ୍ର କେବଳ ଖାଦ୍ୟକୁ ସ୍ୱାଦିଷ୍ଟ କରେ ନାହିଁ, ଯକୃତକୁ ମଧ୍ୟ ସଫା ରଖେ। ଧନିଆକୁ ଚଟଣୀ, ସୁପ୍, ଜୁସ୍ କିମ୍ବା ଖାଦ୍ୟ ଉପରେ ପକାଇ ଖାଇପାରିବେ।

ବନ୍ଧାକୋବି: ଶୀତଦିନେ ଅଧିକ ମାତ୍ରାରେ ବ୍ୟବହାର ହେଉଥିବା ପରିବା ହେଉଛି କୋବି। ତେବେ ବନ୍ଧାକୋବି ହେଉଛି ଯକୃତର ପାଇଁ ଏକ ଉପଯୋଗୀ ପରିବା। ଏହା ଯକୃତରୁ ବିଷାକ୍ତ ଜିନିଷ ବାହାର କରେ। ବନ୍ଧାକୋବିକୁ ତରକାରୀ, ସାଲାଡ୍, ସୁପ୍ କିମ୍ବା ପରାଠାରେ ମିଶାଇ ଖାଆନ୍ତୁ।

# ତ୍ୱଚା ପାଇଁ କଞ୍ଚାକ୍ଷୀରର ଉପାଦେୟତା





କଞ୍ଚାକ୍ଷୀର ଶରୀର ପାଇଁ ଭଲ ବୋଲି ଆମେ ପିଲାବେଳୁ ଶୁଣି ଆସିଛେ। ଏଥିରେ ଭିଟାମିନ୍ ଏ, କ୍ୟାଲସିୟମ୍, ଆଇରନ୍, ପ୍ରୋଟିନ୍, ଫ୍ୟାଟ୍, କୋଲେଷ୍ଟ୍ରଲ୍ ପରି ପୋଷକତତ୍ତ୍ୱ ରହିଛି। କେବଳ ଶରୀର ନୁହେଁ, ତ୍ୱଚାକୁ ସୁସ୍ଥ ରଖିବା ପାଇଁ କଞ୍ଚାକ୍ଷୀର ସାହାଯ୍ୟ କରିଥାଏ। ଏହାକୁ ମୁହଁରେ ଲଗାଇଲେ ତ୍ୱଚା ଉଜ୍ଜ୍ୱଳ ହେବା ସହିତ କୋମଳ ହୋଇଥାଏ। ତା'ହେଲେ ଆସନ୍ତୁ ଜାଣିବା ତ୍ୱଚାର ସୌନ୍ଦର୍ଯ୍ୟ ପାଇଁ କଞ୍ଚାକ୍ଷୀରକୁ କିପରି ବ୍ୟବହାର କରାଯାଇପାରିବ।

୧. ଅମୃତଭଣ୍ଡା ଓ କଞ୍ଚାକ୍ଷୀରର ମିଶ୍ରଣକୁ ତ୍ୱଚାରେ ଲଗାଇଲେ ତ୍ୱଚାରେ ନାଚୁରାଲ୍ ଗ୍ଲୋ ଆସିଥାଏ। ଅମୃତଭଣ୍ଡାରେ ଏକ ଏନଜାଇମ୍ ରହିଛି, ଯାହା ଡେଡ୍ ସେଲ୍କୁ ତ୍ୱଚାରୁ ବାହାର କରି ବ୍ରଣ ଓ ଦାଗ ସମସ୍ୟା ଦୂର କରିଥାଏ।

୨. ବୟସ ବଢିଲେ ତ୍ୱଚାରେ କୁଞ୍ଚନ ଆସିଥାଏ। ଏଥିପାଇଁ ଅମୃତଭଣ୍ଡାରେ କଞ୍ଚାକ୍ଷୀର ମିଶାଇ ମୁହଁରେ ଲଗାନ୍ତୁ। କିଛି ସମୟ ରଖିବା ପରେ ମୁହଁକୁ ପାଣିରେ ଧୋଇ ଦିଅନ୍ତୁ। ଦେଖିବେ ମୁହଁରେ ଉଜ୍ଜ୍ୱଳତା ଆସିବ।

୩. ଧୂଳି ଓ ଧୂଆଁ ଯୋଗୁ ତ୍ୱଚା ମଳିନ ଦିଶିଥାଏ। ଏଥିପାଇଁ କଞ୍ଚାକ୍ଷୀରରେ ମହୁ ମିଶାଇ ମୁହଁରେ ଲଗାନ୍ତୁ। ମହୁ ତ୍ୱଚାରେ ଥିବା ଟାନ୍କୁ ସଫା କରିଥାଏ।

୪. ମସୁର ଡ଼ାଲି, ବେସନ ଓ କଞ୍ଚାକ୍ଷୀରକୁ ରାତିରେ ବତୁରାଇ ରଖିଦିଅନ୍ତୁ। ସକାଳେ ଏହାର ପେଷ୍ଟ ପ୍ରସ୍ତୁତ କରି ନିୟମିତ ଭାବରେ ମୁହଁରେ ଲଗାନ୍ତୁ। ଏପରି କଲେ ତ୍ୱଚାରେ ଥିବା ଅତିରିକ୍ତ କେଶ ସଫା ହେବା ସହିତ ତ୍ୱଚା ଉଜ୍ଜ୍ୱଳ ହୋଇଥାଏ।



# ପାହାଡ଼ ଉପରେ ବିରାଜମାନ ବାବା ସିଦ୍ଧେଶ୍ୱର

ମହାନଦୀ କୂଳ ପାହାଡ଼ ଉପରେ ବିରାଜମାନ ବାବା ସିଦ୍ଧେଶ୍ୱର। କଟକ ଜିଲ୍ଲା ବାରଙ୍ଗ ବ୍ଲକ ନରାଜ ତଳଗଡ଼ରେ ନଦୀ କୂଳରେ ଅତି ସୁନ୍ଦର ମନୋରମ ପରିବେଶରେ ପୂଜା ପାଉଛନ୍ତି ବାବା । କିମ୍ବଦନ୍ତୀ କହେ, ଏଠାରେ କିଛି ଦିନ ପାଣ୍ଡମାନେ ବାସ କରି ପ୍ରଭୁ ସିଦ୍ଧେଶ୍ୱରଙ୍କ ପୂଜାର୍ଚ୍ଚନା କରିଥିଲେ । ବାବାଙ୍କ ନିକଟରେ ମାନସିକ କଲେ ମନସ୍କାମନା ପୂରଣ ହେଉଥିବାର ବିଶ୍ୱାସ ଥିବାରୁ ପ୍ରତିଦିନ ଏଠାକୁ ଭକ୍ତଙ୍କ ସୁଅ ଛୁଟିଛି । ଏଠାକାର ମୁଖ୍ୟ ପର୍ବ ହେଉଛି ମହା ଶିବରାତ୍ରି ।



ଏହା ବ୍ୟତୀତ ପ୍ରତିବର୍ଷ ଶ୍ରାବଣ ସୋମବାରରେ ମଧ୍ୟ ଭକ୍ତଙ୍କ ସଂଖ୍ୟା ବଢିଯାଏ । କିମ୍ବଦନ୍ତୀ ଅନୁସାରେ ଦ୍ୱାପର ଯୁଗରେ ପଞ୍ଚୁ ପାଣ୍ଡବ ବନବାସ ସମୟରେ ମାତା କୁନ୍ତିଙ୍କ ସହିତ ସିଦ୍ଧେଶ୍ୱର ପାହାଡ଼ରେ କିଛି ଦିନ ଅବସ୍ଥାନ କରିଥିଲେ । ଆଉ ସିଦ୍ଧି ପ୍ରାପ୍ତି ଉଦ୍ଦେଶ୍ୟରେ ଭଗବାନ ଶିବଙ୍କୁ ପ୍ରତିଷ୍ଠା କରି ପୂଜାର୍ଚ୍ଚନା କରିଥିଲେ । ସେଇଥିପାଇଁ ତ ଏହାର ନାମକରଣ ସିଦ୍ଧେଶ୍ୱର ହୋଇଛି । ସେଠାରେ ଥିବା କିଛି ଗୁମ୍ଫାରେ ପାଣ୍ଡବମାନେ ଅବସ୍ଥାନ କରିଥିଲେ ବୋଲି ଶୁଣିବାକୁ ମିଳେ।

ପରବର୍ତ୍ତୀ ସମୟରେ ବୌଦ୍ଧ ସ୍ୟମାନେ ସେହି ଗୁମ୍ଫାଗୁଡ଼ିକରେ ରହୁଥିଲେ ବୋଲି ଶୁଣାଯାଏ । ସାପୁଆ ନଦୀ ଓ ମହାନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ ସିଦ୍ଧେଶ୍ୱର ମନ୍ଦିର । ବର୍ତ୍ତମାନର ମନ୍ଦିର ଗଙ୍ଗବଂଶୀ ରାଜାଙ୍କ ଦ୍ୱାରା ନିର୍ମାଣ ହୋଇଥିବା ଜଣାଯାଏ । ଗର୍ଭ ଗୃହରେ ଥିବା ଶିବଲିଙ୍ଗ ଶ୍ୱେତ ରଙ୍ଗର ଏବଂ ବାହାରେ ମା' ପାର୍ବତୀ ମଧ୍ୟ ଶ୍ୱେତ ରଙ୍ଗର । ମନ୍ଦିର ଗର୍ଭଗୃହରେ ଭୈରବଙ୍କ ଏକ ବିଗ୍ରହ ରହିଛି । ଏଠାରେ ପାହାଡ଼ କଟା ହୋଇ ତିଆରି ହୋଇଛି ମନ୍ଦିର ବେଢ଼ା । ପାହାଡ଼ରେ ଏପରି ଏକ ଗୁମ୍ଫା ରହିଛି ଯାହାର ଆକାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ।ଗୁମ୍ଫାର ଆକାର ଦିନକୁ ଦିନ ବୃଦ୍ଧି ପାଉଥିଲେ ହେଁ ଏହାର କାରଣ କେହି ଜାଣି ପାରୁନାହାନ୍ତି । ଯାହା ଆଜି ବି ଏକ ରହସ୍ୟ ହୋଇ ରହିଛି । ମନ୍ଦିର ଗର୍ଭ ଗୃହଟି ଗୋଟିଏ ପଥରରେ ନିର୍ମାଣ ହୋଇଛି । ତାହାରି ମଧ୍ୟରେ ପୂଜା ପାଉଛନ୍ତି ବାବା ସିଦ୍ଧେଶ୍ୱର । ବାବା ସିଦ୍ଧେଶ୍ୱରଙ୍କ ପୀଠରେ ବର୍ଷ ସାରା ଭକ୍ତଙ୍କ ପ୍ରବଳ ଭିଡ଼ ଲାଗିରହିଛି । ତେବେ ମୁଖ୍ୟ ପର୍ବ ହେଉଛି ମହା ଶିବରାତ୍ରି । ସେହିଭଳି ଶ୍ରାବଣ ସୋମବାରରେ ମଧ୍ୟ ଏଠାରେ ଭକ୍ତଙ୍କ ସଂଖ୍ୟା ବଢିଯାଏ ।ମନ୍ଦିର ସକାଳ ୬ଟା ୧୫ରେ ଖୋଲିଥାଏ। ଫଳମୂଳ ଆଦି ବାଳଭୋଗ ଲାଗି ହୁଏ । ମଧ୍ୟାହ୍ନ ୧୨ ଟାରେ ଅଭ,ଡାଲମା, ଖଟା ଆଦି ଭୋଗ ଲାଗିହୁଏ । ପୁଣି ଅପରାହ୍ନ ୩ ଟାରେ ପହଡ଼ ଖୋଲିଥାଏ।

ମହାଭାରତ
# ନଗରନକ୍ସା
ମହାନଗରର ନିଜ ଭାଷା
ମଙ୍ଗଳବାର, ୫ ଅଗଷ୍ଟ, ୨୦୨୫


## ସ୍କାଉଟସ୍ ଗାଇଡସ୍‌ର କାର୍ଯ୍ୟକାରିଣୀ ବୈଠକ




ଭୁବନେଶ୍ୱର,୪।୮ (ମହାଭାରତ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂସ୍ଥାର ୧୪୫ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ତା୦୨.୦୮.୨୦୨୫ରିଖ ଦିନ ୧୨.୩୦ ମିନିଟ୍ ସମୟରେ ଆୟୋଜିତ ହୋଇଅଛି । ରାଜ୍ୟ ମୁଖ୍ୟ କମିଶନର ଡଃ. କାଳି ପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ବୈଠକରେ ରାଜ୍ୟ କମିଶନରଙ୍କ ସମେତ ବିଭିନ୍ନ ଜିଲ୍ଲାର ସଭ୍ୟମାନେ ଉପସ୍ଥିତ ଥିଲେ । ରାଜ୍ୟ ସମ୍ପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟଙ୍କ ସ୍ୱାଗତ ଅଭିଭାଷଣ ପରେ ବିବରଣୀ ପାଠ କରିଥିଲେ । ଓଡିଶାର ବିଭିନ୍ନ ଜିଲ୍ଲାର ଦିବଂଗତ ସ୍କାଉଟ୍ ଗାଇଡ୍‌ର ସଭ୍ୟ ସଭ୍ୟାମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ପରେ ବିଗତ ବର୍ଷରେ ରାଜ୍ୟ ସଂସ୍ଥା ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକର ସମୀକ୍ଷା କରାଯିବା ସଂଗେ ସଂଗେ ଆଗାମୀ ବର୍ଷରେ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡ଼ିକର ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ଏତଦ୍‌ବ୍ୟତୀତ ବିଗତ ବର୍ଷର ଆୟବ୍ୟୟ ସମୀକ୍ଷା କରାଯାଇ ଆଗାମୀ ବର୍ଷର ଆର୍ଥିକ ଖର୍ଚ୍ଚ ଅଟକଳ କମିଟି ଦ୍ୱାରା ଅନୁମୋଦନ ଲାଭ କରିଥିଲା । ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମଗୁଡ଼ିକରେ ରାଜ୍ୟ ବିଶେଷ ସଫଳତା ପାଇଥିବାରୁ କମିଟିରେ ଆନନ୍ଦ ପ୍ରକାଶ ପାଇଥିଲା ।

## ଛାତ୍ର କଂଗ୍ରେସର ମହମବତୀ ଶୋଭାଯାତ୍ରା

ଭୁବନେଶ୍ୱର,୪।୮ (ମହାଭାରତ): ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ବଳଙ୍ଗା ପୀଡ଼ିତାଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସାହାରୁଖ ଖାନଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସର କର୍ମୀମାନେ କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଏକ ମହମବତୀ ଶୋଭାଯାତ୍ରାରେ ଯାଇଥିଲେ ।




ସେଠାରେ ଛାତ୍ର କଂଗ୍ରେସର କର୍ମୀମାନେ ବଳଙ୍ଗା ପୀଡ଼ିତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି କହିଛନ୍ତି ଯେ ମୋହନ ସରକାର ବଳଙ୍ଗା ପୀଡ଼ିତାକୁ ନ୍ୟାୟ ନଦେବା ପାଇଁ ଚକ୍ରାନ୍ତ କରିଛନ୍ତି । ଘଟଣାକୁ ଚପାଇ ଦେବାପାଇଁ ମିଛ କାହାଣୀ ରଚନା କରାଯାଇଛି । ବାଲେଶ୍ୱର ଏଫଏମ ସଂୟଶାସିତ ମହାବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ଘଟଣାକୁ ଯେପରି ଚପେଇ ଦେବାପାଇଁ ସରକାର ସମସ୍ତ ଉଦ୍ୟମ କରୁଛନ୍ତି ସେହିଭଳି ବଳଙ୍ଗା ପୀଡ଼ିତାର ମୃତ୍ୟୁ ପଛରେ ଥି ବା କାହାଣୀ ମଧ ଲୋକଲୋଚନକୁ ଆସିପାରିବ ନାହିଁ । ମୋହନ ସରକାରରେ ମହିଳା ଅତ୍ୟାଚାରିତ ଓ ଆତଙ୍କିତ ।

ସେହିଭଳି ଛାତ୍ର କଂଗ୍ରେସର ଉପସଭାପତି ସାଗର ପଟ୍ଟନାୟକ ଏବଂ ଛାତ୍ର କଂଗ୍ରେସ ନେତା ଦେବୀ ପ୍ରସାଦ ଜେନା (ବୁବୁ) ଏହି ଘଟଣାରେ ପ୍ରଭାତୀ ପରିଡ଼ା ମୁଖ୍ୟ ଖଳନାୟିକା ବୋଲି କହିଛନ୍ତି । ସେ ପୀଡ଼ିତାଙ୍କୁ ସାକ୍ଷାତ କରିବାପାଇଁ ଭୁବନେଶ୍ୱର ଏମସ ଆସିପାରିଲେ ନାହିଁ ହେଲେ ଦିଲ୍ଲୀ ଯାଇଥିଲେ । ସେଠାରେ ସେ ଷଡଯନ୍ତ୍ର କରି ତଦନ୍ତର ମୋଡ଼ ବଦଳାଇ ଦେଇଛନ୍ତି । ସତ କିପରି ଲୁଚିଯିବ ସେଥିପାଇଁ ପ୍ରଭାତୀ ପରିଡ଼ାଙ୍କ ରଚିତ ନାଟକକୁ ପ୍ରଶାସନ ବା ପୋଲିସ ଏବେ କହୁଛି । ସୁତରାଂ ବଳଙ୍ଗା ପୀଡ଼ିତାକୁ ମୋହନ ସରକାର ହତ୍ୟା କରିଛି । କାର୍ଯ୍ୟକ୍ରମରେ ରାଜେଶ ବେହେରା, ଏସକେ ଜିଆଉଦ୍ଦିନ, ଦେବାଶିଷ ମଙ୍ଗରାଜ, ସନାତନ ବେହେରା, ଟିଟୁ ରାଉତରାୟ, ଅନିଲ ପଣ୍ଡା, ସୁବ୍ରତ ସ୍ୱାଇଁ, ସ୍କନ୍ଦନ ସ୍ୱାଇଁ, ରାହୁଲ ରାଓ, ରାହୁଲ ମାଝୀ, ଆୟୁଶ ଖୁଣ୍ଟିଆ, ରାଜେଶ ମହାନ୍ତି, ନରେନ୍ଦ୍ର ସ୍ୱାଇଁ, ଅମ୍ଲାନ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## କିଟ୍‌ର ପଦକ ବିଜେତା ଖେଳାଳିଙ୍କୁ ସମ୍ବର୍ଦ୍ଧନା




ଭୁବନେଶ୍ୱର,୪।୮ (ମହାଭାରତ): ଜର୍ମାନୀର ରାଇନ୍-ରୁହରଠାରେ ଶେଷ ହୋଇଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ୨୦୨୫ରେ ଭାରତର ପ୍ରତିନିଧିତ୍ୱ କରି ବିଭିନ୍ନ ବିଭାଗରେ ପଦକ ହାସଲ କରିଥିବା କିଟ୍ ବିଶ୍ୱବିଦ୍ୟାଳୟର ୧୧ଜଣ କ୍ରୀଡ଼ାବିତ୍‌ଙ୍କୁ ଆଜି କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଏହି କ୍ରୀଡ଼ା ପ୍ରତିଯୋଗୀତାରେ ରୌପ୍ୟ ପଦକ ହାସଲ କରିଥିବା ପ୍ରତ୍ୟେକ କ୍ରୀଡ଼ାବିତ୍‌ଙ୍କୁ କିଟ୍ ଓ କିସ୍ ପକ୍ଷରୁ ୩ ଲକ୍ଷ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ବେଳେ କାଂସ୍ୟ ପଦକ ହାସଲ କରିଥିବା ପ୍ରତ୍ୟେକ ଖେଳାଳୀଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତରୁ କିଟ୍ ବିଶ୍ୱବିଦ୍ୟାଳୟର ସର୍ବାଧିକ ଖେଳାଳି ପ୍ରତିନିଧିତ୍ୱ କରିଥିଲେ । ଏହି କ୍ରୀଡ଼ାରେ ଭାରତ ମୋଟ ୧୨ଟି ପଦକ ହାସଲ କରିଥିବା ବେଳେ କେବଳ କିଟ୍ ଖେଳାଳିମାନେ ୬ଟି ପଦକ ହାସଲ କରିଛନ୍ତି । ଏହା କିଟ୍ ତଥା ଓଡ଼ିଶା ପାଇଁ ଗୌରବର ବିଷୟ ବୋଲି ଶ୍ରୀ ସାମନ୍ତ କହିଥିଲେ । ଗତ ୬୫ବର୍ଷ ମଧ୍ୟରେ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସର୍ବାଧିକ ପଦକ ହାସଲ କରିବାରେ କିଟ୍ ବିଶ୍ୱବିଦ୍ୟାଳୟ ହେଉଛି ପ୍ରଥମ ଭାରତୀୟ ବିଶ୍ୱବିଦ୍ୟାଳୟ ।

କିଟ ବିଶ୍ୱବିଦ୍ୟାଳୟର ଅଙ୍କିତା ୩ହଜାର ମିଟର ଷ୍ଟିପ୍‌ଲେଚେଜ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ପ୍ରବୀଣ ଚିତ୍ରାଭେଲ ଟ୍ରିପଲ୍ ଜଂପରେ, ସୀମା ୫ହଜାର ମିଟର ଦୌଡ଼ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଥିଲେ । ସେହିପରି

ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଆଜି କାର୍ଯ୍ୟକ୍ରମରେ ଅଲିମ୍ପିଆନ୍ ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ, ଅମିୟ ମଲ୍ଲିକ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଭବାନୀଦେବୀ ଓ ବିଭିନ୍ନ କୋଚମାନେ ମଧ ଉପସ୍ଥିତ ଥିଲେ ।

## ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦର ଅଧିବେଶନ



ଭୁବନେଶ୍ୱର,୪।୮ (ମହାଭାରତ): ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର ବାର୍ଷିକ ସାଧାରଣ ଅଧିବେଶନ ସ୍ଥାନୀୟ ଭୁବନେଶ୍ୱରୀ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି କୃପାସିନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅଧିବେଶନରେ ପ୍ରଥମେ ପରିଷଦର ଦିବଙ୍ଗତ ସଦସ୍ୟମାନଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ପରେ ଅନୁଷ୍ଠାନ ପକ୍ଷରୁ ମନୋଜ କୁମାର ସାହୁଙ୍କୁ ବୀର ସୁରେନ୍ଦ୍ର ସାଏ ସମ୍ମାନରେ ସମ୍ମାନୀତ କରାଯିବା ସହିତ ଉନ୍ନୟନ ପରିଷଦର ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚନ ହୋଇଥିଲା । ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ବୈଠକରେ ବିବରଣୀ ପାଠ କରିବା ସହିତ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। କୋଷାଧକ୍ଷ ମହେଶ୍ୱର ବିଶ୍ୱାଳ ଆର୍ଥୀକ ବିବରଣୀ ପାଠ କରିଥିଲେ । ବୈଠକରେ ରାସ୍ତା ଉପରେ ମାସଂ କଟା ଯାଉଥିବାରୁ ଓ ପାଣି ବିଲ୍‌ରେ ମାସକୁ ୫୦ ଟଙ୍କା ମିଟର ଭଡାକୁ ତିବ୍ର ବିରୋଧ କରାଯାଇଥିଲା । ସେହିଭଳି ଭିଏସ୍ଏସ୍ ନଗରକୁ ରାଜସ୍ୱଗ୍ରାମ କରିବା, ସୈନିକସ୍କୁଲ ପାଖରେ ଅଳିଆ ଗଦାହଟାଇବା, ବାଣୀବିହାର ଗେଟରେ ଖୋଲିବା, ଲକ୍ଷ୍ମୀବିହାର- ଭିଏସ୍ଏସ୍ ନଗରରାସ୍ତା ନିର୍ମାଣ କରିବା, ଜବର ଦଖଲ ହଟାଇବା, ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି, ପାର୍କଗୁଡିକୁ ଉନ୍ନୟନ ପରିଷଦ ହାତକୁ ନେବା ଆଦି ବହୁବିଷୟରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ସ୍ଥାନୀୟ କର୍ପୋରେଟର ପ୍ରଭାସିନୀ ମହାନ୍ତିଙ୍କ ସହିତ ଯୁଗ୍ମ-ସମ୍ପାଦକ ପ୍ରତାପ କୁମାର ନନ୍ଦ, ଧରଣୀଧର ରାଉତ, ନିମାଇଁଚରଣ ଦାସ, ଶିତଳ ଚନ୍ଦର ମହାନ୍ତି, ରାମଚନ୍ଦ୍ର ସାମଲ ଓ ଚିନ୍ତାମଣି ବାରିକଙ୍କ ସହିତ ବହୁ ଆଜୀବନ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ । ଉପ-ସଭାପତି ଡ ଜୟନ୍ତ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ବନ୍ଧୁତା ଦିବସ ପାଳନ

ଭୁବନେଶ୍ୱର,୪।୮ (ମହାଭାରତ): 'ମାସ ଇଭେସ୍' ତରଫରୁ "ବନ୍ଧୁତ୍ୱ ଦିବସ" ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀ ପରିସରରେ ପାଳନ କରାଯାଇଛି । ମାସ୍ ଇଭେର ମୁଖ୍ୟ ମୀର ଅହମ୍ମଦ ଅଲ୍ଲୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଓଡ଼ିଶା ପାଇକ ଆଖଡ଼ା ମହାସଂଘର ସଭାପତି ପ୍ରକାଶ ଶ୍ରୀଚନ୍ଦନ, ପୂର୍ବତନ ସୂଚନା କମିଶନର ଦିଲ୍ଲୀପ ବିଶୋଇ, ଜଣାଶୁଣା ହାସ୍ୟ ଅଭିନେତା ଜୀବନ ପଣ୍ଡା, ସମାଜସେବୀ ଡ. ଦିବ୍ୟା ଜ୍ୟୋସ୍ନା, ସମାଜସେବୀ ସୁଶାନ୍ତ ପଟ୍ଟନାୟକ, ଯୁବନେତା ମାନସ ରଂଜନ ସାହୁ ପ୍ରମୁଖ ଯୋଗଦେଇ ଯୁବ ସମାଜ କିଭଳି ଭାବେ ସମାଜର ବନ୍ଧୁ ରୂପେ କାର୍ଯ୍ୟ କରିବା ଦରକାର ତା'ଉପରେ ମତବ୍ୟକ୍ତ କରିଥିଲେ ।

ସମାଜକୁ ନିଜର ବନ୍ଧୁ ରୂପେ ଭାବି ସମାଜର ବିଭିନ୍ନ ସମସ୍ୟା ପାଇଁ ଅହରହ କାର୍ଯ୍ୟ କରୁଥିବା କିଛି ବ୍ୟକ୍ତିବିଶେଷଙ୍କୁ ଏହି ଅବସରରେ 'ସମାଜର ବନ୍ଧୁ' ସମ୍ମାନ ପ୍ରଦାନ କରାଯାଇଥିଲା । ସେମାନେ ହେଲେ- ପରିବେଶବିତ୍-ସୁଧାଂଶୁ ଶେଖର ବିଶ୍ୱାଳ, ସ୍ୱେଚ୍ଛାସେବୀ-ଶ୍ରାବଣୀ ନାୟକ, ପ୍ରିୟାଲି ପ୍ରିୟଦର୍ଶିନୀ ବେହେରା ଓ ଜଗନ୍ନାଥ ସାହୁ, ସାମ୍ବାଦିକା-ପ୍ରିୟଙ୍କା ରାୟ, ସାମ୍ବାଦିକ ଗୁରୁପଦ ନାଥ, 'ବ୍ଲଡ୍ ହିରୋଜ' ରକ୍ତଦାନ ସଂଗଠନ, କଲ୍ୟାଣୀ ସେବା ଚାରିଟେବୁଲ୍ ଟ୍ରଷ୍ଟ, ଯୁବନେତା ତାପଦ ଦେ, ଦିବ୍ୟସିଂହ ସେଠୀ, ଶୁଭକାନ୍ତ ବେହେରା, ସମାଜସେବୀ - ସନ୍ତୋଷ ଆଚାର୍ଯ୍ୟ, ଦିଲ୍ଲୀପ କୁମାର ଷଡ଼ଙ୍ଗୀ, ପ୍ରଭାତ ଜଗଦେ୍ଦବ, ନୀଳିମା ଦାସ, ପଦ୍ମିନୀ ପରିଡ଼ା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା ।

## ବିଶ୍ୱଭୂଷଣ ହରିଚନ୍ଦନଙ୍କ ଜନ୍ମ ଦିବସ ପାଳିତ



ଭୁବନେଶ୍ୱର,୪।୮ (ମହାଭାରତ): ମହାନ ଜନନାୟକ, ଆନ୍ଧ୍ର ଓ ଛତିଶଗଡର ପୂର୍ବତନ ରାଜ୍ୟପାଳ, ଓଡିଶାର ପୁର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ରାଜନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କ ୯୨ତମ ଜନ୍ମ ଦିବସ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ତାଙ୍କର ହଜାର ହଜାର ଶୁଭେଚ୍ଛୁ ଯୋଗଦାନ କରି ପ୍ରଭୁ ଲିଙ୍ଗରାଜଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ ଓ ପ୍ରାର୍ଥନା କରି ଦୀର୍ଘାୟୁ କାମନା କରିଥିଲେ । ଜିଜେପି ନେତ୍ରୀ ରଶ୍ମି ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ କହିଥିଲେ ବିଶ୍ୱଭୂଷଣ ହରିଚନ୍ଦନ ଭାରତ ମାତାର ଜଣେ ସୁଯୋଗ୍ୟ ସନ୍ତାନ । ମନ୍ତ୍ରୀ ଓ ରାଜ୍ୟପାଳ ଭାବରେ ସେ ଦେଶବାସୀଙ୍କର ସେବା କରିଛନ୍ତି । ଆମ୍ଭେମାନେ ପ୍ରଭୁ ଲିଙ୍ଗରାଜଙ୍କ ପ୍ରାର୍ଥନା କରୁଛୁ ତାଙ୍କୁ ଦୀର୍ଘାୟୁ କରନ୍ତୁ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟ, ବିଜେପି ନେତା ଜଗନ୍ନାଥ ପ୍ରଧାନ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଯୋଗଦେଇ ଏହି ମହାନ ଜନନାୟକଙ୍କ ଗୁଣଗାନ କରିଥିଲେ । ସଂଯୋଜକ ସମରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲାବେଳେ ସରୋଜ ମିଶ୍ର, ଗୋପାଳ ବଟୁ କର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ୪ ରେଳ କର୍ମଚାରୀ ସମ୍ମାନିତ

ଭୁବନେଶ୍ୱର,୪।୮ (ମହାଭାରତ): ଉତ୍ସର୍ଗୀକୃତ ଏବଂ ସତର୍କତାକୁ ସ୍ୱୀକୃତି ଦେଇ ଏକ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଟ୍ରେନ ପରିଚାଳନାର ନିରାପତା ଏବଂ ଦକ୍ଷତା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ସତର୍କତା ପାଇଁ ଚାରି ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି । ଡବପାଲରେ କାର୍ଯ୍ୟରତ ଟ୍ରାକ ମେଂଟେନର- ୪ ବୀରେନ୍ଦ୍ର ପ୍ରସାଦ ଗୋରାଇଂ; କୁମ୍ଭାର ସୋଡ଼ରା ଠାରେ କାର୍ଯ୍ୟରତ ଟ୍ରାକ ମେଂଟେନର-୪ରୋହିତ କୁମାର, ଜଖପୁରାରେ ଟ୍ରାଫିକ ପଏଂଟସମ୍ୟାନ ଅଭିମନ୍ୟୁ ଦଳେଇ ଏବଂ ଜରପଡ଼ା ଠାରେ କାର୍ଯ୍ୟରତ ଟ୍ରାକ ମେଂଟେନର- ୧ ଗୌତମ ମାଝୀ ସେମାନଙ୍କର ନିୟମିତ କର୍ତବ୍ୟ ସମ୍ପାଦନ ସମୟରେ ଅସାଧାରଣ ସତର୍କତା ପ୍ରଦର୍ଶନ କରିଛନ୍ତି ଏବଂ ଉପସ୍ଥିତି ବୁଦ୍ଧିର ପ୍ରଦର୍ଶନ କରି ଦ୍ରୁତ ଏବଂ ପ୍ରଭାବଶାଳୀ ପଦକ୍ଷେପ ନେଇଛନ୍ତି ଯାହା ଟ୍ରେନଗୁଡ଼ିକର ନିରାପଦ ଏବଂ ସୁଗମ ପରିଚାଳନା ସୁନିଶ୍ଚିତ କରିବାରେ ସହାୟକ ହେଇଛି ।

## ଆପିଲ୍ ମାମଲାର ଶୀଘ୍ର ସମାଧାନ ପାଇଁ କ୍ୟାମ୍ପ କୋର୍ଟ

ଭୁବନେଶ୍ୱର,୪।୮ (ମହାଭାରତ): ନାଗରିକ-କୈନ୍ଦ୍ରିକ ଶାସନ ଏବଂ ସମୟାନୁବର୍ତ୍ତୀ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଆଜି ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଆୟୋଜନ କରାଯାଇଥିଲା । ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ, ୧୯୮୨ ଅନୁଯାୟୀ ଦାୟର ଆପିଲ୍ ମାମଲାଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଉଛି ।



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ସହ ଜଡିତ ଆପିଲ୍ ମାମଲାଗୁଡ଼ିକର ନିର୍ଦ୍ଦିଷ୍ଟ ଆପିଲ୍ କର୍ତ୍ତୃପକ୍ଷ ପ୍ରମୁଖ ସଚିବ ଶୁଣାଣିରେ ଅଧ୍ୟକ୍ଷତା କରିଥିଲେ । ୭୦୦ରୁ ଅଧିକ ବିଚାରାଧୀନ ଆପିଲ୍ ମାମଲା ମଧ୍ୟରୁ ମୋଟ ୧୩୯ଟି ମାମଲା ଗ୍ରହଣ ଏବଂ ନିଷ୍ପାସନ କରାଯାଇଥିଲା । ଏହି ଆବେଦନଗୁଡ଼ିକ ଓଡିଶା ବିକାଶ ପ୍ରାଧିକରଣ ଆଇନର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ବିରୁଦ୍ଧରେ ନାଗରିକମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଭିନ୍ନ ଆବେଦନ ସହିତ ଜଡିତ ।

ସମ୍ପ୍ରତି, ଆପିଲେଟ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ, ଆଇନ ଅନୁଯାୟୀ ଅପିଲ୍ ମାମଲା ପରିଚାଳନା ପାଇଁ ନିଯୁକ୍ତ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ - ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ସମେତ ସ୍ୱତନ୍ତ୍ର ସଚିବ ଓ ଅତିରିକ୍ତ ସଚିବ - ସରକାରୀ ନିର୍ଦ୍ଦେଶ ପ୍ରାପ୍ତ ହୋଇଛି । ଏହି ବିକେନ୍ଦ୍ରୀକରଣ ପଦ୍ଧତି ଦକ୍ଷତା ବୃଦ୍ଧି ଏବଂ ବିଚାରାଧୀନତା ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

ଏହି ଅନନ୍ୟ ପଦକ୍ଷେପ ଗୃହ ଏବଂ ନଗର ଉନ୍ନୟନ ବିଭାଗର ସ୍ୱଚ୍ଛତା, ନିରପେକ୍ଷତା ଏବଂ ଦାୟିତ୍ୱର ନୀତିକୁ ବଜାୟ ରଖିବା ପାଇଁ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଏହା ନାଗରିକମାନଙ୍କୁ ଏକ ନିରପେକ୍ଷ ଶୁଣାଣି ପ୍ଲାଟଫର୍ମ ପ୍ରଦାନ କରିବାକୁ ଚେଷ୍ଟା କରେ ଯେଉଁମାନେ ବିଶ୍ୱାସ କରନ୍ତି ଯେ ସେମାନେ ପ୍ରଶାସନିକ ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ହୋଇଛନ୍ତି ଯାହା ଉପଯୁକ୍ତ ପ୍ରକ୍ରିୟା କିମ୍ବା ଜନସ୍ୱାର୍ଥ ସହିତ ସଙ୍ଗତ ନୁହେଁ ।

କ୍ୟାମ୍ପ କୋର୍ଟ ବ୍ୟବସ୍ଥା ଜନସାଧାରଣଙ୍କ ଦ୍ୱାରା ଭଲ ଭାବରେ ଗ୍ରହଣ କରାଯାଇଛି ଏବଂ ଅବଶିଷ୍ଟ ମାମଲାଗୁଡ଼ିକୁ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ଭବିଷ୍ୟତ ପର୍ଯ୍ୟାୟରେ ଜାରି ରହିବ ବୋଲି ଆଶା କରାଯାଉଛି ।

## ଶ୍ରୀଜଗନ୍ନାଥ ସଂଗ୍ରହାଳୟ ପାଇଁ ରୋଡମ୍ୟାପ୍

ଭୁବନେଶ୍ୱର,୪।୮ (ମହାଭାରତ): ବିଶ୍ୱସ୍ତରୀୟ ଶ୍ରୀ ଜଗନ୍ନାଥ ସଂଗ୍ରହାଳୟ, ପାଠାଗାର ଓ ସଂସ୍କୃତି ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଉପରେ ବିଚାର ବିମର୍ଶ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଏକ ସମନ୍ୱିତ ରୋଡମ୍ୟାପ୍ ପ୍ରସ୍ତୁତ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଯାହା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପନ କରାଯିବ । ସହରାଞ୍ଚଳ ଭିତ୍ତିଭୂମି ବୃଦ୍ଧି ସହ ପୁରୀର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷିତ ରଖିବାର ଗୁରୁତ୍ୱ ଉପରେ ଶ୍ରୀମତୀ ପାଢ଼ୀ ଗୁରୁତ୍ୱାରୋପ କରିଥିଲେ । ପୁରୀର ପବିତ୍ରତାକୁ ସମ୍ମାନ ଦେବା ଏବଂ ବିକଶିତ ଓଡ଼ିଶାର ପରିକଳ୍ପନା ଅନୁଯାୟୀ ଏହାର ସମୃଦ୍ଧ ଐତିହ୍ୟକୁ ପ୍ରୋତ୍ସାହିତ କରିବା ଆମର ଲକ୍ଷ୍ୟ ବୋଲି ସେ କହିଛନ୍ତି ।

ସାଂସ୍କୃତିକ ଗୌରବ, ଐତିହ୍ୟ ସଂରକ୍ଷଣ ଏବଂ ସହରାଞ୍ଚଳ ରୂପାନ୍ତରକୁ ପ୍ରୋତ୍ସାହିତ କରିବା ପାଇଁ ଏହି ପଦକ୍ଷେପ ରାଜ୍ୟ ସରକାରଙ୍କ ବ୍ୟାପକ ଏଜେଣ୍ଡା ସହିତ ମେଳ ଖାଉଛି । ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବା ପାଇଁ ଏବେ ଏକ ବିସ୍ତୃତ ପ୍ରକଳ୍ପ ଯୋଜନା ପ୍ରସ୍ତୁତ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିବା ପ୍ରକାଶ ।

ଏହି ବୈଠକରେ ପର୍ଯ୍ୟଟନ ସଚିବ ବଲୱନ୍ତ ସିଂହ, ଡ. ବିଜୟ କେଟାନ ଉପାଧ୍ୟାୟ ସଚିବ ଓ ଏଲଆଣ୍ଡସି, ଅରିନ୍ଦମ ଡାକୁଆ ପୌର ନିର୍ଦ୍ଦେଶକ, ଜିଲ୍ଲାପାଳ ପୁରୀ ଦିବ୍ୟଜ୍ୟୋତି ପରିଡା, ସମୀର୍ ହୋତା ଏମଡି ଓବିସିସି, ଦେବବ୍ରତ ସାହୁ ପ୍ରଶାସକ (ଉନ୍ନୟନ) ଏସଜେଟିଏ, ଏବଂ ଶ୍ରୀ ଦେବପ୍ରସାଦ ଦାସ ସ୍ୱତନ୍ତ୍ର ସଚିବ ଓଏଲଏଲ ଆଣ୍ଡ ସି, ଶିବା ପ୍ରସାଦ ମିଶ୍ର ଅତିରିକ୍ତ ସଚିବ ଆଇନ ବିଭାଗ ଏବଂ ପ୍ରଦୀପ କୁମାର ସାହୁ ଯୁଗ୍ମ ସଚିବ ରାଜସ୍ୱ ବିଭାଗ ଯୋଗ ଦେଇଥିଲେ ।

## ସିପିଆଇର ଜିଲ୍ଲା ସମ୍ମିଳନୀ

ଭୁବନେଶ୍ୱର,୪।୮ (ମହାଭାରତ): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୧୦ମ ଖୋର୍ଦ୍ଧା ଜିଲ୍ଲା ସମ୍ମିଳନୀ ପଟିଆ ଟାଙ୍ଗିବନ୍ତ ରାମକୃଷ୍ଣ ପତି ସ୍ମୃତି ପୀଠରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଅଗଷ୍ଟ ୨ ଏବଂ ୩ ଦୁଇ ଦିନିଆ ସମ୍ମିଳନୀର ପତାକା ପୂର୍ବତନ ଜିଲ୍ଲା ସଂପାଦକ ନୃସିଂହ ବେହେରା ଉତ୍ତୋଳନ କରିଥିଲେ । କମ୍ରେଡ୍ ସୁର ଜେନା, କମ୍ରେଡ୍ ବସନ୍ତ ମଞ୍ଜରୀ ପରମ ଗୁରୁ, ଯୁଗଳ ଜାଲି, ନମିତା ସାହୁ ଓ ଅରକ୍ଷିତ ବେହେରାଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀଙ୍କ ଅଧ୍ୟକ୍ଷତାରେ ଏହି ଦୁଇ, ଦିନିଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀକୁ ସିପିଆଇ ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ଡାକ୍ତର ପ୍ରଶାନ୍ତ ମିଶ୍ର ଉଦ୍‌ଘାଟନ କରି ଶୋଷଣ, କଷଣ, ଜାତି-ଧର୍ମ ଭେଦଭାବ ପୂର୍ଣ୍ଣ ଘୃଣା ହିଂସାମୁକ୍ତ ଏକ ସମାଜବାଦୀ ସମାଜ ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ଅସୀମ ତ୍ୟାଗ, ନିଷ୍ଠା ଓ ଆତ୍ମ ବଳିଦାନର ଶହେ ବର୍ଷରେ ଉପନିତ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୨୪ତମ ରାଜ୍ୟ ସମ୍ମିଳନୀ ରାଜଧାନୀ ସହରରେ ଆତିଥ୍ୟ ଦେବା ପାଇଁ ଖୋର୍ଦ୍ଧା ଜିଲ୍ଲାର ହଜାର ହଜାର ସିପିଆଇ ସଭ୍ୟ ଓ ସମର୍ଥକ ନିଷ୍ପତ୍ତି ନେଇଥିବାରୁ ଅଭିନନ୍ଦନ ଜ୍ଞାପନ ସହ ଏହି ସମ୍ମିଳନୀ ଆଗାମୀ ୪, ୫ ଓ ୬ ସେପ୍ଟେମ୍ବର ରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେଉଥିବାବେଳେ ଏହାର ପ୍ରଥମ ଦିବସ ୪ ସେପ୍ଟେମ୍ବର ପୂର୍ବାହ୍ନ ୧୦ଟାରେ ସମଗ୍ର ରାଜ୍ୟରୁ ଆସୁଥିବା ହଜାର ହଜାର ଛାତ୍ର, ଯୁବ, ଶ୍ରମିକ, କୃଷକ, ବୁଦ୍ଧିଜୀବି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଭିଟାମାଟି ସଂଘର୍ଷ, ଜୀବନ ଜୀବିକା ସଂଘର୍ଷ, ହକ୍ ଏବଂ ଅଧିକାରର ସଂଘର୍ଷ କରୁଥିବା ହୀତାଧିକାରୀଙ୍କୁ ନେଇ ସଂଘର୍ଷ ସଂକଳ୍ପ ସମାବେଶର ସଫଳତା ପାଇଁ ଖୋର୍ଦ୍ଧା ଜିଲ୍ଲା ଅଧିକରୁ ଅଧିକ ସାଥୀ ସମର୍ଥକଙ୍କୁ ସାମିଲ କରିବାକୁ ଦୃଢ଼ ଆହ୍ୱାନ ଦେଇଥିଲେ । ଏହି ସମ୍ମିଳନୀରେ ଜିଲ୍ଲା ସଂପାଦକ ଅମୀୟ ପଟ୍ଟନାୟକ ଗତ ତିନି ବର୍ଷର ରାଜନୈତିକ ଓ ସାଂଗଠନିକ ରିପୋର୍ଟ ସହ ଆଗାମୀ ତିନି ବର୍ଷ ପାଇଁ ରାଜନୈତିକ ଓ ସାଂଗଠନିକ ପ୍ରସ୍ତାବ ଉପସ୍ଥାପନ କରିଥିଲେ ।

## ଅପରାଧୀଙ୍କୁ କ୍ଲିନଚିଟ୍ ବିଜେପି ସରକାରଙ୍କୁ ମହଙ୍ଗା ପଡ଼ିବ

ଭୁବନେଶ୍ୱର,୪।୮ (ମହାଭାରତ): ଓଡ଼ିଶାର ପୁରୀ ଜିଲ୍ଲା ବଳଙ୍ଗାରେ ଜଣେ ୧୫ ବର୍ଷୀୟା ନାବାଳିକାକୁ ତିନି ଜଣ ଦୁର୍ବୃତ୍ତ ଅପହରଣ କରି ଜୀବନ୍ତ ପୋଡ଼ିଦେଲେ । ପୁରୀରୁ ଭୁବନେଶ୍ୱର ଏମ୍ସ ଓ ପରେ ଦିଲ୍ଲୀ ଏମ୍ସ ଅଣା ଯାଇଥିଲା ତା ଜୀବନ ବଂଚାଇବା ପାଇଁ । କିନ୍ତୁ ଗତକାଲି ରାତିରେ ଦିଲ୍ଲୀ ଏମ୍ସରେ ପୀଡିତା ନାବାଳିକା ଶେଷ ନିଶ୍ୱାସ ତ୍ୟାଗ କରିଛି । ଜୁଲାଇ ୧୯ ତାରିଖ ଘଟଣା ଦିନରୁ ଆଜି ଯାଏ ଆମେ ପଚାରି ଆସୁଛୁ ସେ ତିନି ଅଭିଯୁକ୍ତ ଗଲେ କୁଆଡେ । ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଆମେ ଦାବି କରି ଆସୁଥିବା ବେଳେ କୁହାଯାଉଛି କି ନାବାଳିକାକୁ ପୋଡ଼ିବାରେ କାହାର ହାତ ନାହିଁ, କେହି ଏଥିରେ ଅଭିଯୁକ୍ତ ନୁହନ୍ତି । ଯାହା ଆମ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ବିଜେପି ସରକାର ଅପରାଧୀଙ୍କୁ ଧରିବାରେ ବିଫଳ ହେଲେ । କିନ୍ତୁ ୧୫ ବର୍ଷର ନାବାଳିକା ଉପରେ ଦୋଷ ଲଦୁଛନ୍ତି । ପରୋକ୍ଷରେ ଝିଅଟି ନିଜେ ନିଜକୁ ଜାଳିଦେଲା ବୋଲି କହୁଛନ୍ତି । ପୋଲିସ କହିଛି ଏ ଘଟଣାରେ କୌଣସି ବ୍ୟକ୍ତି ସାମିଲ ନାହାନ୍ତି । ଆମେ ନାବାଳିକାକୁ ଭେଟିବା ପାଇଁ ଅନେକ ଉଦ୍ୟମ କଲୁ । କିନ୍ତୁ ଭେଟିବାକୁ ଦେଲେ ନାହିଁ । ମୁଁ ଓ ମୋ ସହଯୋଗୀ ମାନେ ସଂସଦ ଘେରାଉ କଲୁ ଆମକୁ ପୋଲିସ ଆଠ ଘଣ୍ଟା ଅଟକ ରଖିଲେ । ଆମର ସ୍ୱରକୁ ଚାପିବାକୁ ଉଦ୍ୟମ କରାଯାଇଛି । ସେମିତି ଓଡ଼ିଶାର ସୌମ୍ୟାଶ୍ରୀ ବି ସରକାରଙ୍କୁ ଗୁହାରୀ କରି ,ନ୍ୟାୟ ମାଗି ମାଗି ଶେଷରେ ନିରାଶ ହେଇ ନିଜକୁ ନିଆଁ ଲଗାଇ ଜଳିଗଲା । ଆଉ ଆଜି ବଳଙ୍ଗା ପୀଡ଼ିତା ବି ମରିଗଲା । ହସ୍ପିଟାଲରେ ବେଡରେ ପଡ଼ି ନ୍ୟାୟ ମାଗି ମାଗି । ୨୩ ତାରିଖରେ ଦିଲ୍ଲୀ ଏମ୍ସରେ ପୀଡ଼ିତାଙ୍କୁ ଭେଟିବାକୁ ଚାହିଁଥିଲି । କିନ୍ତୁ ମୋତେ ପୋଲିସ ଘରେ ଅଟକ ରଖିଲା ।ବିଜେପି ଶାସିତ ରାଜ୍ୟରେ ଆଜି ସମସ୍ତେ ଅସୁରକ୍ଷିତ । ଦୋଷୀଙ୍କୁ ସୁରକ୍ଷା ଦେଉଛନ୍ତି ବିଜେପି ସରକାର । ତେଣୁ ମହିଳା ମାନଙ୍କୁ ନ୍ୟାୟ ଦେବା ପାଇଁ ବିଧାନସଭା ଆଗରେ 'ନ୍ୟାୟ ମାର୍ଚ୍ଚ' କରିବ ମହିଳା କଂଗ୍ରେସ ବୋଲି ଆଜି ନୂଆଦିଲ୍ଲୀ ସ୍ଥିତ ଏଆଇସିସି ମୁଖ୍ୟ କାର୍ଯ୍ୟାଳୟ ଇନ୍ଦିରା ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଅଖିଳ ଭାରତ ମହିଳା କଂଗେସ ସଭାନେତ୍ରୀ ଶ୍ରୀମତୀ ଅଳକା ଲାମ୍ବା ।

## ପୋଲିସ ରାଜନୈତିକ ଆକାମାନଙ୍କୁ ସୁରକ୍ଷା ଦେଉଛି : ବିଜେଡ଼ି

ଭୁବନେଶ୍ୱର,୪।୮ (ମହାଭାରତ): ବଳଙ୍ଗା ପୀଡିତାଙ୍କ ମୃତ୍ୟୁ ପରେ ବିଜୁ ଜନତା ଦଳ ଆଜି ରାଜ୍ୟ ବିଜେପି ସରକାରଙ୍କୁ ଦାୟୀ କରିବା ସହିତ ରାଜ୍ୟରେ ଛାତ୍ରୀ ଓ ନାରୀଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କହିଛି । ରାଜ୍ୟ ସରକାର ଅପରାଧୀ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ଯେଉଁଥିପାଇଁ ଓଡିଶା ଆଜି ଅପରାଧୀ ମାନଙ୍କ ଚରାଭୂଇଁ ପାଲଟିଛି । ଦୁଷ୍କର୍ମ, ଅସଦାଚରଣ, ହତ୍ୟା ଇତ୍ୟାଦି ନିତିଦିନିଆ ଘଟଣାରେ ପରିଣତ ହୋଇଥିବା ବେଳେ ଝିଅ ମାନଙ୍କୁ ଜାଳିଦେଇ ହତ୍ୟା କରିବା ଏକ ନୂଆ ଅପରାଧ ସୃଷ୍ଟି ହୋଇଛି ବୋଲି ବିଜୁ ଜନତା ଦଳ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକ, ଶ୍ରୀମତୀ ଟୁକୁନି ସାହୁ ଓ ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି । ଶ୍ରୀମତୀ ପ୍ରମିଳା ମଲ୍ଲିକ କହିଥିଲେ, ବଳଙ୍ଗା ଘଟଣାକୁ ଦୁଇ ସପ୍ତାହ ବିତିଯିବା ପରେ ମଧ ଏଥିରେ ସମ୍ପୃକ୍ତ ଅପରାଧୀ ମାନେ ଧରାନପଡିବା ପୋଲିସ ପ୍ରଶାସନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି । ବଳଙ୍ଗା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ନିର୍ବାଚନମଣ୍ଡଳୀ ହୋଇଥିବାରୁ, ଏହି ମାମଲାରେ ତାଙ୍କର କିଛି ଘନିଷ୍ଠ ସହଯୋଗୀ ତଥା ବିଜେପି କର୍ମୀଙ୍କ ସମ୍ପୃକ୍ତି ରହିଛି ବୋଲି ଜନସାଧାରଣରେ ସନ୍ଦେହ ପ୍ରକାଶ ପାଉଛି । ଅପରାଧୀ ମାନଙ୍କୁ ଘଣ୍ଟ ଘୋଡ଼ାଇବାକୁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ । ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବେ ପୀଡ଼ିତାଙ୍କ ମୃତ୍ୟୁ ପରେ ପୋଲିସ ଏଥିରେ ଅନ୍ୟ କାହାର ସମ୍ପୃକ୍ତି ନାହିଁ ବୋଲି ମନ୍ତବ୍ୟ ରଖିବା ଘଟଣାକୁ ଅଧିକ ସନ୍ଦେହ ଘେରକୁ ନେଇଛି । ଏହାଛଡା, ପୂର୍ବରୁ ଘଟିଯାଇଥିବା ଏଫଏମ କଲେଜ ଛାତ୍ରୀ ଆତ୍ମଦାହ ଘଟଣା ଓ ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀକୁ ଗଣଦୁଷ୍କର୍ମ ଘଟଣା ଓଡିଶା ପାଇଁ ଦେଶ ବିଦେଶରେ ଲଜ୍ଜ୍ୟା ଓ ନିନ୍ଦା ଆଣିଛି । ରାଜ୍ୟରେ, ଛାତ୍ରୀ, ନାରୀ ଅସୁରକ୍ଷିତ ହୋଇ ପଡିଛନ୍ତି, କିନ୍ତୁ ରାଜ୍ୟ ସରକାର ନିଦାବିଷ୍ଟ ସାଜି ବସି ରହିଛନ୍ତି । ଶ୍ରୀମତୀ ଟୁକୁନି ସାହୁ କହିଥିଲେ, ଗତ ଏକ ବର୍ଷର ବିଜେପି ଶାସନରେ, ରାଜ୍ୟରେ ମହିଳା ମାନେ ଅସୁରକ୍ଷିତ ହୋଇ ପଡିଛନ୍ତି । ଆଜି ରାଜ୍ୟର ପ୍ରତ୍ୟେକ ମା ମାନେ ନିଜ ଝିଅ ମାନଙ୍କୁ ପଦାକୁ ଛାଡିବାକୁ ଭୟ କରୁଛନ୍ତି । ଦୁଇ ଦୁଇଟି ସମ୍ବେଦନଶୀଳ ଘଟଣା ଘଟିଗଲା, ସରକାର ପୀଡ଼ିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ, ତାଙ୍କ ପରିବାରକୁ କୋଡିଏ ଲକ୍ଷ ଟଙ୍କା ଦେଇ ତାଙ୍କ ଉପରେ ଚାପ ପକେଇ ପରିବାରର ମୁହଁ ବନ୍ଦ କରୁଛନ୍ତି ଓ ତାଙ୍କ ଠାରୁ ରାଜନୀତି କରାନଯାଉ ବୋଲି ମନ୍ତବ୍ୟ ଦିଆଉଛନ୍ତି ।

# ନିଶା କାରବାର

ଡ଼ିଶାରେ ବିଗତ କିଛି ଦିନ ହେବ ନିଶା କାରବାର ଉଦବେଗଜନକ ଭାବେ ବୃଦ୍ଧି ପାଇଛି। କେବଳ ମଦ ନୁହେଁ, ଗଞ୍ଜେଇ କାରବାର ମଧ୍ୟ ଅତିମାତ୍ରାରେ ବୃଦ୍ଧି ପାଇଛି। ଅନେକ ସମୟରେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣର ବେଳେ ଧରାପଡୁଛି। କିନ୍ତୁ ଯାହା ଧରାପଡୁଛି ତାହା ସମୁଦ୍ରକୁ ଶଙ୍ଖେ। ନିଶା କାରବାର ସହ ରାଜ୍ୟରେ ଅପରାଧ ମଧ୍ୟ ବଢ଼ିଚାଲିଛି। କିଛି ଦିନ ତଳେ ରାଜଧାନୀ ଭୁବନେଶ୍ୱରର ରାଜରାସ୍ତାରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ବାଇକରେ ଯାଇବା ଜଣେ ବ୍ୟକ୍ତିଙ୍କୁ ତିନିଜଣ ଦୁର୍ବୃତ୍ତ ଆକସ୍ମିକ ଭାବେ ପଛରୁ ଆସି ଆକ୍ରମଣ କରଇଥିଲେ। ବାଇକରେ ଆସିଥିବା ଏହି ଦୁର୍ବୃତ୍ତମାନଙ୍କ ଖଣ୍ଡାଚୋଟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୁଣ୍ଡଗଣ୍ଡି ଅଲଗା ହୋଇ ଯାଇଥିଲା ଏବଂ ଘଟଣାସ୍ଥଳରେ ସେ ପ୍ରାଣ ହରାଇଥିଲେ। ମୃତକ ଜଣକ ପୋଲିସ ପାଇଁ କାମ କରୁଥିଲେ ବା ସିଭିଲ ପୋଲିସ ଥିଲେ। ହତ୍ୟାକାରୀଙ୍କ ମଧ୍ୟରେ ଜଣେ ମହିଳା ଥିଲେ ଯିଏ କି ସମଗ୍ର ଘଟଣାର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି। କିଛି ଦିନ ଫେରାର ରହିବା ପରେ ସେ ଏବେ ପୋଲିସ ନିକଟରେ ଆତ୍ମସର୍ପଣ କରିଛି ଏବଂ ପୋଲିସ ତାକୁ ଗିରଫ କରିଛି। ସେହି ମହିଳା ବା ଯୁବତୀ ଜଣକ ଅଳ୍ପ ଦିନ ତଳେ ଜେଲରୁ ଜାମିନରେ ବାହାରିଥିଲେ। ଜେଲରୁ ବାହାରିବାର ୫ ଦିନ ଭିତରେ ସେ ଏହି ହତ୍ୟାଣ୍ଡ ଘଟାଇଥିଲେ। ନିଶା କାରବାର ଅଭିଯୋଗରେ ସେ ଗିରଫ ହୋଇ ଜେଲ ଯାଇଥିଲେ। ଯାହା ସୂଚନା ମିଳିଛି ଏବଂ ମୃତକଙ୍କ ପତ୍ନୀ ଯାହା କହିଛନ୍ତି ତାଙ୍କ ସ୍ୱାମୀ ସହଦେବଙ୍କୁ ଜୀବନରେ ମାରିଦେବା ପାଇଁ କୁଆଡ଼େ ମୋବାଇଲରେ ଧମକ ଆସୁଥିଲା। ଏ ସମ୍ପର୍କରେ ସହଦେବ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ତାଙ୍କୁ ଅଭୟବାଣୀ ପ୍ରଦାନ କରିଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ପୋଲିସ ତାଙ୍କୁ ସୁରକ୍ଷା ଦେଇପାରିଲା ନାହିଁ ଏବଂ ଅତି ଅସହାୟ ଭାବେ ରାସ୍ତାରେ ପଡ଼ି ସହଦେବଙ୍କ ଜୀବନ ଗଲା। ଏହି ହୃଦୟବିଦାରକ ଘଟଣା ସବୁଠି ଚର୍ଚ୍ଚାର ବିଷୟ ହୋଇଛି। କୁହାଯାଉଛି ଯେ, ହତ୍ୟାକାରୀ ସମ୍ପୃକ୍ତ ଯୁବତୀଙ୍କ ଘରୁ ବ୍ରାଉନସୁଗର ବାହାରିଥିଲା। ଏ ସମ୍ପର୍କରେ ସହଦେବ କୁଆଡ଼େ ପୋଲିସକୁ ସୂଚନା ଦେଇଥିଲେ। ଯୁବତୀଙ୍କୁ ପୋଲିସର ଗିରଫ ପଛରେ ସହଦେବଙ୍କ ହାତ ରହିଛି ବୋଲି ସେ ଭାବି ନେଇଥିଲା ଏବଂ ଏହାର ପ୍ରତିଶୋଧ ନେବାକୁ ଏଭଳି ଜଘନ୍ୟ ହତ୍ୟା କରିଛି। ରାଜଧାନୀରେ ପ୍ରବାସୀ ଭାରତୀୟ ସମ୍ମିଳନୀ ଚାଲିଥିବା ବେଳେ ଏବଂ ସମଗ୍ର ରାଜଧାନୀ ଏକ ପ୍ରକାର ସୁରକ୍ଷା ବଳୟ ମଧ୍ୟରେ ରହିଥିବା ବେଳେ ସକାଳେ ରାଜଧାନୀର ଏକ ମୁଖ୍ୟ ରାସ୍ତାରେ ନିଶା ମାଫିଆମାନେ ଜଣେ ନିରପରାଧ ବ୍ୟକ୍ତିଙ୍କୁ ହତ୍ୟା କରିବା ଆମ ସୁରକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସଭ୍ୟ ସମାଜରେ ଏହା ଗ୍ରହଣୀୟ ନୁହେଁ। ଏଭଳି ଘଟଣାରେ ଅଭିଯୁକ୍ତଙ୍କ ପ୍ରତି କଠୋର ଦଣ୍ଡବିଧାନ ହେବା ଉଚିତ। ଦଣ୍ଡ ବ୍ୟବସ୍ଥାରେ ତ୍ରୁଟି ବା କୋହଳତା ପାଇଁ ଆଜି ଦେଶରେ ଏଭଳି ଅପରାଧ ସଂଖ୍ୟା ବଢ଼ିଚାଲିଛି। ଏଭଳି ଏକ ହତ୍ୟାକାଣ୍ଡ ବିରଳରୁ ବିରଳତର ଏବଂ ଅତ୍ୟନ୍ତ ଅମାନୁଷିକ ବୋଲି କୁହାଯାଇପାରେ। ତେଣୁ ଆଇନ ଅନୁଯାୟୀ ହତ୍ୟାକାରୀଙ୍କୁ ଫାଶୀ ହେବା ଉଚିତ। କିନ୍ତୁ ଏଭଳି ଦଣ୍ଡ ବିଧାନ ସମ୍ଭାବନା କ୍ଷୀଣ। ଆଇନର ଫାଙ୍କ ଦେଇ ଅପରାଧୀମାନେ ଖସିଯାଉଛନ୍ତି। ଆମ ଆଇନ ବ୍ୟବସ୍ଥା ମଧ୍ୟ ସେହିପରି।

“
ପରାଧିନତାର ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ନିଜର ବୃତ୍ତି ଛାଡି ତାଙ୍କର ସମଗ୍ର ଜୀବନକୁ ଦେଶ ସେବାରେଉତ୍ସର୍ଗ କରିଦେଇଥିଲେ ଏବଂ ପରାଧିନତାରନିରାଶା ଭିତରେ ସ୍ୱାଧୀନତାର ଆଶା ସଂଞ୍ଚାର କରାଇବରେ ସଫଳ ହୋଇଥିଲେ। ସମଗ୍ର ଭାରତ ବର୍ଷ ଓ ମାନବ ଜାତି ପାଇଁ ତାଙ୍କର ଅବଦାନସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇରହିଛି । ସ୍ୱାଧିନତା ସଂଗ୍ରାମରେ ନିଜକୁ ଭାଗିଦାରୀ କରାଇବା ନଥିଲା କେବେହେଲେ ଉନ୍ମାଦନା,ଥିଲା କେବଳ ଜୀବନର ପୂର୍ଣ୍ଣ ନିଷ୍ପତ୍ତି । ମନପ୍ରାଣ ବ୍ୟାକୁଳିତ ହୋଇଥିଲା ଦେଶକୁ ବିଦେଶୀ ଶାସନରୁ ମୁକୁଳାଇବା ଓ ଦେଶକୁ ଗଢିବାର।

# ଗାନ୍ଧୀ ବିଚାରଧାରା

॥ ଦାଶରଥୀ ଶତପଥୀ ॥

ଆମ ଦେଶ ଭାରତବର୍ଷ ବିଶ୍ୱର ସର୍ବବୃହତ ଧର୍ମ ନିରପେକ୍ଷ ଓ ଗଣତାନ୍ତ୍ରିକ ରାଷ୍ଟ୍ର । ଆମ ଦେଶର ସମ୍ବିଧାନ ସଂପୁର୍ଣ୍ଣ ଲୋକାଭିମୁଖୀ ଓ ବିଶ୍ୱରେ ବିରଳ । ଯେଉଁଥିପାଇଁ ଆମେ ଭାରତବାସୀ ବିଦେଶରେ ପ୍ରଂଶସିତ । ପ୍ରାଚୀନ ଭାରତ ବର୍ଷରେ ସାଧାରଣତନ୍ତ୍ର ପରିଚ୍ଛଳିତ ଗଣରାଜ୍ୟ ସୃଷ୍ଟି ହୋଇଥିଲା ଏବଂ ଶାସକମାନେ ପ୍ରଜାମନରେ ଧର୍ମଭାବ, ସ୍ୱାଧୀନଚିନ୍ତା, ପରୋପକାର, ସ୍ୱଦେଶପ୍ରେମ ପ୍ରଭୃତି ଚିନ୍ତା ସୃଷ୍ଟି କରିପାରିଥିଲେ ଏବଂ ଗଣତନ୍ତ୍ର ସୁଦୃଢ ହୋଇରହିପାରିଥିଲା । ବିଦ୍ୱାନମାନଙ୍କ ମତରେ, ଗଣତନ୍ତ୍ର ହେଉଛି ଏକ ଶାସନ ଯେଉଁଥିରେ ସମାଜର ସବୁଠାରୁ ତଳେ ଥିବା ଲୋକଟିର ମଧ ସରକାର ଗଢିବାର ସମାନ ଅଧିକାର ଥାଏ । ସମସ୍ତେ ଏଠାରେ ସମାନ ଓ ସ୍ୱାଧିନ ଭାବରେ ଏବଂ ଦେଶ ଓ ରାଜ୍ୟର ଉନ୍ନତି ପାଇଁ ସମସ୍ତେ ଭାଗୀଦାର ହୋଇପାରିଥାନ୍ତି।

ଇତିହାସ କହେ ବିଦେଶୀମାନଙ୍କର ଭାରତବର୍ଷ ପ୍ରବେଶ ଉପରେ ଅଖଣ୍ଡ ଭାରତ ବର୍ଷରେ ଚ୍ଛଳିଥିବା ସୁବର୍ଣ୍ଣ ଯୁଗର ଗତିବିଧି କ୍ରମେ କ୍ରମେ ଧୂଳିସ୍ୱା ହେବାକୁ ଲାଗିଲା । ଯୁଦ୍ଧଲୋଲୁପ ବିସ୍ତାରବାଦୀ, ଲୁଣ୍ଠନକାରୀ ବିଦେଶୀ ଭାରତ ବର୍ଷକୁ ତିଳ ତିଳ କରି ଲୁଣ୍ଠନ କରିବାକୁ ଲାଗିଲେ ଏବଂ ବିଦେଶୀ ଧର୍ମଧାରଣକୁ ନେଇ ଯୋର ଜବରଦସ୍ତ ଶାସନ ଲଦିବାରେ ସଫଳ ହେଲେ ଓ ଶାସ୍ତ୍ର ବଦଳରେ ବନ୍ଧୁକ ମୁନରେ(ଶସ୍ତ୍ରରେ) ଶାସନ ଚ୍ଛଳିଲା । ଭାରତୀୟ ଗଣତନ୍ତ୍ରର ମୁଳମନ୍ତ୍ରରେ ପ୍ରତିଫଳିତ ସତ୍ୟ, ଅହିଂସା, ନ୍ୟାୟ, ସ୍ୱାଧିନତା, ସାମ୍ୟ ଓ ମୈତ୍ରୀ ଭାବଧାରାର ଦିଗ ପରିବର୍ତ୍ତନ ହୋଇଗଲା । ବିଦେଶୀ ଶାସନ ଓ ତାଙ୍କ କୁଚକ୍ରାନ୍ତରେ ବିରାଟ ଭାରତବର୍ଷ ଖଣ୍ଡବିଖଣ୍ଡିତ ଅବସ୍ଥାକୁ ଆସି ତାର ସଂସ୍କୃତି ଓ ପୂର୍ବଗୌରବ ଅସ୍ତିତ୍ୱହୀନ ହୋଇପଡିଲା । ପରାଧୀନ ଭାରତ ବର୍ଷର ସମାଜର ଚିତ୍ର ଧିରେ ଧିରେ କଳୁଷିତ ହେବା ସହ, ବିଦେଶୀ ଶାସନ ପ୍ରଭାବରେ ନାଗରିକମାନେ ଦୁଃଖ, ଦୁର୍ଦ୍ଦଶାରେ ରହି ତ୍ରାହି ତ୍ରାହି ଡାକିଲେ ।

ଏକଛତ୍ରବାଦ ଶାସନ ଭିତରେ ଶାସିତ ହୋଇ ଖଣ୍ଡ ଖଣ୍ଡ ଅବସ୍ଥାରେ ଭାରତ ବର୍ଷ ନିଜର ମୌଳିକତା ଓ ନୈତିକତା ହରାଇ ବସିଥିଲା ସତ କିନ୍ତୁ ଦୀର୍ଘ ବର୍ଷର ସଂଗ୍ରାମରେ ରାଜତନ୍ତ୍ର ଛାୟାରେ ରହି ମଧ ସତ୍ୟ, ଅହିଂସା, ନ୍ୟାୟ ଓ ନେତୃତ୍ୱ ବଳରେ ଗଣତନ୍ତ୍ରର ପ୍ରତିଷ୍ଠା ଓ ବିକାଶ କେବଳ ସାରା ପୃଥିବୀରେ ଭାରତ ବର୍ଷରେ ସମ୍ଭବ ହୋଇପାରିଥିଲା ଯାହାର ମୁଖ୍ୟ ନାୟକ ଥିଲେ ମୋହନ ଦାସ କରମଚ୍ଛନ୍ଦ ଗାନ୍ଧୀ, ଯିଏକି ଜଣେ ନୀତିନିଷ୍ଠ, ଯୁଗସ୍ରଷ୍ଟା, ଦେଶପ୍ରେମୀ, ସତ୍ୟ ଓ ଅହିଂସାର ପୂଜାରୀ,ପ୍ରଗାଢ ଆଧାମ୍ୱିକବାଦୀ ଓ ପ୍ରଭାବଶାଳୀ ବ୍ୟକ୍ତି ଥିଲେ ।

ପରାଧିନତାର ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ନିଜର ବୃତ୍ତି ଛାଡି ତାଙ୍କର ସମଗ୍ର ଜୀବନକୁ ଦେଶ ସେବାରେଉତ୍ସର୍ଗ କରିଦେଇଥିଲେ ଏବଂ ପରାଧିନତାରନିରାଶା ଭିତରେ ସ୍ୱାଧୀନତାର ଆଶା ସଂଞ୍ଚାର କରାଇବରେ ସଫଳ ହୋଇଥିଲେ । ସମଗ୍ର ଭାରତ ବର୍ଷ ଓ ମାନବ ଜାତି ପାଇଁ ତାଙ୍କର ଅବଦାନସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇରହିଛି । ସ୍ୱାଧିନତା ସଂଗ୍ରାମରେ ନିଜକୁ ଭାଗିଦାରୀ କରାଇବା ନଥିଲା କେବେହେଲେ ଉନ୍ମାଦନା,ଥିଲା କେବଳ ଜୀବନର ପୂର୍ଣ୍ଣ ନିଷ୍ପତ୍ତି । ମନପ୍ରାଣ ବ୍ୟାକୁଳିତ ହୋଇଥିଲା ଦେଶକୁ ବିଦେଶୀ ଶାସନରୁ ମୁକୁଳାଇବା ଓ ଦେଶକୁ ଗଢିବାର । ଯାହାର ଅଲୌକିକ ଶକ୍ତିର ଆକର୍ଷଣରେ ଅଗଣିତ ନରନାରୀ ନିଜର ଭିଟାମାଟି ଓ ବୃତ୍ତି ଛାଡି ସତ୍ୟ ଓ ଅହିଂସା ପଥରେ ରହି ନିର୍ମଳ ହୃଦୟରେ ଦେଶ କାର୍ଯ୍ୟରେ ନିଜକୁ ସମର୍ପିତ କରି ସ୍ୱାଧିନତା ପାଇଁ ବିପ୍ଳବ କରିଉଠିଥିଲେ । ଯେଉଁ ବିପ୍ଳବରେ ସଂଜିବୀତ ହୋଇଥିଲା ସମାଜରୁ ସବୁପ୍ରକାର ବୈଷ୍ୟମ ଓ ବିଭେଦ ଦୂରକରି ଦଳିତ, ଶୋଷିତ, ଅତ୍ୟାଚ୍ଛରିତ ଲୋକଙ୍କୁ ସମାଜରେ ସମାନ ସୁବିଧା ସୁଯୋଗର ଅଧିକାର ଓ ନ୍ୟାୟ ପାଇଁ ଏକ ନୂଆ ସମାଜ ଗଢିବାର ଅପ୍ରତିହତ ସଂକଳ୍ପ ।

ସତ୍ୟ ହିଁ ଇଶ୍ୱର,ଶ୍ରମ ହିଁ ଉପାସନା, ବ୍ୟକ୍ତି ଜୀବନକୁ ଶୃଙ୍ଖଳିତ ଓ ମାର୍ଜିତ କରି ରାଷ୍ଟ୍ର ଜୀବନକୁ ସମୃଦ୍ଧ କରିବା ସମ୍ମାନଜନକ ଓ ସମତୁଲ କରିବା ପାଇଁ ସତ୍ୟାଗ୍ରହଥିଲା ତାଙ୍କର ପ୍ରକୃଷ୍ଟ ମାର୍ଗ । ଏହି ମାର୍ଗରେ ସମଗ୍ର ଭାରତ ବର୍ଷକୁ ଏକତ୍ରୀତ କରି ବିଦେଶୀ ହାତରୁ ଶାସନ କ୍ଷମତା ଛଡାଇ ଆଣିବା ଥିଲା ତାଙ୍କ ଦର୍ଶନର ମୂଳ ଲକ୍ଷ୍ୟ; ଯେଉଁ ଦର୍ଶନରେ ଥିଲାସ୍ନେହ, ଶ୍ରଦ୍ଧା ଓ ମଣିଷକୁ ମଣିଷ ପରି ସମ୍ମାନବୋଧ କରିବା ଏବଂ ଆମ ଦେଶ ଭାରତ ବର୍ଷ ଏପରି ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହେବ ଯେଉଁଥିରେ କୌଣସି ବ୍ୟକ୍ତି ନିଜର ଧର୍ମ,ଜାତି, ଲିଙ୍ଗ ଓ ଧନୀଦରିଦ୍ର ଭିତରେ ଭେଦଭାବର ସରବ୍ୟ ହେବନାହିଁ ।

ସତ୍ୟ, ଅହିଂସା ଓ ସତ୍ୟାଗ୍ରହକୁ ଆ।ଦରି ନେଇ ଦେଶକୁସ୍ୱାଧିନତାରସ୍ୱାଦ ଚଖାଇବାରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ଜନମାନସରେ ସମସ୍ତଙ୍କର ହୃଦୟକୁ ଜିଣିବାର ଶକ୍ତି ଓ ବ୍ରତରେ ବ୍ରତୀ ଥିଲେ, ସଂଯମୀ, ନିର୍ଭୀକ, ଶାନ୍ତିକାମୀ ଜୀବନ ଥିଲା ଅଲୌକିକ । ସଂପୁର୍ଣ୍ଣରୂପେ ଭୟଶୂନ୍ୟ, ପ୍ରଗାଢ ଇଶ୍ୱର ବିଶ୍ୱାସୀ, ଆଧାମ୍ୱିକଚେତନାଧାରୀ ବ୍ୟକ୍ତିଭାବେ ହସି ହସି କାରା, ଗୁଳି, ଲାଠିର ସାମନା କରୁଥିଲେ । ସତ୍ୟାଗ୍ରହ ହେଉକି, ସ୍ୱଦେଶୀ ଆନ୍ଦୋଳନ ହେଉ ନିଜର ସକାରାମ୍ୱକ ଗଠନମୂଳକ ଶକ୍ତିଦ୍ୱାରା ଦୁଷ୍ଟଶକ୍ତିକୁ ପରାସ୍ତକରି ସମସ୍ତଙ୍କୁ ସତ୍ୟ, ପ୍ରେମ ଓ ଅହିଂସା ବଳରେ ଏକତ୍ରିତ କରିପାରିଥିଲେ ।

ଗାନ୍ଧିଜୀଙ୍କ ଗ୍ରାମ୍ୟ ସ୍ୱରାଜ୍ୟ, ପଞ୍ଚାୟତିରାଜ ବ୍ୟବସ୍ଥା, ଗାଁକୁ ଫେରିଚ୍ଛଲ, କର୍ମ ହିଁ ଭଗବାନ, ଚରିତ୍ରଯୁକ୍ତ ଶିକ୍ଷା, ଖଦୀ ଗ୍ରାମୋଦ୍ୟୋଗ, ସ୍ୱଦେଶୀ ଜିନିଷ ବ୍ୟବହାର, ଆମ୍ୱର୍ନିଭରଶୀଳତା ସହିତ କୁଟୀର ଶିଳ୍ପ, କୃଷି ଓ ଜଙ୍ଗଲ ଭିତ୍ତିକ ଶିଳ୍ପର ବିକାଶ ଆଦିରେ ଅ।ର୍ଥିକ ଉନ୍ନତି, ତାଙ୍କ ଦର୍ଶନର ମୂଳ ଅ।ଧାରରୂପେ ପରଗଣିତ ହୋଇଥିଲା । ନାରୀ ସ୍ୱାଧିନତା,ନାରୀ ଶିକ୍ଷା ପାଇଁ ସେ ଅଧିକ ଗୁରୁତ୍ୱ ଦେଉଥିଲେ, ଯାହାଫଳରେ ଜଣେ ନାରୀ ଶିକ୍ଷିତ ହେଲେ ସମାଜରେ ନିଜର ଅଧିକାର ସାବ୍ୟସ୍ତ କରିପାରିବ ଏବଂ ତାଙ୍କର ସହନଶୀଳନା ତ୍ୟାଗ ଓ ସେବା ମନଭାବରେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ।

ଗାନ୍ଧୀ ଆଦର୍ଶରେ କେବଳ ଯେ ଭାରତୀୟମାନେ ପ୍ରଭାବିତ ହୋଇଛନ୍ତି ତାହାନୁହେଁ, ବିଶ୍ୱର ତୁଙ୍ଗ ନେତାମାନେ ଯେମିତିକି ମାର୍ଟିନଲୁଥର କିଙ୍ଗ, ବାରାକ ଓବାମା ଓ ନେଲସନ ମାଣ୍ଡେଲା ପ୍ରମୁଖ ତାଙ୍କ ବ୍ୟକ୍ତିତ୍ୱରେ ଗଭୀରଭାବେ ପ୍ରଭାବିତ ହୋଇଥିଲେ ।

ଏହି ମହାମାନବଙ୍କ ସଂପର୍କରେ ଥରେ ଆଲବର୍ଟ ଆଇନଷ୍ଟାଇନ କହିଥିଲେ :- ରକ୍ତ, ମାଂସଧାରୀ ଏଭଳି ଜଣେ ବିସ୍ମୟ ମାନବ ଏକଦା ଏ ଧରାପୃଷ୍ଠରେ ଜନ୍ମ ନେଇଥିଲେ ବୋଲି ହୁଏତ ଭବିଷ୍ୟତର ବଂଶଧରମାନେ କ୍ୱଚିତ୍ ବିଶ୍ୱାସ କରିବେ । ଇତିହାସରଅନ୍ଧାର ଗର୍ଭରେ ଅନନ୍ତକାଳ ଲାଗି ସେ ଜଣେ ଅନନ୍ୟ ଉଦୟମାନ ସୂର୍ଯ୍ୟଭାବେ ତଥା ବିଶ୍ୱମାନ୍ୟତାରେ ଏକବିଂଶ ଶତାବ୍ଦୀର ବିଶ୍ୱର ଶ୍ରେଷ୍ଠ ମାନବଭାବେ ପରିଚିତ ହୋଇଥିଲେ । ଆସନ୍ତୁ ସେହି ମହାନ ବ୍ୟକ୍ତିର ନୀତି ଅ।ଦର୍ଶରେ ଅନୁପ୍ରାଣୀତ ହୋଇ ଦେଶର ଶକ୍ତି, ସାମର୍ଥ୍ୟ ଓ ସମ୍ମାନ ବଢ଼ାଇବା ପାଇଁ ସମସ୍ତେ ବଦ୍ଧ ପରିକର ହେବା ।

ସଚିବ
ଓଡିଶା ବିଧାନସଭା
ମୋବାଇଲ ନଂ- ୯୪୩୮୦୮୧୭୧୩

# ଅମୃତ ଦୀପ୍ତି ସନ୍ତାନ ତୁମେ, ମରଣ ତୁମର କାହିଁ

॥ ସମ୍ବିତ କୁମାର ସ୍ୱାଇଁ ॥

ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ଅଛି - ‘ଦେହ ବହିଲେ ନିଶ୍ଚେ ମରି, ସଂସାର ନୁହଁଇ କାହାରି। ବୃକ୍ଷର ତଳେ ଜେହ୍ନେ ଆସି, ପଥକୁ ବିଶ୍ରାମନ୍ତି ବସି। ପୁଣି ଚଳନ୍ତି ଶ୍ରମ ସାରି, ସେ ବୃକ୍ଷ ନୁହଁଇ କାହାରି।’ ଏହା ଅବିସମ୍ବାବିତ ସତ୍ୟ। ମୋହମାୟା ସଂସାରରେ ସମସ୍ତେ ନିଜ ନିଜ କର୍ମକୁ ଆଧ୍ୟାତ୍ମିକ ପଥରେ କ୍ୱଚିତ୍ ନେଇଥାନ୍ତି। ଆମ ସମୟରେ ଜଣେ ନୀରବ ଜୀବନ ସାଧକ ଥିଲେ ମୋ ବାପା ଶାରଦା ପ୍ରସାଦ ସ୍ୱାଇଁ। ଜୀବନକୁ ସେ କେବଳ ବଞ୍ଚି ନାହାନ୍ତି, ଜୀବନକୁ କେବଳ ସେ ସାଧି ସାଧି ପରିଶେଷରେ ଈଶ୍ୱର ପ୍ରାପ୍ତି ହୋଇଛନ୍ତି। ଜଣେ ତେଲ ଲୁଣ ସଂସାର ଓ ସାମାଜିକ ଦାୟିତ୍ୱ ପ୍ରତିପାଦନ ସହ ସାର୍ବଜନୀନ ସାଧନା ଦ୍ୱାରା କିପରି ଦିବ୍ୟତ୍ୱ ପ୍ରାପ୍ତି ବା ଦିବ୍ୟ ଜୀବନ ଲାଭ ହୋଇପାରିବ ସେ ତା’ର ଯଥାର୍ଥ ପ୍ରତୀକ ଥିଲେ।

ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡିଟିଏ - ‘ସ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ୍। ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ।’ ଦୁର୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ହିଁ ନିର୍ଭର କରିଥାଏ। ଏ ସଂସାରରେ କେତେ ବର୍ଷ ଜୀବନ ଧାରଣ କରାଗଲା ତାହା କେବେ ହେଲେ ଜୀବନର ମୂଲ୍ୟାୟନର ମାପକାଠି ହୋଇନପାରେ। ନିଜ ଗୁରୁ, ଇଷ୍ଟ, ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମତତ୍ପର ଓ ଆଦର୍ଶଣୀୟ ଜୀବନଯାପନ କରିବା ହେଉଛି ମାନବିକତାର ପରିଚୟ। ମୁଁ ଲେଖୁଥିବା ବ୍ୟକ୍ତିତ୍ୱ ହେଉଛନ୍ତି ମୋ ଜନ୍ମଦାତା ଶାରଦା ପ୍ରସାଦ ସ୍ୱାଇଁ ଏହିପରି ଏକ ଜୀବନର ମୁକ୍ତିମନ୍ତ ପ୍ରତୀକ ଥିଲେ ଏହି ମହନୀୟ ବ୍ୟକ୍ତିତ୍ୱ। ମନେପଡୁଛି ଏକ ବହିର ଧାଡ଼ିଟି - ‘‘ଅବନ୍ଧୁ ଜୀବନ ଅସୁର୍ଯ୍ୟମହୀ ଦେହ ଧରି କିଏ ପାରଇ ରହି।’’

ଯଥାର୍ଥରେ କୁହାଯାଏ ବ୍ୟକ୍ତିତ୍ୱ ବ୍ୟକ୍ତିର ପରିଚୟ ବ୍ୟକ୍ତିତ୍ୱରୁ ଚିହ୍ନିତ ହୁଏ ପ୍ରତିଭା, ଉତ୍କର୍ଷ ଓ ସ୍ୱାତନ୍ତ୍ର୍ୟ। ଜଣ ଜଣଙ୍କର ସ୍ୱତନ୍ତ୍ର ଓ ଉତ୍କର୍ଷ ସାମାଜିକ ଜୀବନକୁ ସେବା ମନୋଭାବ ସମ୍ପନ୍ନ ଶ୍ରେଷ୍ଠତା ଜୀବନକୁ କରେ ମହିମାନ୍ୱିତ। ସମସ୍ତେ ଏକ ପ୍ରକାର ଜନ୍ମ ଲାଭ କରିଥିଲେ ବି ବ୍ୟକ୍ତିତ୍ୱ ଭିନ୍ନ ପ୍ରକାର ହୋଇଥାଏ। ସେହିଭଳି ସ୍ମୃତିମାନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଶାରଦା ପ୍ରସାଦ ସ୍ୱାଇଁ। ଶାରଦା ପ୍ରସାଦ ସ୍ୱାଇଁଙ୍କ ଜନ୍ମସ୍ଥାନ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଉଗାଳପୁର ଗ୍ରାମ। ଆମ ଜିଲ୍ଲାର ଆରାଧ୍ୟ ଦେବୀ ମା’ ଶାରଳା ହେଉଛନ୍ତି ତାଙ୍କର ଇଷ୍ଟଦେବୀ ଓ ସବୁବେଳେ ସେ ମାଆଙ୍କ ପୂଜାର୍ଚ୍ଚନାରେ ନିଜକୁ ବ୍ୟସ୍ତ ରଖୁଥିଲେ। ଯେଉଁ ମୁହଁର ତେଜଦୀପ୍ତ ଚାହାଣି ଆଜି ଆମ ମାନଙ୍କୁ ସମାଜରେ ପ୍ରତିଷ୍ଠିତ କରିପାରିଛି କର୍ତ୍ତବ୍ୟନିଷ୍ଠତାର ସାଧୁତାର ପ୍ରତିପାଦନ କରିବା ପାଇଁ ମାନବୀୟ ମୂଲ୍ୟବୋଧ ଜୀବନ ବଞ୍ଚିବାର କଳାନିମିତ୍ତ। ତାଙ୍କ ଗୃହସ୍ଥ ଧର୍ମର ଆଦର୍ଶରେ ମୋ ଧର୍ମପତ୍ନୀ ଶିବସ୍ନିଗ୍ଧା, ନାତୁଣୀ ବ୍ରିଟିକା, ଭଉଣୀ ସୋନାଲୀ ସ୍ୱାଇଁ ଓ ଭିଣୋଇ ରାହୁଲ ଜେନା ପ୍ରତିଷ୍ଠିତ ହୋଇପାରିଛନ୍ତି ଏକ ଆଦର୍ଶଣୀୟ ସମାଜରେ। ଆଜି ବାପାଙ୍କ ଅବର୍ତ୍ତମାନରେ ମୋ ମାଆ ଗୀତାରାଣୀ ହିଁ ମୋତେ ଧୈର୍ଯ୍ୟ, ସାହାସ ପ୍ରଦାନ କରୁଛନ୍ତି।

ବାପାଙ୍କ ଦୁଇ ଭଣଜା ସେସ୍କୋର ଏସଡିଓ ଇଞ୍ଜିନିୟର ସନ୍ତୋଷ ଖୁଣ୍ଟିଆ, ଡକ୍ଟର ଦେବୀଦତ୍ତ ପ୍ରଧାନ ଓ ନିହାର ରଞ୍ଜନ ରାଉତ ଅତ୍ୟନ୍ତ ମ୍ରିୟମାଣ। କେବଳ ସେତିକି ନୁହେଁ ମୋର ଭାତୃତୁଲ୍ୟ ପଡ଼ୋଶୀ ଜଗନ୍ନାଥ ଦାସ, ସମାଜସେବୀ ଶ୍ରୀଧର କୁମାର ରାଉଳ, ଚମ୍ପାନାରାୟଣ ଚାରିଟେବଲ ଟ୍ରଷ୍ଟର ଆବାହକ ତ୍ରିନାଥ ଓଝା, ବିଜୟ କୁମାର ଶତପଥୀ, ନିରଞ୍ଜନ ବାରିକ, ନରୋତ୍ତମ ସାମଲ, ଶ୍ରୀଧର କୁମାର ସାହୁ, ସୁନୀଲ କୁମାର ବେହେରା, ରଜତ କୁମାର ବୋଷ, ସନାତନ ନାୟକ, ମନୋଜ ସାହୁ, ସନ୍ତୋଷ ମିଶ୍ର ପ୍ରମୁଖ ସମସ୍ତେ ତାଙ୍କୁ ମନେପକଉଛନ୍ତି ତାଙ୍କ ପରପୋକାର ଓ ମମତାର ବନ୍ଧୁବତ୍ସଳତା ପାଇଁ।

ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଇଷ୍ଟଦେବୀ ମା’ଶାରଳାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ କରୁଣାସିକ୍ତ ଚିନ୍ତାଧାରା, ସରଳ ଜୀବନ, ମିଷ୍ଟ ବଚନ, ସେବାର ଅମୃତ ଧାରା ଆଉ ସାନ୍ତ୍ୱନା ଦାୟକ ଅନୁଭବୀ କଥୋପକଥନ ଓ ସମସ୍ତ ଗଠନମୂଳକ କାର୍ଯ୍ୟକ୍ରମ ଅନେକ ପ୍ରତିକୂଳତା ଭିତରେ ଏହାରି ଜରିଆରେ ତାଙ୍କର ସମସ୍ତ ସମୟ ନିଷ୍କାମ ସେବାରେ ବିନିଯୋଗ କରିଛନ୍ତି। ତାଙ୍କର ଏକନିଷ୍ଠ କର୍ତ୍ତବ୍ୟପରାୟଣତା, ସାଧୁତା, ନିଜ ଉତ୍ସର୍ଗୀକୃତ ଓ ଦୃଷ୍ଟାନ୍ତମୂଳକ ପରୋପକାରିତା ଆମ ସମସ୍ତଙ୍କ ନିକଟରେ ଆଦର୍ଶ ହୋଇ ରହିବ। ଭକ୍ତି, ଜ୍ଞାନ ଓ କର୍ମର ଅପୂର୍ବ ସଂଶ୍ଲେଷଣ ଏବଂ ତାଙ୍କର ସୀମିତ ନିଜସ୍ୱ ଆୟ, ଶକ୍ତି, ସମୟ ଓ ଜ୍ଞାନର ସର୍ବୋତ୍କୃଷ୍ଟ ବିନିଯୋଗ ଫଳରେ ତାଙ୍କର ଜୀବନ ପ୍ରତ୍ୟେକ ମୁହୂର୍ତ୍ତକୁ ଅତିବାହିତ କରିଛନ୍ତି ତାହା କେବଳ ପ୍ରତିଟି ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ମାନଙ୍କ ପାଇଁ ନୁହେଁ ବରଂ ଆମ ସମସ୍ତଙ୍କ ପାଇଁ ସବୁ ସମୟରେ ପ୍ରେରଣା ଯୋଗାଇବ ଏଥିରେ ସନ୍ଦେହର ଅବକାଶ ନାହିଁ। ଭଗବାନ ତାଙ୍କର ଅସଂଖ୍ୟ ଛାଞ୍ଚ ଭିତରୁ ଗୋଟିଏ ଦିବ୍ୟ ସ୍ୱୟଂ ସମ୍ପୂର୍ଣ୍ଣ ଦିବ୍ୟ ଛାଞ୍ଚ ବାଛି ସେଥିରେ ମୋ ବାପା ଶାରଦା ପ୍ରସାଦ ସ୍ୱାଇଁଙ୍କୁ ଗଢ଼ି ମୂଳରୁ ସଂପୂର୍ଣ୍ଣ କରି ଓ ସମ୍ପନ୍ନ କରି ତାଙ୍କୁ ଏ ପୃଥିବୀକୁ ପଠାଇଛନ୍ତି ବୋଲି ମୋର ଧାରଣା ହୁଏ। ସୁଖ ଶରୀରରେ ମିଳେ। ଶାନ୍ତି ମନରେ ମିଳେ ଆଉ ହୃଦୟରେ ମିଳେ ଆନନ୍ଦ।

ଜୀବନ ଭିତରେ ଯେଉଁ ଯଶ ଓ କୀତିର ଅଧିକାରୀ ହୋଇଛନ୍ତି ନିଜ ଆତ୍ମାର ସଦ୍‌ଗତି ପାଇଁ ସେ ନିଜେ ଜୀବନ କାଳ ମଧରେ ପଥ ପରିଷ୍କାର କରିଦେଇ ଯାଇଛନ୍ତି। ଏ ମର ଶରୀର ନଷ୍ଟ ହେଲେ ବି ସେ ନିଜେ ଅତ୍ୟନ୍ତ ଆନନ୍ଦରେ ଭଗବାନଙ୍କ ପାଖକୁ ଚାଲିଯାଇଛନ୍ତି। ଜଣେ ମହାମନିଷୀଙ୍କ ଏକ ବାଣୀ ଯାହାର ଭାଷାନ୍ତର ହେଉଛି ‘ପୃଥିବୀରେ ଗୋଟିଏ ଭାଷା ଅଛି, ତାହା ହେଉଛି ହୃଦୟର ଭାଷା।’ ଏଭଳି ଜଣେ ଯଶକୀର୍ତ୍ତିର ଅଧିକାରୀଙ୍କୁ ମୃତ୍ୟୁ କ’ଣ କେବେ ଛୁଇଁପାରେ ବରଂ ସେ ମୃତ୍ୟୁକୁ ଛୁଇଁ ଦେଇଛନ୍ତି ଓ ସବୁଦିନ ପାଇଁ ଅମର ହୋଇ ରହିଯାଇଛନ୍ତି, କେବଳ ମୃତ୍ୟୁ ହିଁ ମରିଛି। ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ।

ପ୍ଲଟ ନଂ-୭ଜିଏଚ/ ୧୩୫୩, ଡି-୧୮, ସେକ୍ଟର-୯, ସିଡିଏ , କଟକ, ଦୂରଭାଷ : ୯୦୪୦୬୬୧୬୩୦ / ୭୦୦୮୨୨୬୨୧୩

# କାହାଣୀ ଶୁଣାନ୍ତୁ ପିଲାଙ୍କୁ

॥ ଜୟନ୍ତୀ ପଣ୍ଡା ॥

ଆଜି ଯେଉଁମାନଙ୍କୁ ମହାମାନବ କୁହାଯାଉଛି, ସେମାନଙ୍କ ବାଲ୍ୟକାଳରେ ସେମାନେ ଯେ ଏହି ସ୍ତରରେ ପହଞ୍ଚିବେ ତାହା କେହି କଳ୍ପନ କରିନଥିଲେ । ଏପରିକି ସେମାନଙ୍କର ପିତା, ମାତା ମଧ୍ୟ । ତେବେ ପିଲାମାନଙ୍କର ବ୍ୟକ୍ତିତ୍ୱ ଗଠନ କରିବା ପାଇଁ ସେମାନଙ୍କ ପିତାମାତା ଆନ୍ତରିକ ପ୍ରୟାସ କରୁଥିଲେ । ପିଲାଙ୍କ ବ୍ୟକ୍ତିତ୍ୱ ଗଠନର ଏକ ଉତ୍ତମ ପ୍ରୟାସ ହେଉଛି କାହାଣୀ । ଅର୍ଥାତ୍ ପିଲାଙ୍କୁ କାହାଣୀ ଶୁଣାଇବା । ଇତିହାସରେ ଏହାର ଶହ ଶହ ଦୃଷ୍ଟାନ୍ତ ରହିଛି । ଗୋଟିଏ କାହାଣୀ ହେଉଛି - ପଞ୍ଚତନ୍ତ୍ରର ମନ୍ଦବୁଦ୍ଧିଯୁକ୍ତ ଅଯୋଗ୍ୟ ରାଜକୁମାର । ରାଜାପୂର୍ଣ୍ଣତଃ ନିରାଶ ହୋଇଯାଇଥିଲେ । ସବୁ ପ୍ରକାର ଉପାୟ କରାଗଲେ ସୁଦ୍ଧା କୌଣସି ପ୍ରକାରେ ରାଜକୁମାରଙ୍କୁ ଯୋଗ୍ୟ କରାଯାଇପାରିଲା ନାହିଁ । ଅନ୍ତିମ ପ୍ରୟାସ ରୂପେ ରାଜ୍ୟରେ ଘୋଷଣା କରାଗଲା ଯେ ଯେଉଁ ବ୍ୟକ୍ତି ରାଜକୁମାରଙ୍କୁ ଶିକ୍ଷା ଦେବାର ଦାୟିତ୍ୱ ଗ୍ରହଣ କରିବେ ଏବଂ ତାଙ୍କୁ ସବୁ ଦିଗରୁ ଯୋଗ୍ୟ କରିବାରେ ସକ୍ଷମ ହେବେ, ସେ ଇଚ୍ଛାନୁରୂପ ପୁରସ୍କାର ପାଇବେ । ବିଷ୍ଣୁଶର୍ମା ନାମକ ଜଣେ ବିଦ୍ୱାନ ତପସ୍ୱୀ ରାଜପୁତ୍ରଙ୍କୁ ରାଜନୀତି, ଧର୍ମ ଓ ଶିକ୍ଷାରେ ନିଷ୍ଣାତ (ନିପୁଣ) କରାଇବାର ଦାୟିତ୍ୱ ବହନ କଲେ ଏବଂ କିଛି ସମୟ ଭିତରେ ପଶୁପକ୍ଷୀଙ୍କ ବିଷୟରେ ରୁଚିକର କାହାଣୀ ଶୁଣାଇ ବୁଦ୍ଧିହୀନ ରାଜକୁମାରଙ୍କୁ ନୀତି, ସଦାଚାର, ଧର୍ମ, ବ୍ୟବହାର କୁଶଳତା ଇତ୍ୟାଦିରେ ପାରଙ୍ଗମ କରିଦେଲେ । ଛତ୍ରପତି ଶିବାଜୀ ପିଲାଦିନେ ପ୍ରତିଭାବାନ ମନେ ହେଉନଥିଲେ । ପରେ କିଛି ଉଲ୍ଲେଖନୀୟ କାମ କରିବା ଯୋଗ୍ୟ ପରିସ୍ଥିତି ମଧ୍ୟ ନଥିଲା । ପତି-ଉପେକ୍ଷିତ ତାଙ୍କର ମାତା ଜୀଜାବାଈ ପୁଅ ସହିତ ରହୁଥିଲେ ପୁନାରେ । ବାଳକ ଶିବାର ଲାଳନ ପାଳନଠାରୁ ଆରମ୍ଭ କରି ଶିକ୍ଷା ଦୀକ୍ଷା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ତାଙ୍କ ଉପରେ ଥିଲା । ଏହି ଦାୟିତ୍ୱକୁ ସରଳ ଭାବରେ ନିର୍ବାହ କରିବାର ଉପାୟ ଜୀଜାବାଈ ଖୋଜି ନେଲେ । ସେ ନିଜ ଆଦରର ପୁଅକୁ ରାମାୟଣ, ମହାଭାରତ, ହନୁମାନ, କୃଷ୍ଣ ଓ ଅର୍ଜୁନଙ୍କ ଜୀବନର ପ୍ରେରଣାମୟ ବୀରତ୍ୱପରିପୂର୍ଣ୍ଣ କାହାଣୀ ଶୁଣାଇବା ଆରମ୍ଭ କଲେ ।



ସେମିତି ଆଦର୍ଶ ବୀର ପୁରୁଷ ହେବାର ଅଭିଳାଷ ଜାଗ୍ରତ ହେଲା ବାଳକ ଶିବାଙ୍କ ମନରେ । ପିଲାଦିନରୁ ସେ ମାବଲା ଜାତିର ଅନୁନ୍ନତ ଆଦିବାସୀ ପିଲାମାନଙ୍କୁ ଭାଲୁ, ମାଙ୍କଡ଼ ଭଳି ସଂଗଠିତ କରିବା ଆରମ୍ଭ କଲେ । ସେମାନଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷା ଦେଲେ । ବାଲ୍ୟକାଳର ପ୍ରେରଣାରୁ ଉଦ୍‌ଭୁତ ଶୁଭ ଅଭିଳାଷ ବଳରେ ସେ ନାନାଜୀ, ବାଜି ପ୍ରଭୁ, ଦେଶ ପାଣ୍ଡେ ଓ ସୂର୍ଯ୍ୟାଜୀଙ୍କ ଭଳି କେତେ ନର ରତ୍ନଙ୍କୁ ଖୋଜି ବାହାର କଲେ । ପରବର୍ତ୍ତୀ କାଳରେ ସେମାନେ ବିଶାଳ ମୋଗଲ ସାମ୍ରାଜ୍ୟ ଅଧିପତି ଆଉରଙ୍ଗଜେବଙ୍କ ଆଖିରୁ ନିଦ ଉଡ଼ାଇନେଲେ । ବର୍ତ୍ତମାନ ଯୁଗର ମହାମାନବ ମହାତ୍ମା ଗାନ୍ଧୀଙ୍କ ଜୀବନରେ ମଧ୍ୟ ଏଭଳି ଘଟିଥିଲା । ତାଙ୍କର ମାତା ପୁତଳୀବାଈ ଗାନ୍ଧୀଙ୍କୁ ପିଲାଦିନେ ରାମାୟଣ ଓ ମହାଭାରତର ଚରିତ୍ର ନିର୍ମାଣକାରୀ ପ୍ରସଙ୍ଗ ଶୁଣାଉଥିଲେ । ଏହାର ପରିଣାମ ରୂପେ ସେ ଆଜୀବନ ଚରିତ୍ର ଓ ନୈତିକତାକୁ ସର୍ବୋପରି ମହତ୍ତ୍ୱ ଦେଇଥିଲେ । ମହାରାଜା ହରିଶ୍ଚନ୍ଦ୍ର ନାଟକ ଦେଖି ଓ ତାଙ୍କର କାହାଣୀ ଶୁଣି ତାଙ୍କ ମନରେ ସତ୍ୟ ପ୍ରତି ଅବିଚଳ ନିଷ୍ଠା ଜାତ ହୋଇଥିଲା । ଯିଶୁ ଓ ବୁଦ୍ଧଙ୍କ ପ୍ରସଙ୍ଗ ଶୁଣି ଓ ପଢ଼ି ଅହିଂସା ଓ ପ୍ରେମ ପ୍ରତି ଶ୍ରଦ୍ଧା ଓ ନିଷ୍ଠା ଜାଗ୍ରତ ହୋଇଥିଲା ।

ଫରିଦାବାଦ, ହରିୟାନା



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ୪ ଦିନର ଲୁଚକାଳି ଖେଳ ପରେ ଶେଷରେ ଧରା ପଡ଼ିଛି ଏକ ୪.୩ଫୁଟିଆ କୁମ୍ଭୀର

କାଳିମେଳା, (ମହାଭାରତ) : ୪.୩ ଦିନର ଲୁଚକାଳି ଖେଳ ପରେ ଶେଷରେ ଧରା ପଡ଼ିଛି ଏକ ଫୁଟିଆ କୁମ୍ଭୀର । ଘଡ଼ିଆଳ ପ୍ରଜାତିର ଏହି କୁମ୍ଭୀରଟିକୁ ଗ୍ରାମବାସୀଙ୍କ ସହାୟତାରେ ଏକ ଜାଲ ଦ୍ୱାରା ଆଜି ଧରାଯାଇଛି । ଗତ ଶୁକ୍ରବାର ଦିନ ଠାରୁ ଏହି କୁମ୍ଭୀରଟି ଏମପିଭି ୮୩ ଗ୍ରାମ ପୋଖରୀରେ ଦେଖାଯିବା ପରେ ଗ୍ରାମବାସୀଙ୍କ ମନରେ ଆତଙ୍କ ଖେଳି ଯାଇଥିଲା । ୪ ଦିନର ଲୁଚକାଳି ଖେଳ ପରେ ଶେଷରେ ଧରା ପଡ଼ିଛି ଏକ ୪.୩ ଫୁଟିଆ କୁମ୍ଭୀର । ଘଡ଼ିଆଳ ପ୍ରଜାତିର ଏହି କୁମ୍ଭୀରଟିକୁ ଗ୍ରାମବାସୀଙ୍କ ସହାୟତାରେ ଏକ ଜାଲ ଦ୍ୱାରା ଆଜି ଧରାଯାଇଛି । ଗତ ଶୁକ୍ରବାର ଦିନ ଠାରୁ ଏହି କୁମ୍ଭୀରଟି ଏମପିଭି ୮୩ ଗ୍ରାମ ପୋଖରୀରେ ଦେଖାଯିବା ପରେ ଗ୍ରାମବାସୀଙ୍କ ମନରେ ଆତଙ୍କ ଖେଳି ଯାଇଥିଲା । ପୋଖରୀରେ କୁମ୍ଭୀରକୁ ଦେଖିବା ପରେ ବନ ବିଭାଗକୁ ଖବର ଦିଆ ଯାଇଥିଲା । ବନ ବିଭାଗ, ଅଗ୍ନିଶମ ବାହିନୀ ଜାଲ ଓ ପାୱାର ବୋଟ ଦ୍ୱାରା ଧରିବାକୁ ଚେଷ୍ଟା କରିଥିଲେ ମଧ୍ୟ କୁମ୍ଭୀରଟି ଚକମା ଦେଇ ଖସି ଯିବାରେ ସଫଳ ହୋଇଥିଲା । ତେବେ ୪ଦିନ ପରେ ଆଜି କୁମ୍ଭୀରଟି ଧରା ପଡ଼ିବା ପରେ ଲୋକମାନେ ଆଶ୍ୱସ୍ତି ଅନୁଭବ କରିଛନ୍ତି । କୁମ୍ଭୀରଟିର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଚିତ୍ରକୋଣ୍ଡା ଜଳଭଣ୍ଡାରରେ ଛାଡ଼ି ଦିଆଯିବ ବୋଲି ସୂଚନା ଦେଇଛନ୍ତି ମୋଟୁ ବନପାଳ ରଶ୍ମିରଂଜନ ସ୍ୱାଇଁ ।

## ଗଣିଆ ବ୍ଲକରେ ଲାଗିଲା ସାଂସଦ ପାଣ୍ଠିରୁ ୮ଗୋଟି ହାଇମାକ୍ସ ଲାଇଟ

ଗଣିଆ, (ମହାଭାରତ): ରବିବାରଦିନ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହଙ୍କ ୨୦୨୫-୨୬ ପାଣ୍ଠିରୁ ସୌର ରାସ୍ତା ଆଲୋକୀକରଣ ପାଇଁ ଗଣିଆ ବ୍ଲକର ୮ଗୋଟି ସ୍ଥାନରେ ହାଇମାକ୍ସ ଲାଇଟ ଲଗାଯାଇଛି । କିଶୋରପ୍ରସାଦ ପଂଚାୟତର ନୃସିଂହ ମନ୍ଦିର ପ୍ରାଙ୍ଗଣରେ, ପାଣ୍ଡରାସିଂହା ଗ୍ରାମର ତ୍ରିନାଥ ମନ୍ଦିର ପରିସରରେ, ଗଣିଆ ପଂଚାୟତର ଗୋପୀନାଥ ମନ୍ଦିର ପରିସରରେ, ରାସଙ୍ଗ ପଂଚାୟତର ଡଙ୍କାରିସାହି ଛକଠାରେ, ଛାମୁଣ୍ଡିଆ ପଂଚାୟତର କୁତୁରୀ ଗ୍ରାମରେ ଓ କୁମ୍ଭୀରଖଣି ବ୍ରିଜ ନିକଟରେ, ବଡ଼ସିଲିଙ୍ଗା ପଂଚାୟତର ପଂଚାୟତ କାର୍ଯ୍ୟାଳୟ ଓ କରଡ଼ାପଡ଼ା ପଂଚାୟତର ପଂଚାୟତ କାର୍ଯ୍ୟାଳୟ ପରିସରରେ ହାଇମାକ୍ସ ଲାଇଟ ଲାଗିଥିବାର ଜଣାପଡ଼ିଛି । ସୌରଶକ୍ତି ନିରାପଦ ଏବଂ ନିର୍ଭରଯୋଗ୍ୟ । ଏଥିରେ ଏକ ବୁଦ୍ଧିମାନ ନିୟନ୍ତ୍ରକ ଅଛି ଯାହା ବ୍ୟାଟେରୀର କରେଂଟ ଓ ଭୋଲଟେଜକୁ ସନ୍ତୁଳିତ କରିପାରିବ । ବୁଦ୍ଧିମାନ ଭାବରେ ପାୱାର ଅଫ ମଧ୍ୟ କରିପାରିବ । ଏହା ପ୍ରତ୍ୟେକ୍ଷ କରେଂଟ ବ୍ୟବହାର କରେ । ଏଥିରେ ବିଦ୍ୟୁତ ଆଘାତ କିମ୍ବା ଅଗ୍ନିକାଣ୍ଡ ଭଳି କିଛି ଦୁର୍ଘଟଣା ଘଟିବାର ସମ୍ଭାବନା ନାହିଁ । ଗ୍ରାମୀଣ ଷ୍ଟ୍ରିଟ ଲାଇଟ ପାଇଁ ବିଦ୍ୟୁତ ଦେୟ ଦେବାକୁ ପଡୁ ?ଥିବାବେଳେ ସୌର ଷ୍ଟ୍ରିଟ ଲାଇଟର ଖର୍ଚ୍ଚ ଲୋକଙ୍କ ଉପରେ ପଡ଼େନାହିଁ । ଯାହାକୁ ନେଇ ସାଂସଦଙ୍କର ଏଭଳି ପଦକ୍ଷେପକୁ ନେଇ ଅଂଚଳବାସୀ ଭୁରି ଭୁରି ପ୍ରଶଂସା କରିଛନ୍ତି ।

## ମାନଝରି କାଳେଶ୍ୱର ଶୈବପୀଠରେ ଶୈବ ଭକ୍ତଙ୍କ ଅନନ୍ୟ ବ୍ରତ

ଗୋଲାମୁଣ୍ଡା, (ମହାଭାରତ) : ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ମାନଝରି ଗ୍ରାମର କାଳେଶ୍ୱର ମନ୍ଦିରରେ ପ୍ରତି ବର୍ଷ ଭଳି ଏ ବର୍ଷ ମଧ୍ୟ ଶ୍ରାବଣ ମାସର ଶେଷ ପାଳି ଦିନ ନାଗବମ ବ୍ରତ ଦେଖିବାକୁ ମିଳିଛି ।ଏଥିରେ ମାନଝରି, କନ୍ଧୁଲ୍ ଡଙ୍ଗରି ଓ ଡଙ୍ଗରିଗୁଡ଼ା ଗ୍ରାମର ଶତାଧିକ ଶୈବଭକ୍ତ ଏହି ନା ଗବମ ବ୍ରତରେ ସାମିଲ ହୋଇ ଥିଲେ। ମାନଝରି ଭକ୍ତମାନେ ସ୍ଥାନୀୟ ବଡଯୋର ନାଳାରୁ , କାନ୍ଧୁଲ୍ ଡଙ୍ଗରି ର ଭକ୍ତ ମାନେ ଦୁଡୁକେଲ ପତାଳେଶ୍ୱର୍ ନାଳା ରୁ ପାଣି ଆଣିଥିବା ବେଳେ ଡଙ୍ଗରିଗୁଡ଼ା ଭକ୍ତ ମାନେ ଉଦନ୍ତୀ ନଦୀରୁ ପ୍ରାୟ ୪ କିମି ବାଟ ଗୁରୁଣ୍ଡି ଗୁରୁଣ୍ଡି ଆସି ମାନଝରି ଜଳେଶ୍ୱର ପୀଠରେ ଜଳାଭିଷେକ କରିଥିଲେ।ଏହି ଅପୂର୍ବ କଠିନ ବ୍ରତ ନାଗବମ୍ ରେ ମାନଝରିରୁ ଜୟଲଲ ବାରିକ,ଆଶ୍ୱିନ ଚଣ୍ଡୀ, ମକ୍ରନ୍ ମଲ୍ଲିକ ,କୟା ଖର୍ସେଲ, ଶିବା ଆଘ୍ରିଆ ପ୍ରମୁଖ ସହଯୋଗ କରିଥିବାବେଳେ କାନ୍ଧୁଲଡଙ୍ଗରି ରୁ ଜଗୁଜିବନ୍ ଅଘ୍ରୀଆ, ଶିଶୁପାଳ ଅଘ୍ରୀଆ ,ରମାକାନ୍ତ ପଟେଲ,ତୀର୍ଥ ତେଜି ଓ ଡ଼ଙ୍ଗରିଗୁଡା ରୁ ପିତାମ୍ବର ଅଘରିଆ ,ଲକ୍ଷ୍ୟ ବାଗ, ମଦନ ଭୋଇ ତଥା ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ପ୍ରବଳ ରୌଦ୍ରତାପ ଶିବଭକ୍ତଙ୍କ ଭକ୍ତି ଆଗରେ ହାର ମାନିଥିଲା । ହୁଳହୁଳି ଶଙ୍ଖ, ଘଣ୍ଟ ଶବ୍ଦ ରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବାବେଳେ ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଗୋଲାମୁଣ୍ଡା ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ଶ୍ରୀ ଅମରେଶ୍ୱର ମହାଦେବ ମନ୍ଦିରରେ ୨୮ତମ ଜଳାଭିଷେକ



ପାରାଦୀପ, (ମହାଭାରତ) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗରେଇ ଶାସନ ଗ୍ରାମ ସ୍ଥିତ ଶ୍ରୀ ଅମରେଶ୍ୱର ମହାଦେବ ମନ୍ଦିରରେ ୨୮ତମ ଜଳାଭିଷେକ ସୋମବାର ଦିନ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଗରେଇ ଶାସନ ଗ୍ରାମର ଯୁବକ ମାନେ କଟକ ସ୍ଥିତ ଗଡ଼ଗଡିଆ ଘାଟରୁ ଗୋଟିଏ ଭାରରେ ୧୦୮ କଳସୀ ପାଣି ନେଇ ଅମରେଶ୍ୱର ମନ୍ଦିରରେ ଜଳାଭିଷେକ କରିଥିଲେ । ଏହି କାର୍ଯ୍ୟକ୍ରମରେ ପବିତ୍ର ମିଶ୍ର, ସାରଦା ସତପଥି, ପିୟୁଷ ମିଶ୍ର, ପ୍ରଶାନ୍ତ ରାଉତ, ସରୋଜ ନାୟକ, ସୁଶାନ୍ତ ସ୍ୱାଇଁ,ନିବାରଣ ରାଉତ, ଜ୍ୟୋତିର୍ମୟ ପାଲ, ଶିବ ତାରେଣିଆ, ସତ୍ୟବ୍ରତ ପଟ୍ଟନାୟକ, ଶରତ ନାୟକ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଜଳାଭିଷେକ ପରେ ମନ୍ଦିରରେ ଅଭିଶେଷ କରାଯାଇ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

## ବୋମାମାଡ଼ କରି ଗହଣା ଦୋକାନୀଙ୍କଠାରୁ ଲୁଟ୍ ଘଟଣା

ସାଲେପୁର, (ମହାଭାରତ) : ସାଲେପୁରରେ ବୋମାମାଡ଼ ପରେ ଲୁଟ୍ ଘଟଣାରେ ତନାଘନା । ନିଶ୍ଚିନ୍ତକୋଇଲି ଥାନା ଅସୁରେଶ୍ୱର ବଜାରରେ ସୁନାଗହଣା ଲୁଟ୍ ଘଟଣାରେ ପୋଲିସର ତନାଘନା । ଝଉଚଡ଼ ଓ ନିଶ୍ଚିନ୍ତକୋଇଲି ଆଇଆଇସିଙ୍କ ମିଳିତ ସହଯୋଗରେ ଆଖପାଖ ଉଉଞ୍ଚଠ ଯାଞ୍ଚ କରିବା ସହିତ ଅନ୍ୟ ଅଞ୍ଚଳକୁ ଯାଇ ମଧ୍ୟ ପୋଲିସ ଖୋଜା ଖୋଜି କରୁଛି । ଗତକାଲି ରାତିରେ ବିଦ୍ୟୁତ କାଟର ସୁଯୋଗ ନେଇ ଦୁର୍ବୃତ୍ତମାନେ ବୋମାମାଡ଼ କରିବା ସହ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟି ନେଇଥିଲେ । ଖବର ପାଇ ଘଟଣା ସ୍ଥଳରେ ନିଶ୍ଚିନ୍ତକୋଇଲି ପୋଲିସ ଓ ସାଲେପୁର ଝଉଚଡ଼ ଘଟଣାସ୍ଥଳରେ ପହଁଞ୍ଚି ତଦନ୍ତ କରୁଛନ୍ତି ।

# ମହାଲିଙ୍ଗ ଦାବଜୋର ମୁଖ୍ୟମନ୍ତ୍ରୀ ସଡକ ରାସ୍ତା ଅତି ନିମ୍ନ ମାନର

ଗୋଲାମୁଣ୍ଡା, (ମହାଭାରତ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗଠାରୁ ଦାବଜୋର ମୁଖ୍ୟମନ୍ତ୍ରୀ ସଡକ ରାସ୍ତା କାର୍ଯ୍ୟ ସରିବାର ବର୍ଷେ ହେଉଣୁ ଭାଙ୍ଗି ପଡିଥିବା ବେଳେ ଏଥିପାଇଁ ଉକ୍ତ ରାସ୍ତା ଦେଇ ଯାଉଥିବା ଅନେକ ବାଇକ ଆରୋହି ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ମହାଲିଙ୍ଗଠାରୁ ଦାବଜୋର ରାସ୍ତା ଗତ ୨୦୨୩ ଡିସେମ୍ବର ମାସ ୧୩ ତାରିଖ ଦିନ ଧର୍ମଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଗତବର୍ଷ ଜୁନ ମାସ ତାରୀଖରେ କାର୍ଯ୍ୟ ସରିଥିବା ସୂଚନାଫଳକରୁ ଜଣାପଡୁଛି । ଏହି ରାସ୍ତା କାର୍ଯ୍ୟ ନୂଆପଡା ଜିଲ୍ଲାର ଏ ଶ୍ରେଣୀ ଠିକାଦାର ରୂପେଶ ଅଗ୍ରୱାଲ



କରିଥିବା ଜଣାଯାଏ । ସୂଚନାଫଳକ ଅନୁସାରେ ୨୩ ଲକ୍ଷ ୧୭ ହଜାର ୩୭୩ ଟଙ୍କା ଅଟକଳ ମୂଲ୍ୟ ଦର୍ଶା ଯାଇଥିବା ବେଳେ ଏହାର ଅଟକଳ ପରିମାଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏତେ କମ ପରିମାଣର ଅଟକଳ ମୂଲ୍ୟରେ ମୁଖ୍ୟମନ୍ତ୍ରୀ ସଡକ ରାସ୍ତା ହେବା ସଂମ୍ଭବପର ନୁହେଁ । ଏହି ରାସ୍ତା କାର୍ଯ୍ୟ କଳାହାଣ୍ଡି ଜିଲ୍ଲା ମହାଲିଙ୍ଗଠାରୁ ବଲାଙ୍ଗିର ଜିଲ୍ଲା ଦାବଜୋର ପର୍ଯ୍ୟନ୍ତ ୬ କିମି ରାସ୍ତା ହୋଇଛି । କାର୍ଯ୍ୟ ଚାଲୁଥିବା ସମୟରେ ଏହି ରାସ୍ତାରେ ନିମ୍ନ ମାନର କାର୍ଯ୍ୟ ହେଉଥିବା ନେଇ ଅନେକ ଅଭିଯୋଗ ହୋଇଥିବା ବେଳେ ଅନେକ ଖବରକାଗଜରେ ନିମ୍ନ ମାନର କାମ ହେଉଥିବା ନେଇ ଖବର ପ୍ରସାରଣ ହୋଇଥିଲା । କିନ୍ତୁ ଏହି ଖବରକୁ ବେଖାତିର କରିଥିଲା ସଂପୃକ୍ତ ଠିକା ସଂସ୍ଥା ଓ ଗ୍ରାମ୍ୟ ଉନ୍ନୟନ ବିଭାଗ । ଯାହାରି ଫଳରେ ରାସ୍ତାର ଅନେକ ଯାଗାରେ ରାସ୍ତା ଭାଙ୍ଗି ପଡିଥିବା ବେଳେ ଅନେକ ସ୍ଥାନରେ ରସ୍ତା ଦବି ଯାଇଛି । ଅନେକ ସ୍ଥାନରେ ପିଚୁ ଉଠି ପଡିଥିବା ବେଳେ ଅଣ୍ଟୁଏ ଆଣ୍ଠୁଏ ଖାଲ ହୋଇଯାଇଥିବାରୁ ବର୍ଷା ପାଣି ଭର୍ତ୍ତି ହୋଇ ଦିନକୁ ଦିନ ରାସ୍ତା ସୋଚନିୟ ହୋଇପଡିଲାଣି । ଏହି ରାସ୍ତା ଦେଇ ଅଞ୍ଚଳର ଲୋକେ ପଡୋଶି ନୂଆପଡା ଜିଲ୍ଲା ତଥା ଛତିଶଗଡକୁ ଯିବା ଆସିବା କରୁଥିବା ବେଳେ ରାସ୍ତାର ବଡ ବଡ ଖାଲରେ ପଡି ଅନେକ ବାଇକ ଆରୋହି ଦୁର୍ଘଟଣା ଶିକାର ହୋଇଥିବା ଅଭିଯୋଗ ହେଉଛି । ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଏକ ବର୍ଷ ହୋଇ ଥିବା ବେଳେ ଏହାର ରକ୍ଷଣା ବେକ୍ଷଣ ୨୦୨୯ ମସିହା ଜୁନା ମାସ ୧୨ ତାରିଖ ପର୍ଯ୍ୟନ୍ତ ଅଛି । ସଂପୃକ୍ତ ରାସ୍ତା ବିଷୟରେ ମତାମତ ନେବାକୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ନଉଠାଇବାରୁ ତାଙ୍କର ମତାମତ ମିଳି ପାରିନାହିଁ । ଏହି ରାସ୍ତା ଧିରେ ଧିରେ ଖରାପ ହେବାକୁ ବସୁଥିବା ବେଳେଏହି ରାସ୍ତାକୁ ତୁରନ୍ତ ମରାମତି କରିବା ସହିତ ଭିଜିଲାନ୍ସ ତଦନ୍ତ କରିବାକୁ ସ୍ଥାନୀୟ ଲୋକେ ଦାବୀ କରୁଛନ୍ତି ।

## ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଧରା ପଡ଼ିଲା ଦଲାଲ

ନୟାଗଡ଼, (ମହାଭାରତ) : ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାଳ ମାଳ ଦଲାଲଙ୍କ ରାଜୁତି ଚାଲୁଛି। ଗତ ଦୁଇ ଦିନ ତଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରହିଥ ?ିବା ଜନ୍ମ ଓ ମୃତ୍ୟୁ ପ୍ରମାଣ ପତ୍ର କେନ୍ଦ୍ର ନିକଟରେ ଦଲାଲି କରୁଥିବା ଜଣା ପଡିଛି। ଜଣେ ବ୍ୟକ୍ତି ନିଜ ପୁଅ ର ଜନ୍ମ ପ୍ରମାଣପତ୍ର ସଂଶୋଧନ କରାଇବାକୁ ଆସି ଦଲାଲ ଦ୍ୱାରା ଠକେଇର ଶୀକାର ହୋଇଥିବା ଜଣା ପଡିଛି। ଦଲାଲ ଜଣଙ୍କ ହେଲେ ନୟାଗଡ଼ ପୌର ପରିଷଦ ଅନ୍ତର୍ଗତ ୩ ନମ୍ବର ୱାର୍ଡ ର ନବକିଶୋର ସାଥୁଆ ବୋଲି ଜଣାପଡ଼ିଛି। ଦଲାଲ ଜଣଙ୍କ ଖଣ୍ଡପଡ଼ା ଥାନା ବରକୋଳି ଗ୍ରାମର ବିଭୂତି ଖଟୁଆଙ୍କ ପୁଅର ଜନ୍ମ ପ୍ରମାଣ ପତ୍ର ସଂଶୋଧନ କରାଇ ଦେବା ପାଇଁ ଦୀର୍ଘଦିନ ହେବ ୧ ହଜାର ଟଙ୍କା ନେଇଥିଲେ। ଜନ୍ମ ପ୍ରମାଣ ପତ୍ର



ସଂଶୋଧନ କରିନଥିଲେ କି ଧରା ଛୁଆଁ ଦେଇନଥିଲେ। ବିଭୂତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିବା ପରେ ସେ ଜଣେ ଭୁଲ ଲୋକ ଦ୍ୱାରା ଠକେଇର ଶୀକାର ହୋଇଥିବା ଜାଣିବାକୁ ପାଇଥିଲେ। ଏହି ସମୟରେ ଡାକ୍ତରଖାନାରେ ବୁଲୁଥିବା ନବକିଶୋରଙ୍କୁ ସେ ଧରି ପୁଲିସରେ ଦେଇଥିଲେ। ପୁଲିସ ତାଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ନବକିଶୋର ନିଜକୁ ଓଡ଼ିଶା ଷ୍ଟେଟ୍ ଲିଗାଲ ସର୍ଭିସ ସଦସ୍ୟ ବୋଲି ପରିଚୟ ଦେଇଥିଲେ। ପୁଲିସ ତାଙ୍କୁ ତାଗିଦ କରିବା ସହ ଲିଖିତ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଥିବା ସୂଚନା ମିଳିଛି।

## ଆଚାର୍ଯ୍ୟ ବାଳକୃଷ୍ଣ ଙ୍କ ଜନ୍ମ ଦିବସ ଉପଲକ୍ଷେ ଜଡିବୁଟି ଦିବସ ପାଳିତ

ରାୟଗଡ଼ା, (ମହାଭାରତ) : ପତଞ୍ଜଳି ଯୋଗ ପୀଠ ସହ ପ୍ରତିଷ୍ଠାତା ସ୍ୱଧେୟ ଆଚାର୍ଯ୍ୟ ବାଳକୃଷ୍ଣ ଜି ଜନ୍ମ ଦିନରେ ରାୟଗଡା ଜିଲ୍ହା ର ଭିନ୍ନ ଭିନ୍ନ ସ୍ଥାନରେ ପତଞ୍ଜଳି ର କାର୍ଯ୍ୟକର୍ତା ମାନେ ଔଷଧି ବୃକ୍ଷ ର ବିତରଣ କରିବା ସହ ବୃକ୍ଷ ରୋପଣ ମଧ୍ୟ କରିଥିଲେ। ତୁଳସୀ, ହାଡସିନଖୁଲା, ଆମ୍ବ, ବଟ, ନିମ୍ବ, ଆଲୋଭେରା, ଗିଲୟ ଇତ୍ୟାଦି



ବୃକ୍ଷର ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ରାୟଗଡା ର ଭାରତ ସ୍ୱାଭିମାନ ଜିଲ୍ହା ପ୍ରଭାରୀ ଆଚାର୍ଯ୍ୟ ରାଜେଶ ଙ୍କ ଉପସ୍ଥିତି ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ଆଚାର୍ଯ୍ୟ ରାଜେଶ ଜି ଙ୍କ କହିବା ଅନୁସାରେ ଆୟୁର୍ବେଦ ହେଉଛି ଆୟୁ କୁ ବୃଦ୍ଧି କରିବା ର ଜୀବନ ପଦ୍ଧତି ଅଟେ। ଆୟୁର୍ବେଦ ହେଉଛି ପ୍ରାଚୀନ ଋଷି ମୁନି ମାନଙ୍କ ର ଅମୂଲ୍ୟ ଧରବର। ବର୍ତମାନ ସମୟରେ ଆୟୁର୍ବେଦ ଔଷଧ ର ପ୍ରୟୋଗ କରି ନିରୋଗ ମୟ ଜୀବନ ଧାରଣ କରିପାରିବା। ଏହି କାର୍ଯ୍ୟକ୍ରମ ରେ ସେନ୍ତୁରୀୟାନମହାବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ରାଧା କୃଷ୍ଣ ମହାପାତ୍ର, ରବୀନ୍ଦ୍ର ଚୌଧୁରୀ, କିଶୋର ଚନ୍ଦ୍ର ଦୋରା, କୈଳାଶ ଚନ୍ଦ୍ର ପାଣିଗ୍ରାହୀ ସହଯୋଗ କରିଥିଲେ। ଆଗାମୀ ଦିନରେ ଏହି ଭଳି ବୃକ୍ଷ ରୋପଣ କରିବାର ଯୋଜନା ଅଛି ବୋଲି ସୂଚନା ଦେଇଛନ୍ତି।

## ମାନସିକ ପୂରଣ ପାଇଁ କାଉଡ଼ିଆଙ୍କ ଦ୍ୱାରା ଜଳ ସମର୍ପଣ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବ୍ଲକର ବିଭିନ୍ନ ଶୈବ ପୀଠ ରେ ପବିତ୍ର ଶ୍ରାବଣ ମାସ ର ଶେଷ ରବିବାର ଦିନ ଭିଡ଼ ଜମିଥିଲା। ଗଣିଆ ସ୍ଥିତ ରାଉତ ପଡା ନିକଟ ମହାନଦୀ କୂଳ ରେ ମହାପ୍ରଭୁ ଶଙ୍କର ଙ୍କୁ ସ୍ମରଣ କରି ସେଠାରେ ବାଲୁକା ସ୍ଥାପନ କରି ବୁଡ଼ ପକାଇ ଜଳ ଉଠାଇ ଥିଲେ ଏବଂ ସେଠାରେ ଧୂପ, ଦ୍ୱୀପ, ଅର୍ଘ୍ୟ, ଭୋଗ ଅର୍ପଣ କରି ମହାଦେବ ଙ୍କ ନାମ କୁ ବିଭିନ୍ନ ଢ଼ଙ୍ଗରେ ଉଚ୍ଚାରଣ କରି ବାଲୁକା



ପ୍ରତିମୂର୍ତ୍ତି କୁ ପୂଜା କରି ରାଉତ ପଡା ଠାରୁ ବାହାରି ମଧଖଣ୍ଡ ସ୍ଥିତ ସ୍ୱପ୍ନେଶ୍ୱର୍ ପୀଠରେ ପାଣି ଢ଼ାଳି ଥିଲେ କ୍ଷ ସେହିଭଳି ଦଶପଲ୍ଲା ବ୍ଲକର ବିଭିନ୍ନ ଶୈବପୀଠ ଯଥା ଡିହଗାଁ ର ବାବା ଜଳେଶ୍ୱର, ଦଶପଲ୍ଲା ମାଳିସାହି ବାବା ନୀଳକଣ୍ଠେଶ୍ୱର ଆଦି ପୀଠ ସ୍ଥାନକୁ ପାଣି ନେଇ ସୋମବାର ଦିନ ପ୍ରଭୁଙ୍କ ଲିଂଗରେ ଜଳ ଢାଳିଥିଲେ କ୍ଷ ପୁଣ୍ୟ ମହାତ୍ମା ଶ୍ରାବଣ ମାସ ଶେଷ ସୋମବାର ଦିନ ସେମାନଙ୍କ ମାନସିକ ଧାରି ପ୍ରଭୁଙ୍କ ପାଖରେ ସମର୍ପଣ କରି ପାଣି ଢାଳିଥିଲେ କ୍ଷ ମାସ ର ଶେଷ ସୋମବାର ହୋଇଥିବାରୁ ପ୍ରତ୍ୟେକ ସ୍ଥାନରେ ବେଶ୍ ଭିଡ଼ ଜମିଥିଲକ୍ଷ କ୍ଷ

## ରାଇରଙ୍ଗପୁରର ନୂତନ ବନଖଣ୍ଡ ଅଧିକାରୀ ଭାବେ ସୁବ୍ରତ ପାତ୍ରଙ୍କ ଯୋଗଦାନ

ରାଇରଙ୍ଗପୁର, (ମହାଭାରତ) : ରାଇରଙ୍ଗପୁରର ବନଖଣ୍ଡ ଅଧିକାରୀ ଭାବେ ସୁବ୍ରତ ପାତ୍ର ପ୍ରାକ୍ତନ ଡିଏଫଓ ଶ୍ରୀ ଶିବ ପ୍ରସାଦ ରଥଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି ।ସୁବ୍ରତ ପାତ୍ର ରେଢାଖୋଲ ଡିଭିଜନର ଡିଏଫଓ ଭାବେ ଦାୟିତ୍ୱରେ ଥିଲେ ।ଶିବ ପ୍ରସାଦ ରଥ ରାଇରଙ୍ଗପୁର ରୁ ବଦଳି ହୋଇ ବୌଦ୍ଧ ଜିଲ୍ଲାର ବନଖଣ୍ଡ କେନ୍ଦୁଲିଫ୍ କୁ ବଦଳି ହୋଇଛି । ଦାୟିତ୍ୱ ଗ୍ରହଣ ସମୟରେ ସମସ୍ତ ବନ ବିଭାଗ କର୍ମଚାରୀ ନୂତନ ବନଖଣ୍ଡ ଅଧିକାରୀଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ସୁବ୍ରତ ପାତ୍ର ରାଇରଙ୍ଗପୁର ,ନଖଣ୍ଡର ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣ,ଜୀବଜନ୍ତୁ ସୁରକ୍ଷା, ଜଙ୍ଗଲ ସନ୍ନିକଟ ଆଦିବାସୀଙ୍କ ଜୀବନ ଜୀବିକାକୁ ଗୁରୁତ୍ୱ ଦେବା , ଖଣିଜ ପଦାର୍ଥ ଚୋରା ଖନନ ରୋକିବା ଉପରେ ଗୁରୁତ୍ୱ ଦେବେ। ରାଇରଙ୍ଗପୁର ବନଖଣ୍ଡକୁ ଏକ ସବୁଜ ସୁନ୍ଦର ଗଢି ତୋଳିବା ତାଙ୍କର ଲକ୍ଷ୍ୟ । ସମସ୍ତ କର୍ମଚାରୀଙ୍କୁ ସାଙ୍ଗରେ ନେଇ ଏକ ଟିମ୍ ୱାର୍କ କରିବେ ।

## ବିକଶିତ ଗାଁ ଓ ବିକଶିତ ଓଡିଶା' ଯୋଜନାରେ ବିଭିନ୍ନ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କଲେ ଶିକ୍ଷମନ୍ତ୍ରୀ ସମ୍ପଦ

ପାରାଦୀପ, (ମହାଭାରତ) : 'ବିକଶିତ ଗାଁ ବିକଶିତ ଓଡିଶା' ଯୋଜନା ମାଧ୍ୟମରେ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁଜଙ୍ଗ ବ୍ଲକ୍‌ବାଲିଆ ଗ୍ରାମ ପଞ୍ଚାୟତରେ ନୂତନ କଂକ୍ରିଟ୍ ସଡ଼କ, ବାଲିଆ ଜଗନ୍ନାଥ ପୋଖରୀ ନିକଟରେ ଗାଧୁଆ ତୁଠ ଓ କପଡ଼ା ବଦଳାଇବା ଘର, ବଡ଼ବନ୍ଧ ମା' ବଜ୍ରବୁଡୀ ଠାକୁରାଣୀ ମନ୍ଦିରରେ ନୂତନ ଭୋଗ ମଣ୍ଡପ, ବଡ଼ଙ୍ଗ ମା' ରାମଚଣ୍ଡି ମନ୍ଦିର ନିକଟରେ ନୂତନ ଭାଗବତ ଟୁଙ୍ଗି ଏବଂ ବିଧାୟକ ହାତ ଖର୍ଚ୍ଚ



ପାଣ୍ଠିରେ 'ବାଲ୍ମୀକି କୁଟୀର' ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ସୋମବାର ଦିନ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି ପାରାଦୀପ ବିଧାୟକ ତଥା ରାଜ୍ୟ ଶିକ୍ଷା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହେଲେ ସ୍ଥାନୀୟ ଜନସାଧାରଣଙ୍କ ବିଭିନ୍ନ ଆବଶ୍ୟକତା ପୂରଣ ହେବା ସହ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ମାନେ ଉପକୃତ ହୋଇପାରିବେ ଏବଂ ଗାଁ ତଥା ପଞ୍ଚାୟତର ବିକାଶ ହୋଇପାରିବ । ଗ୍ରାମୀଣ ଭିତିଭୂମିର ବିକାଶ ତ୍ୱରାନ୍ୱିତ ହେଲେ, ଏହା ସମୃଦ୍ଧ ତଥା ବିକଶିତ ଓଡିଶା ଗଠନର ଲକ୍ଷ୍ୟ ହାସଲ ଦିଗରେ ନିଶ୍ଚୟ ସହାୟକ ହେବ ବୋଲି କହିଛନ୍ତି ଶିକ୍ଷ ମନ୍ତ୍ରୀ ଶ୍ରୀ ସ୍ୱାଇଁ।

# ଗୀତା ଜ୍ଞାନାଞ୍ଜନ ପତ୍ରିକାର ଦ୍ୱାଦଶ ସଂଖ୍ୟାର ଲୋକାର୍ପଣ ଉତ୍ସବ ଓ ପ୍ରତିଭା ସମ୍ମାନ

ପାରାଦୀପ /ଜଗତସିଂହପୁର, (ମହାଭାରତ) : ବାଣୀ କ୍ଷେତ୍ର ଜଗତସିଂହପୁର ଜିଲ୍ଲାର ଏକ ଅଗ୍ରଣୀ ଆଧ୍ୟାତ୍ମିକ ଓ ସାମାଜିକ ସେବା ଅନୁଷ୍ଠାନ, ବ୍ୟାସ ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ , ଗୀତା ଜ୍ଞାନାଞ୍ଜନ ଆଧ୍ୟାତ୍ମିକ ତ୍ରୟମାସିକ ପତ୍ରିକା ର ପଞ୍ଚମ ବାର୍ଷିକ ଦ୍ୱାଦଶ ସଂଖ୍ୟା ର ଲୋକାର୍ପଣ ଉତ୍ସବ ଗତ ରବିବାର ଦିନ ଅରିଲୋ ସ୍ଥିତ ଶିଶୁଅନନ୍ତ ଆଶ୍ରମ ପରିସରରେ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଧ୍ୟାତ୍ମିକ ସାରସ୍ୱତ କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ଯୋଗଦେଇ ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆ କହିଥିଲେ ଯେ ଗୀତାର ବାଣୀ ମାନବ ସମାଜର ସମସ୍ତ କଲ୍ୟାଣ ସାଧନ ନିମନ୍ତେ ଉଦ୍ଦିଷ୍ଟ। ଆମକୁ ଗ୍ଲାନି ଓ ବିଷାଦ ମୁକ୍ତ କରି ଭଗବତ ପ୍ରାପ୍ତି କରିବା ନିମନ୍ତେ ଏଥିରେ ମାର୍ଗଦର୍ଶନ କରାଯାଇଛି



। ବ୍ୟାସ ଫାଉଣ୍ଡେସନ ର ବିଭିନ୍ନ ସମାଜସେବା କାର୍ଯ୍ୟ କୁ ମଧ୍ୟ ବାବା ବଳିଆ ଭୂୟସି ପ୍ରଶଂସା କରିଥିଲେ। ଫାଉଣ୍ଡେସନ ର ଅଧକ୍ଷା ସେହମୟୀ ଆଚାର୍ଯ୍ୟ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାକୁ ଡଃ ସିଦ୍ଧେଶ୍ୱର ପଣ୍ଡା ପରିଚାଳନା କରିଥିଲେ। ନିମନ୍ତ୍ରିତ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରିବା ସମୟରେ, ଉପଦେଷ୍ଟା ପଣ୍ଡିତ ପ୍ରଶାନ୍ତ କୁମାର ଶତପଥୀ ବେଦପାଠ କରିଥିଲେ । ବରେଣ୍ୟ ଅତିଥି ଭାବରେ ପୂର୍ବତନ ସାଂସଦ ଡଃ କୁଳମଣୀ ସାମଲ , ଓଡିଶା ବିଧାନସଭା ର ପ୍ରାକ୍ତନ ସଚୀବ ଦାଶରଥି ଶତପଥୀ, ହୋମିଓପାଥିକ ଚିକିତ୍ସକ ଡାକ୍ତର ସରୋଜ କୁମାର ଷଡଙ୍ଗୀ, ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶାର ବିଶିଷ୍ଟ ଶିଳ୍ପପତି କୈଳାଶ ଚନ୍ଦ୍ର ମହାରଣା, ବିଶିଷ୍ଟ ଆୟୁର୍ବେଦିକ ଚିକିତ୍ସକ ଡ଼ଃ ଦେବଦତ୍ତ ସାମନ୍ତରାୟ , ଓଟିଭି ର ଅଭିନନ୍ଦନ ଦାସ ପ୍ରମୁଖ ଯୋଗଦେଇ, ଗୀତା ଜ୍ଞାନାଞ୍ଜନ ପତ୍ରିକା ର ଯୁଗାନ୍ତକାରୀ ପଦକ୍ଷେପ କୁ ସ୍ୱାଗତ କରିବା ସହିତ ବ୍ୟାସ ଫାଉଣ୍ଡେସନ ବିଭିନ୍ନ ପ୍ରକାରର ସେବାମୂଳକ କାର୍ଯ୍ୟକ୍ରମ ବାସ୍ତବିକ ପ୍ରଶଂସନୀୟ ଓ ସର୍ବତ୍ର ଅଭିନନ୍ଦନିୟ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଓ ଦକ୍ଷତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ଉତ୍ତରୀୟ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯାଇଥିଲା। ବିଶେଷ କରି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଖ୍ୟାତନାମା ପାଲାଗାୟକ, ଗାୟକଶେଖର ଜଗନ୍ନାଥ ବେହେରା ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ତେବେ ଏହି ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପସଭାପତି ରଶ୍ମିତା ନାୟକ ଓ କର୍ମକର୍ତ୍ତା। ସମାଜସେବୀ ଅକ୍ଷୟ କୁମାର ସାହୁ, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ରଞ୍ଜନ କୁମାର ପ୍ରଧାନ, ଯଶୋବନ୍ତ ରାଉତ, ଆଇନଜୀବି ବୀରକିଶୋର ପାତ୍ର, ନଗେନ୍ଦ୍ର ନାଥ ସ୍ୱାଇଁ, ବିପିନ ବିହାରୀ ମାଝୀ, ପ୍ରୀତିମୟୀ ଆଚାର୍ଯ୍ୟଙ୍କ ସମେତ ଅନନ୍ତ ବଳିଆ ଟ୍ରଷ୍ଟ ର ସମସ୍ତ କର୍ମକର୍ତ୍ତା। ଓ ଆଶ୍ରମ ଅନ୍ତେବାସୀ ମାନେ ପରିଚାଳନା କରିବା କ୍ଷେତ୍ରରେ ସକ୍ରିୟ ସହଯୋଗ କରିଥିବାର ଦେଖିବାକୁ ମିଳିଥିଲା। ପରିଶେଷରେ ସାଧାରଣ ସମ୍ପାଦକ ବିବେକାନନ୍ଦ ହୋତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ହୋଇପାରୁନି ଇସିଜି : ଚିକିତ୍ସା ପୂର୍ବରୁ ରୋଗୀ ମୃତ

ନୟାଗଡ଼ : ( ମହାଭାରତ ) : ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଯେତେ ଅଭିଯୋଗ କଲେ ବି କୌଣସି ପ୍ରକାର ସୁଧାର ଆସି ପାରୁନାହିଁ। ଗତ କିଛି ଦିନ ହେବ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଇସିଜି ସୁବିଧା ମିଳି ପାରୁନଥିବା ଅଭିଯୋଗ ହୋଇଛି। କର୍ମଚାରୀ ଅଭାବ ପାଇଁ ଇସିଜି ହେଉନଥିବା ଅନ୍ୟ କର୍ମଚାରୀ କହୁଥିବା ବେଳେ ଡାକ୍ତରଖାନାର ବରିଷ୍ଠ ଡାକ୍ତର ମାନେ ମେସିନ୍ ଖରାପ ଥିବା କହୁଛନ୍ତି। କାହା କଥା ସହ କାହାର ତାଳମେଳ ରହୁନାହିଁ। ଗତ ଦୁଇ ଦିନ ତଳେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ଜଣେ ରୋଗୀଙ୍କୁ ଇସିଜି ସୁବିଧା ନ ମିଳିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବାହାରେ ଇସିଜି କରିବାକୁ ପଠାଯାଇଥିଲା। ଇସିଜି କରି ଫେରିବା ପୁଣି ଡାକ୍ତରଙ୍କୁ ଦେଖାଇବା ବେଳକୁ ରୋଗୀଙ୍କ ମୃତ୍ୟୁ ଘଟି ସାରିଥିବା ଦେଖିବାକୁ ମିଳିଛି। ରୋଗୀ ଜଣଙ୍କ ହେଲେ ଶରଣକୁଳ ଥାନା ଅନ୍ତର୍ଗତ ପ□ରିଡ଼ା ମାନପୁର ଗ୍ରାମର ଅନ୍ତର୍ଯ୍ୟାମୀ ମୁଦୁଲି। ଅନ୍ତର୍ଯ୍ୟାମୀଙ୍କ ଗତ ଦୁଇ ଦିନ ତଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ମଧ୍ୟାହ୍ନରେ ତାଙ୍କ ପୁଅ ଜିଲ୍ଲା ମୁଖ୍ୟ




ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ଇସିଜି କରିବାକୁ ପରାମର୍ଶ ଦେଇଥିଲେ କିନ୍ତୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘ ସମୟ ଇସିଜି କରିବା ପାଇଁ ସେ ଏପଟ ସେପଟ ହୋଇଥିଲେ। ସୁବିଧା ନମିଳିବାରୁ ବାହାରକୁ ଇସିଜି କରିବାକୁ ନେବା ସମୟରେ ଅନ୍ତର୍ଯ୍ୟାମୀଙ୍କ ମୃତ୍ୟୁ ଘଟିଥିଲା। ତାଙ୍କୁ ପୁଣି ଡାକ୍ତରଙ୍କୁ ଦେଖାଇବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଡାକ୍ତରଖାନାରେ ଚାପା ଉତ୍ତେଜନା ଦେଖାଯାଇଥିଲା। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସାଧାରଣ ଇସିଜି ସୁବିଧା ନମିଳିବା, ସ୍ୱାସ୍ଥ୍ୟ ବିଭାଗର ଅବହେଳା ଓ ଦାୟିତ୍ୱ ହୀନତାକୁ ସ୍ପଷ୍ଟ କରୁଛି। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ ସ୍ୱାସ୍ଥ୍ୟ ବିଭାଗ ସୁଧାର ଆଣିବାରେ କୌଣସି ପ୍ରକାର ବ୍ୟବସ୍ଥା ଗ୍ରହଣ କରୁନାହିଁ। ଯାହାକୁ ନେଇ ବିଭିନ୍ନ ସମୟରେ ଉତ୍ତେଜନା ପ୍ରକାଶ ପାଇବା ସହ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଉଛି। ବିଗତ ଦିନରେ ବାଲୁଗାଁ ଅଞ୍ଚଳର ଜଣେ ପ୍ରସୂତି ମହିଳା ଏବଂ ଗର୍ଭସ୍ଥ ଶିଶୁ ମୃତ୍ୟୁକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତୁମୁଳକାଣ୍ଡ ହୋଇଥିଲା। ଏହି ଘଟଣାରେ ଡାକ୍ତରଙ୍କୁ ନିଲମ୍ବନ କରାଯାଇଥିଲା। ତଥାପି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ସୁବିଧା ଯୋଗାଇବାରେ ବ୍ୟାପକ ଅବହେଳା କରାଯାଉଛି।

## ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ ଉନ୍ନତିକରଣ କାର୍ଯ୍ୟ ତଦାରଖ



କରଞ୍ଜିଆ,(ମହାଭାରତ) ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅଧିନ ରେ ଥିବା ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡରେ ଚାଲୁ ରହିଥିବା ଉତ୍ତତି କରଣ କାର୍ଯ୍ୟ ତଦାରଖ ସହିତ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ ରେ ଆଗାମୀ ଦିନରେ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସେଠାରେ କରାଯାଇ ପାରିବ ସେଥି ନିମନ୍ତେ ସୋମବାର ଦିନ ଏକ ଟିମ ଭୀମକୁଣ୍ଡ ପରିଦର୍ଶନ କରିଛନ୍ତି। କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ରାଇରଙ୍ଗପୁର ପୂର୍ତ୍ତ ବିଭାଗ ଡିଭିଜନ ର ନିର୍ବାହୀ ଯନ୍ତ୍ରୀ ସୁମିତସୌରଭ କୁମାର ସାହୁ,କରଞ୍ଜିଆ ଡି ଏଫ ଓ ବୈଦ୍ୟନାଥ ମାଝୀ ,ଏସିଏଫ ମଦନମୋହନ ମହାନ୍ତ,ପ୍ରଭାତ କୁମାର କୁଅଁର,ସହକାରୀ ଯନ୍ତ୍ରୀ ଶ୍ୟାମାସୁନ୍ଦର ହେମ୍ବ୍ରମ,ଜେଇ ସୁଧାଂଶୁ ଶେଖର ନାୟକ ପଡ଼ିଆବେଡା ସରପ□ ଧର୍ମାନନ୍ଦ ନାଏକ,ଠାକୁରମୁଣ୍ଡା ରେଞ୍ଜର ଉମାକାନ୍ତ ବେହେରା ସମେତ ସ୍ଥାନୀୟ ଲୋକ ମାନେ ଭୀମକୁଣ୍ଡ ରେ ହେଉଥିବା ଉତ୍ତତିକରଣ କାର୍ଯ୍ୟ ଦେଖିଥିଲେ। ପୂର୍ତ୍ତ ବିଭାଗ ରାଇରଙ୍ଗପୁର ଡିଭିଜନ ଅଧୀନରେ ୪ କୋଟି ୩୮ ଲକ୍ଷ,୭୯ ହଜାର ଟଙ୍କା ବ୍ୟୟ ଅଟକଳ ରେ ଭୀମକୁଣ୍ଡ ର ଉନ୍ନତିକରଣ କାର୍ଯ୍ୟ ଚାଲୁ ରହିଛି। ଆଗାମୀ ଦିନରେ ଭୀମକୁଣ୍ଡ ର ଉତ୍ତତିକରଣ କାର୍ଯ୍ୟ କଣ ହୋଇ ପାରିବ ସେ ନେଇ ଅଧିକାରୀ ମାନେ ବୁଲି ଦେଖିଥିଲେ। ଚାଲୁ ରହିଥିବା ଉନ୍ନତିକରଣ କାର୍ଯ୍ୟ ରେ ରାସ୍ତା ଲାଗୁ ଥିବା ଟାଇଲ ଗୁଡିକ ଭାଙ୍ଗି ଦେଖିବାକୁ ମିଳିଛି।

## ରୋଟାରୀ କ୍ଲବ ଆନୁକୁଲ୍ୟରେ ଓଡ଼ିଆ ସାମ୍ବାଦିକତା ଦିବସ ପାଳିତ




ନୟାଗଡ଼, ( ମହାଭାରତ ) : ନୟାଗଡ ରୋଟାରୀ କ୍ଲବ ଆନୁକୁଲ୍ୟରେ ଓଡ଼ିଆ ସାମ୍ବାଦିକତା ଦିବସ ପାଳିତ ହୋଇଯାଇଛି। ନୟାଗଡ଼ ଜିଲ୍ଲା ସ୍ତରରେ କାର୍ଯ୍ୟରତ ସାମ୍ବାଦିକଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କ୍ଲବ ସଭାପତି ବସିରନ୍ ବିବିଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ନୟାଗଡ଼ ପୌର ପରିଷଦ ଅଧକ୍ଷା ନିରୁପମା ଖଟେଇ, ସମ୍ମାନିତ ଅତିଥିଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଉତ୍କଳ ସାମ୍ବାଦିକ ସଙ୍ଘର ନୟାଗଡ଼ ଶାଖା ସଭାପତି ଶ୍ରୀକାନ୍ତ କୁମାର ଖଟେଇ ସମାଜ ଗଠନରେ ନିର୍ଭିକ ସାମ୍ବାଦିକ ମାନେ ସମ୍ମୁଖୀନ ହେଉଥିବା ଘାତ ପ୍ରତିଘାତ ବିଷୟରେ ଆଲୋକପାତ କରିଥିଲେ। ସାମ୍ବାଦିକଙ୍କ ମୌଳିକ ଆବଶ୍ୟକତା, ଭତ୍ତା, ସୁରକ୍ଷା ପାଇଁ ସରକାରଙ୍କର ଆନ୍ତରିକତା ଲୋଡ଼ିଥିଲେ। ବରିଷ୍ଠ ସାମ୍ବାଦିକ ଚନ୍ଦ୍ର ବିଜୟୀ ମିଶ୍ର, ରାମକୃଷ୍ଣ ରଥ, ବୈଦ୍ୟ ଭୂଷଣ ମହାପାତ୍ର, ହୁସେନ ଖାନ୍, ଜୟେନ୍ଦ୍ର ବେହେରା ପ୍ରମୁଖ ଏହି ଦିବସ ଉପଲକ୍ଷେ ନିଜର ମତାମତ ରଖିଥିଲେ। କ୍ଲବ ସମ୍ପାଦକ ରୋଟାରିଆନ ଅବିନାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ରୋଟାରିଆନ୍ ଧିରେନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କ୍ଲବର ଅନ୍ୟ ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ।

## ସୁନିନ୍ଦା ଶିବ ମନ୍ଦିର ଭୋଗ ମଣ୍ଡପ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ

କରଞ୍ଜିଆ, (ମହାଭାରତ) ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ରେ ଠାକୁରମୁଣ୍ଡା ବ୍ଲକ ଦିଗଧର ଗ୍ରାମପଞ୍ଚାୟତ ସୁନିନ୍ଦା ଗ୍ରାମର ଶିବ ମନ୍ଦିର ନିକଟରେ ୫ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳ ରେ ନିର୍ମାଣ ହେବାକୁ ଥିବା ଭୋଗ ମଣ୍ଡପ ସୋମବାର ଦିନ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି।ଏହି ଅବସର ରେ ଦିଗଧର ସରପଞ୍ଚ ମଳୟ କୁମାର ପରିମାଣିକ, ବ୍ଲକ ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ,ଏବିଡ଼ିଓ ଟଙ୍କଧର ମହାନ୍ତ,ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭ୍ରା ସ୍ୱାଇଁ,ସହକାରୀ ଯନ୍ତ୍ରୀ ବିକ୍ରମ କୁମାର ସାମଲ ଉପସ୍ଥିତ ଥିଲେ।ଏଥି ସହିତ ଏହି ଅବସର ରେ ମନ୍ଦିର ପରିଚାଳନା କମିଟିର ସଦସ୍ୟ, ଗ୍ରାମବାସୀ ମାନେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେୟ ।

## ସରକାରୀ ଯୋଜନା ବାଟବଣା: ଜରିପାଲ ତଳେ ୫ ପ୍ରାଣୀ କୁଟୁମ୍ବ



କନ୍ଧମାଳ:(ମହାଭାରତ): ସରକାର ଗରିବ ଅସହାୟ ବାସହୀନ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଘର ଯୋଗାଇ ଦେଉଛନ୍ତି ସତ। କିନ୍ତୁ ପ୍ରଶାସନ ଅବହେଳା ଯୋଗୁଁ ଆଜି ବି ଏହି ଯୋଜନା କେତେକ ହିତାଧିକାରୀ ଙ୍କ ପାଖକୁ ପହଞ୍ଚି ପାରୁନଥିବା ଅଭିଯୋଗ ହେଉଛି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପକାରୀ ପଞ୍ଚାୟତ ଅନ୍ତର୍ଗତ ସିପାଞ୍ଜିରୁ ଗ୍ରାମ ରେ ଜରିପାଲ ତଳେ ବିତୁଛି ୫ ପ୍ରାଣୀ କୁଟୁମ୍ବ ଙ୍କ ଜୀବନ। କୃତିବାସ ଦିଗାଲ ବୟସ (୬୫) ତାଙ୍କ ସାନ ଭଉଣୀ ଦୁଇ ଜଣ ଝିଅ ଓ ଗୋଟିଏ ପୁଅ ମିଶାଇ ୫ ଜଣ ପ୍ରାଣୀ ଙ୍କୁ ନେଇ ଗୋଟିଏ ପରିବାର। ଦୀର୍ଘ ବର୍ଷ ଧରି ଏହି ଝାଟିମାଟି ଭଙ୍ଗା ଦଦରା କୁଡ଼ିଆରେ ରହି ଆସୁଛନ୍ତି। ଖରା ଦିନରେ ଯେମିତି ସେମିତି ଚଳି ଯାଉଥିବା ବେଳେ ବର୍ଷା ଦିନେ ଘର ଛପର ଉପରୁ ପାଣି ଗଳୁଛି। କେତେବେଳେ ଭୁଶୁଡ଼ି ପଡ଼ିବ କହି ହେବନି। ଘର ଖଣ୍ଡିଏ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ କୌଣସି ସୁଫଳ ମିଳିନଥିବା କହିଛନ୍ତି ହିତାଧିକାରୀ । ଏଭଳି ପରିସ୍ଥିତି ରେ ଘର ଖଣ୍ଡିଏ କରିବା ତାଙ୍କ ପାଇଁ ସାତ ସପନ ପାଲଟିଛି। ବର୍ଷା ଦିନ ଆସିଲେ ଭଙ୍ଗା କୁଡ଼ିଆରେ ରହିବା ପରିବାର ପକ୍ଷରେ କଷ୍ଟକର ହେଉଛି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର କୃତିବାସ ଦିଗାଲ ଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ସାମିଲ୍ କରି ଘର ଖଣ୍ଡିଏ ଯୋଗାଇ ଦେବାକୁ ବୃଦ୍ଧିଜୀବି ମହଲରୁ ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା କୃତିବାସ ଦିଗାଲ ଙ୍କ ଦୁଃଖ ନୂତନ ସରକାର କେବେ ଶୁଣୁଛନ୍ତି।

## କିଡ଼ନୀ ରୋଗରେ ଛଟପଟ ଅଭିଜିତ

ଦଶପଲ୍ଲା,(ମହାଭାରତ): ଭାଙ୍ଗିଗଲା ସ୍ୱପ୍ନ ଏବେ ଜୀବନ ମରଣ ସହିତ ଲଢେଇ ଚାଲିଛି। କିଡ଼ନୀ ଟ୍ରାନ୍ସପ୍ଲାଣ୍ଟ ନହେଲେ ଜୀବନ ପ୍ରତି ବିପଦ।ଚିକିତ୍ସା ପାଇଁ ଆବଶ୍ୟକ ଲକ୍ଷାଧିକ ଟଙ୍କା। ପୁଅର ଚିକିତ୍ସା ପାଇଁ ସରକାରୀ ଏବଂ ବେସରକାରୀ ସ୍ତରରେ ସାହାଯ୍ୟ ଲୋଡ଼ିଲେ ବାପା ଓ ମା। ଏ ଘଟଣା ହେଉଛି ନୟାଗଡ଼ ଜିଲ୍ଲା ଦଶପଲ୍ଲା ବିଜ୍ଞାପିତ ଅଂଚଳ ପରିଷଦ ୮ ନମ୍ବର ୱାର୍ଡ଼ ଅନ୍ଧାରକୋଟର ଅଭିଜିତ ମିଶ୍ରଙ୍କ କଥା। ଲକ୍ଷ୍ୟଥିଲା ଦେଶପାଇଁ ଲଢ଼ିବେ, ନିଜ ଜୀବନକୁ ବାଜିରେ ଲଗାଇ ଦେଶବାସୀଙ୍କୁ ସୁରକ୍ଷା ଦେବେ। ହେଲେ ନିଜ ଜୀବନ ବଞ୍ଚାଇବା ପାଇଁ ଏବେ କରୁଛନ୍ତି ସଂଘର୍ଷ। ଦେଶସେବା ପାଇଁ ସ୍ୱପ୍ନ ଦେଖୁଥିବା ଅଭିଜିତ ଆଜି କିଡ଼ନୀ ରୋଗରେ ଆକ୍ରାନ୍ତ।ପୁଅର କିଡ଼ନୀ ଟ୍ରାନ୍ସପ୍ଲା□ ନହେଲେ ଜୀବନ ଚାଲିଯିବ। ଆଉ ଏଥିପାଇଁ ଆବଶ୍ୟକ ପ୍ରାୟ ୧୦ ରୁ ୧୫ଲକ୍ଷ୍ୟ ଟଙ୍କା।ଜୀବନ ମରଣ ସହ ଲଢେଇ କରୁଥିବା ପୁଅକୁ ଦେଖି ମା ’ ଆଖିରୁ ଲୁହ ଶୁଖୁନି। ମାତ୍ର ୨୬ବର୍ଷ ବୟସରେ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ଅଭିଜିତ। ଯବାନ ହୋଇ ଦେଶମାତୃକାର ସେବା କରିବା ପାଇଁ ପ୍ରସ୍ତୁତ ହେଉଥିଲେ, ହେଲେ ଏବେ ନିଜ ଜୀବନ ପାଇଁ ଲଢେଇ କରୁଛନ୍ତି। ଅଭିଜିତଙ୍କ ବାପା ଜଣେ ପୂଜକ, କହିବାକୁ ଗଲେ ଗରିବ ପରିବାର। ଅଭିଯୁକ୍ତ ୨୦୧୯ ମସିହାରେ +୩ ପାଠ ସାରିବା ପରେ ସେନାରେ ଯୋଗଦେବା ପାଇଁ ଇଚ୍ଛା କରୁଥିଲେ ଏଥିପାଇଁ ସମସ୍ତ ପ୍ରସ୍ତୁତି କରି ଅନେକ ପରୀକ୍ଷା ମଧ ଦେଇଥିଲେ। କିନ୍ତୁ ୨୦୨୩ ମସିହା ଜାନୁଆରୀ ମାସରେ ହଠାତ ସେ ଅସୁସ୍ଥ ହୋଇପଡିଲେ, ତାଙ୍କର ୨ଟି ଯାକ କିଡ଼ନୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା କହିଥିଲେ ଡାକ୍ତର। ତାଙ୍କୁ ସୁସ୍ଥ ହେବାକୁ ହେଲେ କିଡ଼ନୀ ଟ୍ରାନ୍ସପ୍ଲାଣ୍ଟ ଆବଶ୍ୟକ। ଆଉ ଏଥିପାଇଁ ଆବଶ୍ୟକ ୧୦ ରୁ ୧୫ଲକ୍ଷ୍ୟ ଟଙ୍କା।ହେଲେ ପୁଅର ଚିକିତ୍ସା ଚିନ୍ତାରେ ଏବେ ଅଭିଜିତଙ୍କ ବାପା ଓ ମାୟଏବେ ଅଭିଜିତଙ୍କ ରେଗୁଲାର ଡ଼ାଏଲିସିସ ଚାଲିଛି।ତୁରନ୍ତ କୀଡୀନି ଟ୍ରାନ୍ସପ୍ଲାଣ୍ଟ ଆବଶ୍ୟକ। ଏବେ ପୁଅର ସାହାଯ୍ୟ ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ସାହାଯ୍ୟ ଲୋଡିଛନ୍ତି ଅଭିଜିତଙ୍କ ପରିବାର ଓ ଅଭିଜିତ।ଯଦି କେହି ସ – ହୃଦୟ ବ୍ୟକ୍ତି ଅଭିଜିତ ଙ୍କୁ ସହଯୋଗ କରିବାକୁ ଚାହାଁନ୍ତି ତେବେ ଯୋଗାଯୋଗ କରନ୍ତୁ।

## ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ

କଳାହାଣ୍ଡି/ମହାଭାରତ : ଭବାନୀପାଟଣା: କଳାହାଣ୍ଡି ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିରରେ ଜିଲ୍ଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୨୨ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୯୯ ଗୋଟି ଓ ସାମୂହିକ ୧୭ ଗୋଟି ରହିଥିବା ବେଳେ ୨୭ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ୬ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ ,ଭତ୍ତା, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ,ସମାଜ କଲ୍ୟାଣ,



ସାମାଜିକ ସୁରକ୍ଷା, ପୂର୍ତ୍ତ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ଶିଶୁ ସୁରକ୍ଷା, ଜଙ୍ଗଲ ଓ ପରିବେଶ, ଜିଲ୍ଲା, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟରେ ନୂତନ ଅଧକ୍ଷ ନିଯୁକ୍ତି

ଜୁନାଗଡ଼(ମହାଭାରତ): ଜୁନାଗଡ଼ ସ୍ଥିତ ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟରେ ନୂତନ ଅଧକ୍ଷ ଭାବେ ପ୍ରତାପ ବଲ୍ଲଭ ପାଣିଗ୍ରାହୀ ଯୋଗଦାନ କରିଛନ୍ତି ।ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ନିଯୁକ୍ତି ହୋଇ ପରବର୍ତ୍ତୀ ଅଧକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି ।ସେ ଭାରପ୍ରାପ୍ତ ଅଧକ୍ଷୟ ଶ୍ରୀମତୀ ସାଗରିକ। ଦାସ ଙ୍କୁ ନିଜ ଯୋଗ ଦାନ ପତ୍ର ପ୍ରଦାନ କରିଥିଲେ ।ଏହି ସମୟରେ କଲେଜର ଅଧାପକ ଆଦିତ୍ୟ ଖମାରୀ , କୈଳାସ ଚନ୍ଦ୍ର ମେହେର ,ପ୍ରିୟବ୍ରତ ବୟଣୁଆ ,ନେତ୍ରାନନ୍ଦ ପ୍ରଧାନ ,ବିଶ୍ୱ ରଞ୍ଜନ ବେହେରା ,ରାଜେଶ ପଟେଲ ,ପୂର୍ଣ୍ଣାସି ମାଝି ,ଜ୍ୟୋତି ରଞ୍ଜନ ପାତ୍ର ,ବିକାଶ ବେହେରା ,ବିବେକ ମେହେର ,ଜିତେନ୍ଦ୍ର ନାଏକ ,ବାବୁଲି ଗୋପାଳ ,ତ୍ରିଭୁବନ ବେମାଲ ଓ ଅନିରୁଦ୍ଧ ପୁଝାରି ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ଅଧକ୍ଷ କଣ୍ଟାବାଞ୍ଜି ଧନ୍ଦା ମୂଳକ ସ୍ନାତକ କଲେଜରେ ରାଜନୀତି ବିଜ୍ଞାନର କାର୍ଯ୍ୟରତ ଥିଲେ। ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ନିଯୁକ୍ତ କମନ କ୍ୟାଡର ପ୍ରାଧ୍ୟାପକ ଭାବେ ପ୍ରିୟ ଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟର ପ୍ରଥମ ଅଧକ୍ଷ।ନୂତନ ଅଧକ୍ଷ ଙ୍କୁ ମହାବିଦ୍ୟାଳୟର ପ୍ରାଧ୍ୟାପକ ,ଅଧ୍ୟାପକ ଓ କର୍ମଚାରୀ ମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ପ୍ରାକ୍ତନ ଅଧକ୍ଷ ବିଭୁତି ଭୂଷଣ ମେହେର ଉ□ରିୟ ପ୍ରଦାନ କରି ସ୍ୱାଗତ କରିଥିବା ବେଳେ ଭାରପ୍ରାପ୍ତ ଅଧକ୍ଷୟ ପ୍ରାଧାପିକ ସାଗରିକ। ଦାସ ପୁଷ୍ପଗୁଚ୍ଛ ପ୍ରଦାନ କରି କଲେଜ ତରଫରୁ ସମ୍ବର୍ଦ୍ଧିତ କରିଥିଲେ । ଅଧକ୍ଷ ପ୍ରତାପ ବଲ୍ଲଭ ପାଣିଗ୍ରାହୀ ନିଜ ବକ୍ତବ୍ୟରେ ସାମୁହିକ ସହଯୋଗରେ ଶୈକ୍ଷିକ ଓ ପୟରିପାର୍ସିକ ବିକାଶ ହୋଇ ପାରିବ ବୋଲି ଆଶ୍ୱାସନା ଦେଇଥିଲେ।

## ଦଳ ସଫେଇ ବେଳେ ଭାଙ୍ଗିଲା ପୋଲ, ଜିଲ୍ଲାପାଳ ଙ୍କୁ ଭେଟିଲେ ଗ୍ରାମ ବାସୀ



କେନ୍ଦ୍ରାପଡା(ମହାଭାରତ): କେନ୍ଦ୍ରାପଡ଼ା ଜଳସେଚନ ବିଭାଜନ କାର୍ଯ୍ୟରେ ଦେଖିବାକୁ ମିଳିଛି ବଡ଼ ଧରଣ ର ତ୍ରୁଟି। ଗୋବରୀ କେନାଲ ରେ ଦଳ ସଫେଇ କଲାବେଳେ ଓସ୍ତପୁର୍ ସାରଙ୍ଗ ନିକଟରେ ଥିବା ମୁଖ୍ୟ ଯାତାୟାତ ପୋଲ କୁ ଦଳ ସଫେଇ ପାଇଁ ଆସିଥିବା ଡୋଜର ମେସିନ ଫଟେଇ ଦେଇଥିବାରୁ ଆଜି କେନ୍ଦ୍ରାପଡା ଜିଲ୍ଲାପାଳ ମିଳିତ ଜନଶୁଣାଣୀ ରେ ଅଭିଯୋଗ କରିଛନ୍ତି ସାରଙ୍ଗ,ଦେ ପୁର ଓ ନାଗ ପୁରା ର ଗ୍ରାମ ବାସୀ । ଅଭିଯୋଗ ଅନୁଯାୟୀ ଆର୍ଥିକ ବର୍ଷ ୨୦୨୪-୨୫ ମସିହାରେ ଶାନ୍ତ ସାହି ପାଖରୁ କଂଶାର ସାହସ ପୁର ପର୍ଯ୍ୟନ୍ତ ଗୋବରୀ କେନାଲ ରୁ ଦଳ ସଫେଇ ପାଇଁ ୧୪ ଲକ୍ଷ୍ୟ ଟଙ୍କା ର ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ ହୋଇଛି। କାର୍ଯ୍ୟ ଆରମ୍ଭ ରୁ ସାରଙ୍ଗ ଠାରେ ଥିବା ମୁଖ୍ୟ ପୋଲ ଟିକୁ ମେସିନ ଚାପ ରେ ଫଟାଇ ପୋଲ ଉପରେ ବିପଦ ସୃଷ୍ଟି କରିଛି । ପୋଲ ସହ କେନାଲ ନିକଟରେ ଥିବା ପୁରୁଣା ତୁଠ ପାହାଚ ମଧ୍ୟ ଭାଙ୍ଗି ଦେଇଛି ମେସିନ। ଯାହା ପାଇଁ ସ୍ଥାନୀୟ ଲୋକମାନେ ଯାତାୟାତ କରିବା ମୁଖ୍ୟ ପଥ ଆସନ୍ତା ଦିନରେ ବନ୍ଦ୍ ହୋଇଯିବା ର ସମ୍ଭାବନା ସୃଷ୍ଟି ହୋଇପାରେ। ଜଳସେଚନ ବିଭାଜନ ର ଖାମ ଖିଆଲି ମନୋଭାବ ପରିଚାଳନା ତୃଟି ଯୋଗୁଁ ଏଭଳି କାର୍ଯ୍ୟ ହୋଇଥିବା ଗ୍ରାମ ବାସି ଅଭିଯୋଗ କରିଛନ୍ତି । ଦଳ ଭର୍ତ୍ତି ହୋଇଯିବା ସମ୍ଭାବନା ଅଧିକ ରହିଛି । ତେବେ ପୋଲ ର ମରାମତି କାର୍ଯ୍ୟ କିଏ କରିବ ଏବଂ ଭାଙ୍ଗିଥିବା ପାହାଚ ଗୁଡିକୁ କିଏ ନିର୍ମାଣ କରିବ ତାହା ପାଇଁ ଅଭିଯୋଗ କାରୀ ଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପ୍ରକାଶ ପାଇଛି । ଆଜି ଜିଲ୍ଲା ପ୍ରଶାସନ ର ମିଳିତ ଜନ ଶୁଣାଣି ରେ ପହଞ୍ଚି ଏପରି ଅଭିଯୋଗ କରିଛନ୍ତି ଓସ୍ତପୁର ପଞ୍ଚାୟତ ର ସରପଞ୍ଚ ପ୍ରାର୍ଥୀ ରଶ୍ମି ରଞ୍ଜନ ଚୌଧୁରୀ, ରଞ୍ଜନ ରାଉତ, ପ୍ରଭାତ କୁମାର ଖଟୁଆ, ଗୋବିନ୍ଦ ମଲ୍ଲିକ ପ୍ରମୂଖ ମିଶି ଜିଲ୍ଲାପାଳ ଙ୍କ ନିକଟରେ ଅଭିଯୋଗ କରିଛନ୍ତି।ଯଦି ସାରଙ୍ଗ ମୁଖ୍ୟ ପୋଲ ମରାମତି କାର୍ଯ୍ୟ ନହୁଏ ତେବେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖ ରେ ଧାରଣା ଦେବା କୁ ଚେତାବନୀ ଦେଇଛନ୍ତି ଗ୍ରାମ ବାସି।

## ବେଧଡକ ଚାଲିଛି ବେନିୟମ ବାଲି ଚୋରା ଚାଲାଣ: ନୀରବରେ ସିନାପାଲି ପ୍ରଶାସନ



ଖଡ଼ିଆଳ:(ମହାଭାରତ) ନୂଆପଡ଼ା ଜିଲ୍ଲା ସିନାପାଲି ସହର ଦେଇ ପ୍ରବାହିତ ଉଦନ୍ତୀ ନଦୀ ରୁ ବେନିୟମ ଭାବରେ ବାଲି ଚୋରା ଚାଲାଣ ହେଉଥିବା ବେଳେ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ସିନାପାଲି ଅଞ୍ଚଳ ରେ ବାଲି ଉତ୍ସ ଗୁଡ଼ିକ ନିଲାମ ହୋଇ ନ ଥିବା ବେଳେ ମାଫିଆ ମାନେ ଦିନ ଦ୍ୱି ପ୍ରହର ରେ ଖୁଲମ ଖୋଲା ଚୋରା ଚାଲାଣ କରୁଛନ୍ତି। କିଛି ମାଫିଆ ପ୍ରଶାସନିକ ଅଧିକାରୀ ମାନଙ୍କ ସହିତ ସଲାସୁତୁରା କରି ଏହି କାରବାର ଚଳାଇଥିବା ବେଳେ ବେଶ୍ ମୁନାଫା ଉଠାଇ ଚାଲିଛନ୍ତି ବୋଲି ସାଧାରଣ ରେ ଅଭିଯୋଗ ହେଉଛି। ଉଦନ୍ତୀ ନଦୀ ରୁ ବାଲି ଉଠାଇ ବିଭିନ୍ନ ସ୍ଥାନରେ ଚଢ଼ା ଦରରେ ବିକ୍ରୀ ହେଉଥିବା ବେଳେ ସୀମାନ୍ତ ଛତିଶଗଡ଼ ଅଞ୍ଚଳ କୁ ମଧ ଚୋରା ଚାଲାଣ ହେଉଛି । ହେଲେ ଏଥି ପ୍ରତି ପ୍ରଶାସନିକ ଅଧିକାରୀ ମାନେ ନୀରବଦ୍ରଷ୍ଟା ସାଜିଛନ୍ତି। ଯାହା ଫଳରେ ବ୍ୟାପକ ରାଜସ୍ୱ ହାନୀ ହେଉଛି।ନୂଆପଡ଼ା ଜିଲ୍ଲା ରାଜସ୍ୱ ଅଧିକାରୀ ମାନଙ୍କୁ ନେଇ ଜିଲ୍ଲାପାଳ ମଧୁସୂଦନ ଦାସ ବୈଠକ ଡାକି ରାଜସ୍ୱ ଆଦାୟ ବୃଦ୍ଧି ଓ ରେଡକ୍ରସ ପାଣ୍ଠି ବୃଦ୍ଧି କରାଇବା ଲକ୍ଷ୍ୟ ନେଇ ବିଭିନ୍ନ ଉତ୍ସ ରୁ ବେନିୟମ ଚାଲାଣ ଉପରେ ଅଙ୍କୁଶ ଲଗାଇବା ସହ ପ୍ରତି ଦିନ ଚଢାଉ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏଠାରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କୁ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ମାନେ ଅବମାନନା କରୁଛନ୍ତି। ଉଦନ୍ତୀ ନଦୀ ସିନ୍ଦୂରସୀଲ, ଘାଟମାଳ ଅଞ୍ଚଳ ରୁ ବୋଡ଼େନ ଓ ଛତିଶଗଡ଼ ଅଞ୍ଚଳ କୁ ପ୍ରତିଦିନ ଶହ ଶହ ଟ୍ରିପ ଟ୍ରାକ୍ଟର ଯୋଗେ ଚାଲାଣ ହେଉଥିବା ବେଳେ ନିଲଜୀ, ଲିଆଡ୍, ସରଧାପୁର, ଚଳନା, ପତିଏଲପଡ଼ା ନଦୀ ଘାଟ ରୁ ବାଲି ମାଫିଆ ମାନେ ବାଲି ଚୋରା ଚାଲାଣ କରୁଥିବା ବେଳେ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ର ଉଦ୍ଦେଶ୍ୟ କଣ ବୋଲି ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସିନାପାଲି ସହର ନିକଟସ୍ଥ କିଛି ବାଲି ଘାଟରୁ କେତେବେଳେ କଣ ଧର୍ମ କୁ ଆଖି ଠାର ନୀତି ରେ ଚଢାଉ କରାଯାଉଥିବା ବେଳେ ବାଲି ଟ୍ରିପ ପିଛା ୨୮୦୦ ଟଙ୍କା ରୁ ୩୦୦୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି। ଯାହା ଫଳରେ ଗରିବ ଶ୍ରେଣୀର ଲୋକେ ଆବାସ ଯୋଜନା ଗୃହ ଟିଏ ତିଆରି କରିବାରେ ମାଫିଆ ମାନଙ୍କ ଠାରୁ ଶୋଷଣ ର ଶୀକାର ହେଉଥିବା ଅଭିଯୋଗ ହେଉଛି । ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସଧାରଣ ରେ ଦାବୀ ହେଉଛି।

## ପୁଣି ଦବିଗଲା ନୟାଗଡ଼ ଗୋଲେଇ ଛକ




ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକକୁ ପାନୀୟ ଜଳ ଯୋଗାଣ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଏଥିପାଇଁ ବହୁ ବିରୋଧ ସତ୍ୱେ ନୟାଗଡ଼ ସହର ଦେଇ ପାଇପ ଲାଇନ ବିଛାଇବା କାର୍ଯ୍ୟ କରାଯାଉଛି। ଠିକା ସଂସ୍ଥା ନୟାଗଡ଼ ଗୋଲେଇ ଛକରେ ଚ୍ୟାମ୍ବର ନିର୍ମାଣ କରିବା ସହ ଭୂତଳ ପାଇପ ଲାଇନ ବିଛାଇବା କାର୍ଯ୍ୟ କରୁଛି। ନିର୍ମାଣଧିନ ଚ୍ୟାମ୍ବର ଠାରୁ ଗୋଲେଇ ଛକ ଦେଇ ଭୂତଳ ପାଇପ ଲାଇନ ବିଛାଇବା କାର୍ଯ୍ୟ କରାଯାଉଥିବା ବେଳେ ଗତ ୨୨ ତାରିଖରେ ଗୋଲେଇ ଛକ ରାସ୍ତା ଦବି ଯାଇଥିଲା। ୪ ଫୁଟ ଖାଲ ହେବା ସହ ମାଟି ଦବି ଯିବାରୁ ଉକ୍ତ ରାସ୍ତାରେ ଗାଡ଼ି ମୋଟର ଚଳାଚଳ ବନ୍ଦ କରାଯାଇଥିଲା। ଟ୍ରାଫିକକୁ ଏକ ପାଖିଆ କରାଯାଇଥିବା ବେଳେ ଏହାକୁ ପୁଣି ମରାମତି କରି କାମ ଚଳା ଯାଇଥିଲା। ଆଜି ପୁଣି ସମାନ ସ୍ଥାନରେ ମାଟି ଦବି ଯାଇଥିବା ଦେଖାଯାଇଛି। ପାଇପ ବିଛାଇବା ବେଳେ ମାଟି ଦବି ଯିବାରୁ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଠିକା ସଂସ୍ଥା ଏହାକୁ ଯୁଦ୍ଧ କାଳୀନ ଭିତିରେ ମରାମତି କରୁଥିଲେ ମଧ୍ୟ ଅଘଟଣା ଆଶଙ୍କାକୁ ଏଡ଼ାଇ ହେଉନାହିଁ। ଦୁଇ ବର୍ଷ ତଳେ ଜାତୀୟ ରାଜପଥ ବିଭାଗ ଦ୍ୱାରା ୨ କୋଟି ଟଙ୍କା ବ୍ୟୟ କରାଯାଇ ନୟାଗଡ଼ ମୁଖ୍ୟ ଟ୍ରାଫିକ ଛକକୁ ଗୋଲେଇ ଛକରେ ପରିଣତ କରାଯାଇଥିଲା। ଏହି କାର୍ଯ୍ୟ ନୟାଗଡ଼କୁ ଏକ ନୂତନ ସୌନ୍ଦର୍ଯ୍ୟ ଦେଇଥିଲାୟ ଗୋଲେଇ ଛକ ଦେଇ ପାଇପ ଲାଇନ ବିଛାଇବା ଦ୍ୱାରା ମାଟି ଦବି ଯାଇଛି। ଏହି ପାଇପ ଲାଇନ ଦ୍ୱାରା ଭବିଷ୍ୟତରେ ମଧ୍ୟ ଅଘଟଣ ଆଶଙ୍କା କରାଯାଉଛି।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ





## ଝାଡ଼ଖଣ୍ଡ ଶିକ୍ଷାମନ୍ତ୍ରୀ ରାମଦାସ ସୋରେନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର

ନୂଆଦିଲ୍ଲୀ : ଝାଡ଼ଖଣ୍ଡ ଶିକ୍ଷାମନ୍ତ୍ରୀ ରାମଦାସ ସୋରେନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର । ଦିଲ୍ଲୀର ଇନ୍ଦ୍ରପ୍ରସ୍ଥ ଆପୋଲୋ ହସପିଟାଲରେ ଲାଇଫ ସପୋର୍ଟରେ ରହିଛନ୍ତି । ଜାମଶେଦପୁର ସ୍ଥିତ ନିଜ ବାସଭବନ ବାଥରୁମରେ ପଡିବା ଯୋଗୁଁ ଗୁରୁତର ଆହତ ହୋଇଥିଲେ । ଏହାପରେ ତାଙ୍କୁ ଏୟାରଲିଫ୍ଟ କରାଯାଇଥିଲା । ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସା କରୁଛନ୍ତି । ଶିକ୍ଷାମନ୍ତ୍ରୀ ରାମଦାସ ସୋରେନ ଜାମଶେଦପୁର ସ୍ଥିତ ବାସଭବନରେ ପଡ଼ିଯାଇଥିଲେ । ମନ୍ତ୍ରୀ ରାମଦାସ ସୋରେନ ଜାମଶେଦପୁର ହସପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ମନ୍ତ୍ରୀଙ୍କ ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧିଥିବା ଡାକ୍ତର ଜାଣିବାକୁ ପାଇଥିଲେ । ଏହାପରେ ତାଙ୍କୁ ଦିଲ୍ଲୀ ପାଇଁ ଏୟାରଲିଫ୍ଟ କରାଯାଇଛି । ଏୟାର ଆମ୍ବୁଲାନ୍ସ ଜରିଆରେ ସୋନାରୀ ଏୟାରପୋର୍ଟରୁ ଦିଲ୍ଲୀକୁ ନିଆଯାଇଛି । ମନ୍ତ୍ରୀଙ୍କ ସହିତ ରାମଦାସ ସୋରେନଙ୍କ ପତ୍ନୀ, ପୁଅ ଏବଂ ସଂପର୍କୀୟ ମଧ୍ୟ ଦିଲ୍ଲୀ ଯାଇଛନ୍ତି । ଶନିବାର ଦିନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ମଧ୍ୟ ରାମଦାସ ସୋରେନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରିବା ପାଇଁ ହସ୍ପିଟାଲକୁ ଯାଇ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଥିଲେ ।

## ଚୀନ ଭାରତର ୨୦୦୦ କିମି ଜମି ହଡ଼ପ କରିଛି ବୋଲି ଆପଣ କେମିତି ଜାଣିଲେ ? ରାହୁଲ ଗାନ୍ଧିଙ୍କ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ରାହୁଲ ଗାନ୍ଧିଙ୍କ ଉପରେ ବର୍ଷିଲେ ସୁପ୍ରିମକୋର୍ଟ । ଭାରତର ୨ ହଜାର କିଲୋମିଟର ଅଞ୍ଚଳ ଚୀନ ମାଡ଼ି ବସିଥିବା ମନ୍ତବ୍ୟ ଦେଇଥିଲେ ରାହୁଲ ଗାନ୍ଧି । ଏହାକୁ ନେଇ ରାହୁଲଙ୍କ ବିରୋଧରେ ଏକ ଅପରାଧିକ ମାନହାନୀ ମକଦ୍ଦମା ଦାୟର ହୋଇଥିଲା । ଏହାକୁ ଚ୍ୟାଲେଞ୍ଜ କରିଥିଲେ ରାହୁଲ । ଏହା ଉପରେ ରୋକ ଲଗାଇଛନ୍ତି ସୁପ୍ରିମକୋର୍ଟ । ସୁପ୍ରିମକୋର୍ଟରେ ଶୁଣାଣି ବେଳେ ରାହୁଲଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି ଖଣ୍ଡପୀଠ । ଜଷ୍ଟିସ ଦୀପାଙ୍କର ଦତ୍ତା ଏବଂ ଜଷ୍ଟିସ ଅଗଷ୍ଟିନ ଜର୍ଜ ମସୀହଙ୍କ ବେଂଚ କହିଥିଲେ, ଚୀନ ୨ ହଜାର କିଲୋମିଟର ମାଡ଼ି ବସିଥିବା ରାହୁଲ କେମିତି ଜାଣିଲେ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି । ଏ ନେଇ କିଛି ବିଶ୍ୱସନୀୟ ପ୍ରମାଣ ଅଛି କି ? ଜଣେ ଭାରତୀୟ ଏଭଳି ମନ୍ତବ୍ୟ ଦେବା ଉଚିତ ନୁହେଁ । ଯଦି ଆପଣ ସଚ୍ଚୋଟ ଭାରତୀୟ, ତେବେ ଆପଣ କେମିତି ଏଭଳି କଥା କହିପାରୁଛନ୍ତି । ଖଣ୍ଡପୀଠ କହିଥିଲେ, ଆପଣ ବିରୋଧୀ ଦଳ ନେତା । ଏକଥା କାହିଁକି ସଂସଦରେ ଉଠାଇ ପାରିବେନି । ରାହୁଲ ଗାନ୍ଧିଙ୍କ ପକ୍ଷରୁ ହାଜର ହୋଇଥିବା ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭି ପ୍ରଥମେ ଯୁକ୍ତି ଦେଇଥିଲେ ଯେ, ଯଦି ଜଣେ ବିରୋଧୀ ନେତା ପ୍ରସଙ୍ଗ ଉଠାଇ ପାରିବେ ନାହିଁ, ତେବେ ଏହା ଏକ ଦୁର୍ଭାଗ୍ୟଜନକ ପରିସ୍ଥିତି ହେବ । ଯଦି ସେ ପ୍ରେସରେ ପ୍ରକାଶିତ ଏହି କଥା କହିପାରିବେ ନାହିଁ, ତେବେ ସେ ବିରୋଧୀ ଦଳ ନେତା ହୋଇପାରିବେ ନାହିଁ । ଏହା ଉପରେ ଜଷ୍ଟିସ୍ ଦତ୍ତା ପଚାରିଲେ, 'ଆପଣ ସଂସଦରେ ଯାହା କହିବାକୁ ଚାହୁଁଛନ୍ତି ତାହା କାହିଁକି କହୁନାହାଁନ୍ତି ? ସୋସିଆଲ ମିଡିଆ ପୋଷ୍ଟରେ ଆପଣଙ୍କୁ ଏହା କାହିଁକି କହିବାକୁ ପଡିବ ?' ୨୦୨୩ରେ ଭାରତ ଯୋଡ଼ୋ ଯାତ୍ରା ବେଳେ ରାହୁଲ କହିଥିଲେ, ଭାରତର ୨ହଜାର ବର୍ଗ କିଲୋମିଟର ଅଞ୍ଚଳ ମାଡ଼ି ବସିଛି ଚୀନ । ତାଙ୍କୁ ଏକଥା ଜଣେ ପୂର୍ବତନ ଆର୍ମୀ ଅଫିସର କହିଥିବା ରାହୁଲ ଦାବି କରିଥିଲେ । ତାଙ୍କ ବିବୃତ୍ତି ରାଜନୈତିକ ହଇଚଇ ସୃଷ୍ଟି କରିଥିଲା ଏବଂ ତାଙ୍କ ବିରୁଦ୍ଧରେ ମାନହାନି ମାମଲା ଦାୟର ହୋଇଥିଲା । ଏହାକୁ ଚ୍ୟାଲେଞ୍ଜ କରି ରାହୁଲ ସୁପ୍ରିମକୋର୍ଟ ଦ୍ୱାରସ୍ଥ ହୋଇଥିଲେ ।

## ମୁଖତାର ଅନସାରୀଙ୍କ ସାନ ପୁଅ ଉମର ଅନସାରୀ ଗିରଫ

ନୂଆଦିଲ୍ଲୀ : ଗାଜିପୁର ପୋଲିସ ପୂର୍ବତନ ବିଧାୟକ ମୁଖତାର ଅନସାରୀଙ୍କ ସାନ ପୁଅ ଉମର ଅନସାରୀ ଗିରଫ । ଉମରଙ୍କୁ ଲକ୍ଷ୍ନୌରୁ ଦାରୁଲଶାଫାସ୍ଥିତ ବିଧାୟକ ବାସଭବନରୁ ଗିରଫ କରିଛି ଗାଜିପୁର ପୋଲିସ । ପୋଲିସ ଗିରଫ ପରେ ତାଙ୍କୁ ଗାଜିପୁର ନେଇଛି । ଉମର ଅନସାରୀଙ୍କ ବିରୋଧରେ ଗାଜିପୁର ଜିଲ୍ଲାର ମହମ୍ମଦାବାଦ ପୋଲିସ ଷ୍ଟେସନରେ ନକଲି କାଗଜପତ୍ର ପ୍ରସ୍ତୁତ କରିବା ଓ ଠକେଇ କରିବା ଅଭିଯୋଗରେ ଏକ ମାମଲା ରୁଜୁ କରାଯାଇଛି । ଏହି ମାମଲାରେ ଗାଜିପୁର ପୋଲିସ ଗୁରୁତର ଅନିୟମିତତା ବିଷୟରେ ଜାଣିବାକୁ ପାଇଲା । ଉମର ଅନସାରୀ ୟୁପି ଗ୍ୟାଙ୍ଗଷ୍ଟର ଆଇନର ଧାରା ୧୪(୧) ଅନୁଯାୟୀ ଜବତ ସମ୍ପତ୍ତିକୁ ମୁକ୍ତ କରିବା ପାଇଁ କୋର୍ଟରେ ଏକ ଆବେଦନ ଦାଖଲ କରିଥିଲେ । ଏହି ସମ୍ପତ୍ତି ତାଙ୍କ ପିତା ଓ ପୂର୍ବତନ ବିଧାୟକ ମୁଖତାର ଅନସାରୀଙ୍କ ଥିଲା । ଯାହାକୁ ଗ୍ୟାଙ୍ଗଷ୍ଟର ଆଇନ ଅନୁଯାୟୀ ମୃତ ଘୋଷଣା କରାଯାଇଥିଲା । ଆବେଦନ ସହିତ କୋର୍ଟରେ ଦାଖଲ ହୋଇଥିବା ଦଲିଲରେ ଉମର ଅନସାରୀ ତାଙ୍କ ମାଆ ଅଫଶା ଅନସାରୀଙ୍କ ଦସ୍ତଖତକୁ ଜାଲ କରି ଦଲିଲ ଉପସ୍ଥାପନ କରିଥିଲେ । ତଦନ୍ତ ସମୟରେ ସ୍ପଷ୍ଟ ହୋଇଥିଲା ଯେ, ଦସ୍ତଖତ ପ୍ରକୃତରେ ଅଫଶା ଅନସାରୀଙ୍କ ନୁହେଁ। ଏହା ପରେ ଗାଜିପୁର ପୋଲିସ ଉମର ଅନସାରୀଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲା । ଯେଉଁଥିରେ ସେ ଜାଣିଶୁଣି ନକଲି ଦଲିଲ ତିଆରି କରିବା ଏବଂ କୋର୍ଟକୁ ବିଭ୍ରାନ୍ତ କରିବାର ଅଭିଯୋଗ ଆଣିଥିଲେ । ଉମର ଅନସାରୀଙ୍କ ଗିରଫଦାରୀ ସମ୍ପର୍କରେ ତାଙ୍କ ଭାଇ ଅବ୍ବାସ ଅନସାରୀ ଏକ ଢ ପୋଷ୍ଟରେ କହିଛନ୍ତି, "ରାତି ୧୦.୪୦ରେ କିଛି ପୋଲିସ କର୍ମଚାରୀ ସାନ ଭାଇ ଉମର ଅନସାରୀଙ୍କୁ ତାଙ୍କ ଦାରୁଲ ଶିଫାସ୍ଥିତ ବାସଭବନରୁ ସାଙ୍ଗରେ ନେଇଯାଇଥିଲେ । ତେବେ ଉମରଙ୍କ ଗିରଫ ହେବା ପରେ ମାମଲାର ବିସ୍ତୃତ ଯାଂଚ କରାଯାଉଛି । ଉମର ଅନସାରୀଙ୍କ ବଡ଼ ଭାଇ ଏବଂ ପୂର୍ବତନ ବିଧାୟକ ଅବ୍ବାସ ଅନସାରୀ ନିଜ ସୋସିଆଲ ମିଡିଆରେ ପୋଷ୍ଟ ଜରିଆରେ ଜଣାଇଛନ୍ତି । ଅବ୍ବାସ ଅନସାରୀ ଲେଖିଛନ୍ତି, ଭାଇ ଉମରକୁ ପୋଲିସ ଗିରଫ କରିଛି ।

## ଟ୍ରମ୍ପଙ୍କ ଧମକ ପରେ କଡ଼ା ଜବାବ ଦେଲା ଭାରତ

ନୂଆଦିଲ୍ଲୀ : ରୁଷିଆ-ୟୁକ୍ରେନ ଯୁଦ୍ଧ ପରେ, ଯେତେବେଳେ ସାରା ବିଶ୍ୱରେ ଶକ୍ତି ସଙ୍କଟ ଘନୀଭୂତ ହେଲା, ଭାରତ ଶସ୍ତା ଏବଂ ସ୍ଥିର ଶକ୍ତି ଯୋଗାଣ ସୁନିଶ୍ଚିତ କରିବା ପାଇଁ ରୁଷିଆରୁ ତୈଳ ଆମଦାନୀ ବୃଦ୍ଧି କଲା। ଆମେରିକା ଏବଂ ୟୁରୋପୀୟ ସଂଘ ଏଥିପାଇଁ ଭାରତକୁ ସମାଲୋଚନା କରିଥିଲେ, କିନ୍ତୁ ସେହି ଦେଶମାନେ ନିଜେ ରୁଷିଆ ସହିତ ବାଣିଜ୍ୟ କରିବାରେ ପଛରେ ନାହାନ୍ତି। ଆମେରିକା ଏବଂ ୟୁରୋପୀୟ ସଂଘ ବାରମ୍ବାର ରୁଷିଆରୁ ଭାରତର ତୈଳ ଆମଦାନୀ ବିଷୟରେ ପ୍ରଶ୍ନ ଉଠାଇଛନ୍ତି। କିନ୍ତୁ ସତ୍ୟ ହେଉଛି ଯେ ରୁଷିଆ-ୟୁକ୍ରେନ ଯୁଦ୍ଧ ପରେ, ୟୁରୋପ ପାରମ୍ପରିକ ଯୋଗାଣକାରୀଙ୍କଠାରୁ ତେଲ ପାଇବା ବନ୍ଦ କରିଦେଲା ଏବଂ ଭାରତ ସେହି ତେଲ ପାଇବା ଆରମ୍ଭ କଲା। ଏହି ପରିସ୍ଥିତିରେ, ଆମେରିକା ନିଜେ ଭାରତକୁ ଏପରି ତେଲ ଆମଦାନୀ କରିବାକୁ ଉତ୍ସାହିତ କରିଥିଲା ଯାହା ଦ୍ୱାରା ବିଶ୍ୱ ଶକ୍ତି ବଜାରରେ ସ୍ଥିରତା ବଜାୟ ରହିବ। ଭାରତର ନିଷ୍ପତ୍ତି ଗ୍ରାହକଙ୍କ ପାଇଁ ଶସ୍ତା ଏବଂ ନିର୍ଭରଯୋଗ୍ୟ ଶକ୍ତି ସୁନିଶ୍ଚିତ କରିବା ଆବଶ୍ୟକତା ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ଅନୁପ୍ରାଣିତ ହୋଇଥିଲା। ଏହା ଏକ ରାଜନୈତିକ ପଦକ୍ଷେପ ନଥିଲା, ବରଂ ବିଶ୍ୱ ବଜାର ପରିସ୍ଥିତିରୁ ଉପୁଜିଥିବା ଏକ ବାଧ୍ୟବାଧକତା ଥିଲା।

# କ୍ୟାନସର ଟିକା ବିକଶିତ କରିଛି ରୁଷ




ନୂଆଦିଲ୍ଲୀ : ହାରିବ କ୍ୟାନସର, ଜିତିବ ମଣିଷ। କ୍ୟାନସର ଟିକା ବିକଶିତ କରିଛି ରୁଷ । ସ୍ପୁଟନିକ -ଠ କୋଭିଡ ଭ୍ୟାକ୍ସିନ ବିକଶିତ ହୋଇଥିବା ରୁଷିଆର ଗାମାଲେୟା ନେସନାଲ ରିସର୍ଚ୍ଚ ସେଣ୍ଟରରେ କ୍ୟାନସର ଟିକା ବିକଶିତ ହୋଇଛି । ଏହାର ମାନବ ପରୀକ୍ଷଣ ହେବ ।

୨୦୨୫ ଶେଷ ଆଡ଼କୁ ମାନବ ପରୀକ୍ଷଣ ପାଇଁ ରୁଷ ସରକାର ଘୋଷଣା କରିଛନ୍ତି । ପ୍ରାରମ୍ଭିକ ଭାବେ ଚର୍ମ କ୍ୟାନସର ରୋଗ ପାଇଁ ଲଏହି ଟିକା ପରୀକ୍ଷଣ ହେବ। ପରେ ଅନ୍ୟ କ୍ୟାନସର ପାଇଁ ପରୀକ୍ଷା କରାଯିବ। ଏହା ଝଜଘଇ ଟିକା । ଯାହା ଜେନେଟିକ ଗଠନ ଉପରେ ଆଧାରିତ। ଏହି ଟିକା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ କ୍ୟାନସର କୋଷକୁ ଚିହ୍ନଟ କରି ନଷ୍ଟ କରିଦେବ । ସଫଳ ହେଲେ ରୁଷ ନାଗରିକଙ୍କୁ ମାଗଣାରେ ଯୋଗାଇ ଦେବେ ସରକାର । ପ୍ରତି ଡୋଜ୍ ର ମୂଲ୍ୟ ରହିବ ୨ ହଜାର ୮୬୯ ଡଲାର । ପ୍ରାକ-କ୍ଲିନିକାଲ ପରୀକ୍ଷଣରେ ଏହି ଟିକା ଟ୍ୟୁମର ବୃଦ୍ଧି ଏବଂ ମେଟାଷ୍ଟାସିସ୍ ବା କ୍ୟାନସରର ବିସ୍ତାର ରୋକିବାରେ ସଫଳତା ପ୍ରଦର୍ଶନ କରିଛି । ଏହାର ପ୍ରଥମ ପର୍ଯ୍ୟାୟ ମାନବ ପରୀକ୍ଷଣ ଆସନ୍ତା ସେପ୍ଟେମ୍ବର-ଅକ୍ଟୋବରରେ ମସ୍କୋରେ ହର୍ଟସେନ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଏବଂ ଏନ.ଏନ. ବ୍ଲୋଖିନ ନ୍ୟାସନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟରରେ ଆରମ୍ଭ ହେବ। ଏହି ଟିକା ପ୍ରସ୍ତୁତିରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଇଓ) ବ୍ୟବହାର କରାଯାଇଛି । ଯାହା ଟ୍ୟୁମରର ଜେନେଟିକ ମ୍ୟୁଟେସନକୁ ଏକ ଘଣ୍ଟାରୁ କମ ସମୟରେ ଚିହ୍ନଟ କରିପାରୁଛି। ଏହି ଟିକା କ୍ୟାନସର ପ୍ରତିରୋଧ ନୁହେଁ, ବରଂ କ୍ୟାନସର ରୋଗୀଙ୍କ ଚିକିତ୍ସା ପାଇଁ ବ୍ୟବହୃତ ହେବ । ବିଶ୍ୱବ୍ୟାପୀ ବୈଜ୍ଞାନିକମାନେ ଏହି ଟିକାର କ୍ଲିନିକାଲ ପରୀକ୍ଷଣ ଫଳାଫଳକୁ ଅପେକ୍ଷା କରିଛନ୍ତି। ଏହି ଟିକା ନିଓଆଣ୍ଟିଜେନ (ଭରକ୍ଟବଭଗ୍ସସଶରଭଗ୍ସ) ଉପରେ କାର୍ଯ୍ୟ କରେ। ଯାହା କେବଳ କ୍ୟାନସର କୋଷରେ ମିଳିଥାଏ। ବିଶ୍ୱରେ ଅନ୍ୟାନ୍ୟ ଦେଶ ମଧ୍ୟ ଏମଆରଏନଏ ଆଧାରିତ କ୍ୟାନସର ଟିକା ଉପରେ ଗବେଷଣା କରୁଛନ୍ତି । ଆମେରିକା ଓ ଟକର ବାୟୋଏନଟେକ ଏବଂ ମୋଡେର୍ଣ୍ଣା ଭଳି ସଂସ୍ଥା ଏ ଦିଗରେ କାର୍ଯ୍ୟ କରୁଛନ୍ତି ।

## ଅଗଷ୍ଟ ୭ ପରେ ଆୟୁଷ୍ମାନ କାର୍ଡରେ ହୋଇପାରିବନି ଚିକିତ୍ସା

ନୂଆଦିଲ୍ଲୀ : ଭାଜପା ଶାସିତ ରାଜ୍ୟ ହରିୟାଣାରେ ଲକ୍ଷ ଲକ୍ଷ ମଧ୍ୟବିତ୍ତ ଏବଂ ଗରିବ ପରିବାରଙ୍କ ପାଇଁ ଏକ ସଙ୍କଟ ଦେଖାଦେଇଛି। ହରିୟାଣାରେ, ଆୟୁଷ୍ମାନ ଭାରତ ଯୋଜନାରେ କାର୍ଡଧାରୀଙ୍କୁ ଯୋଗାଇ ଦିଆଯାଉଥିବା ମାଗଣା ସ୍ୱାସ୍ଥ୍ୟ ସେବା ବିପଦରେ ପଡ଼ିଛି। ଇଣ୍ଡିଆନ ମେଡିକାଲ ଆସୋସିଏସନ (ଓଗଇ) ଘୋଷଣା କରିଛି ଯେ ଯଦି ସରକାର ଅଗଷ୍ଟ ୭ ସୁଦ୍ଧା ଘରୋଇ ହସ୍ପିଟାଲଗୁଡ଼ିକର ପ୍ରାପ୍ୟ ନ ଦିଅନ୍ତି, ତେବେ ଏହି ତାରିଖ ପରେ, ଘରୋଇ ହସ୍ପିଟାଲଗୁଡ଼ିକରେ ଆୟୁଷ୍ମାନ କାର୍ଡଧାରୀଙ୍କ ଚିକିତ୍ସା ବନ୍ଦ କରିଦିଆଯିବ। ସୂଚନାଯୋଗ୍ୟ, ହରିୟାଣାରେ ଆୟୁଷ୍ମାନ ଭାରତ ଯୋଜନା ଲକ୍ଷ ଲକ୍ଷ ଗରିବ ଏବଂ ଅସହାୟ ଲୋକଙ୍କ ପାଇଁ ଏକ ବରଦାନ ସାବ୍ୟସ୍ତ ହୋଇଛି। ଏହି ଯୋଜନା ଅଧୀନରେ କାର୍ଡଧାରୀମାନେ ଘରୋଇ ଏବଂ ସରକାରୀ ହସ୍ପିଟାଲରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ପାଆନ୍ତି। କିନ୍ତୁ ବର୍ତ୍ତମାନ ଏହି ଯୋଜନା ଉପରେ ସଙ୍କଟର କଳା ବାଦଲ ଘୋଟିଛି।

## ୟୁପିର ବନ୍ୟା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ପଦକ୍ଷେପ, ଉଦ୍ଧାର କାର୍ଯ୍ୟ ପାଇଁ ୧୧ଟି ଟିମକୁ ଦେଲେ ନିର୍ଦ୍ଦେଶ



ନୂଆଦିଲ୍ଲୀ : ବର୍ତ୍ତମାନ ଉତ୍ତର ପ୍ରଦେଶରେ ଗମ୍ଭୀର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏହାରି ମଧ୍ୟରେ ୟୁପିର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀ ବନ୍ୟା ପ୍ରଭାବିତ ଜିଲ୍ଲାଗୁଡିକ ପାଇଁ ଟିମ୍-୧୧ ଗଠନ କରିଛନ୍ତି । ଏହା ସହିତ ପରିସ୍ଥିତି ଉପରେ ନଜର ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଏହି ବନ୍ୟାରେ ୧୮ଟି ଜିଲ୍ଲା ପ୍ରଭାବିତ ହୋଇଛି । କିନ୍ତୁ ସେଥି ମଧ୍ୟରୁ ୧୪ଟି ଜିଲ୍ଲା ଲଗାତାର ଭାବେ ବନ୍ୟା ଦ୍ୱାରା ପ୍ରଭାବିତ ରହିଛି । ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଲୋକଙ୍କ ସୁରକ୍ଷା ଏବଂ ରିଲିଫ୍ ବ୍ୟବସ୍ଥାରେ କୌଣସି ଖିଲାପ୍ ହେବା ଉଚିତ୍ ନୁହେଁ । ସମସ୍ତ ଜିଲ୍ଲାକୁ ସତର୍କ ରହିବା ସହ ରାତିରେ ବିଶ୍ରାମ ନେବାକୁ ମଧ୍ୟ ଲୋକଙ୍କୁ କହିଛନ୍ତି । ସେଠାରେ ଥିବା ତାଙ୍କ ଅଧିକାରୀମାନଙ୍କଠାରୁ ପ୍ରତ୍ୟେକଟି ମୁହୂର୍ତ୍ତର ସୂଚନା ନେବା ସହିତ ଏପରି ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ଉପସ୍ଥିତବୁଦ୍ଧି ଆବଶ୍ୟକ ବୋଲି କହିଛନ୍ତି । ଏଥିରି ୪୯୩ଟି ଡଙ୍ଗାକୁ ରିଲିଫ୍ କାର୍ଯ୍ୟ ପାଇଁ ନିୟୋଜିତ କରାଯାଇଛି । ମଧ୍ୟାହ୍ନ ଭୋଜନ ଏବଂ ଖାଦ୍ୟ ପ୍ୟାକେଟ ସମେତ ଓଆରଏସ୍ ଏବଂ କ୍ଲୋରିନ୍ ଟାବଲେଟ୍ ଲୋକଙ୍କୁ ଦିଆଯାଇଛି ।

ଅନ୍ୟପଟେ ୟୁପି ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ କହିଛନ୍ତି ଯେ, ଏପରି ପରିସ୍ଥିତିରେ ସମସ୍ତ ଅଧିକାରୀ ଏବଂ ମନ୍ତ୍ରୀମାନେ ସହଯୋଗ କରିବା ଉଚିତ୍ । ଯାହାଫଳରେ ଲୋକଙ୍କ ପାଖରେ ଶୀଘ୍ର ରିଲିଫର ସୁବିଧା ପହଞ୍ଚିପାରିବ । ଲୋକଙ୍କ ବିଶ୍ୱାସ ରହିବା ଉଚିତ ପ୍ରତି ମୁହୂର୍ତ୍ତରେ ସରକାର ସେମାନଙ୍କ ସହିତ ରହିଛନ୍ତି । ସରକାର ନିରନ୍ତର ଏହି ବାର୍ତ୍ତା ଦେଉଛନ୍ତି ଯେ ବନ୍ୟାର ଏହି ସଙ୍କଟରେ ଜନସାଧାରଣଙ୍କୁ ଏକା ଛଡ଼ାଯିବ ନାହିଁ ବୋଲି ବାରମ୍ବାର ସରକାର ସନ୍ଦେଶ ଦେଉଛନ୍ତି ।

## ଝାଡ଼ଖଣ୍ଡ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କ ବିୟୋଗ, ଦିଲ୍ଲୀର ଏକ ହସପିଟାଲରେ ନେଲେ ଶେଷ ନିଶ୍ୱାସ

ଝାଡ଼ଖଣ୍ଡ: ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଅଧ୍ୟକ୍ଷ ଶିବୁ ସୋରେନଙ୍କ ପରଲୋକ ହୋଇଛି । ଦୀର୍ଘଦିନରୁ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ହୋଇଥିଲା । ଦିଲ୍ଲୀର ଗଙ୍ଗାରାମ ହସପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଶିବୁ ସୋରେନଙ୍କ ନିଧନରେ ପୁଅ ହେମନ୍ତ ସୋରେନ କହିଛନ୍ତି, ଆଦରଣୀୟ ଦିଶୋମ ଗୁରୁଜୀ ଆମ ସମସ୍ତଙ୍କୁ ଛାଡି ଚାଲିଯାଇଛନ୍ତି । ଆଜି ମୁଁ ଶୂନ୍ୟ ହୋଇଗଲି । ଶିବୁ ସୋରେନ ଜୁଲାଇରେ କିଡନୀ ସମସ୍ୟାରେ ପୀଡିତ ହୋଇ ହସପିଟାଲରେ ଭର୍ତ୍ତି ହୋଇଥିଲେ । ସେତେବେଳେ ଠାରୁ ତାଙ୍କ ଅବସ୍ଥା ଗୁରୁତର ରହିଥିଲା । ଦୀର୍ଘ ଅସୁସ୍ଥତା ପରେ ତାଙ୍କର ମୃତ୍ୟୁ ହୋଇଥିଲା । ସେ କିଡନୀ ରୋଗରେ ପୀଡିତ ଥିଲେ । ଦେଢ଼ ମାସ ପୂର୍ବରୁ ଷ୍ଟ୍ରୋକ୍ ମଧ୍ୟ ହୋଇଥିଲା । ତାଙ୍କୁ ଗତ ଗୋଟିଏ ମାସ ଧରି ଭେଣ୍ଟିଲେଟରରେ ରଖାଯାଇଥିଲା। ଶିବୁ ସୋରେନ ଜେଏମଏମର ପ୍ରତିଷ୍ଠାତା । ଦୀର୍ଘ ୩୮ ବର୍ଷ ଧରି ସେ ଦଳର ମଙ୍ଗ ସମ୍ଭାଳିଥିଲେ । ଶିବୁ ସୋରେନଙ୍କ ଜନ୍ମ ଝାଡ଼ଖଣ୍ଡ ହଜାରିବାଗରେ ହୋଇଥିଲା । ୧୯୭୭ରେ ପ୍ରଥମ ଥର ପାଇଁ ନିର୍ବାଚନ ଲଢିଥିଲେ । ୧୯୮୦ ଯାଏଁ ଲଗାତାର ସାଂସଦ ରହିଥିଲେ । ଏହାପରେ ସେ ୩ ଥର ପାଇଁ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଛନ୍ତି ।

## ଓଲଟି ପଡ଼ିଲା ପ୍ରବାସୀଙ୍କ ଡଙ୍ଗା: ୬୮ ମୃତ, ୭୪ ନିଖୋଜ



ନୂଆଦିଲ୍ଲୀ : ରବିବାର ଅର୍ଥାତ୍ ଗତକାଲି, ୟେମେନର ଅବୟାନ୍ ପ୍ରଦେଶର ଉପକୂଳରେ ପ୍ରବାସୀ ଭର୍ତ୍ତି ଏକ ଡଙ୍ଗା ବୁଡ଼ି ଯାଇଥିଲା । ଡଙ୍ଗାରେ ୧୫୪ ଜଣ ଥିଲେ, ଯେଉଁଥିରୁ ଅତି କମରେ ୬୮ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୭୪ ଜଣ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି । ସ୍ଥାନୀୟ ଅଧିକାରୀଙ୍କ ଅନୁଯାୟୀ, ଡଙ୍ଗାରେ ଥିବା ସମସ୍ତ ପ୍ରବାସୀ ଇଥିଓପିଆରୁ ଥିଲେ, ଯେଉଁମାନେ ସାଉଦି ଆରବରେ ନିଯୁକ୍ତି ଖୋଜିବା ପାଇଁ ୟେମେନ୍ ଦେଇ ଯାଇଥିଲେ । ରବିବାର ପ୍ରତ୍ୟୁଷରେ ଆଡେନ୍ ଉପସାଗରରେ ଡଙ୍ଗାଟି ବୁଡ଼ି ଯାଇଥିଲା । ଦୁର୍ଘଟଣା ପରେ ଏପର୍ଯ୍ୟନ୍ତ କେବଳ ୧୦ ଜଣଙ୍କୁ ଉଦ୍ଧାର କରାଯାଇଛି, ଯେଉଁଥିରେ ୯ ଜଣ ଇଥିଓପିଆନ୍ ଏବଂ ଜଣେ ୟେମେନି ନାଗରିକ ଅଛନ୍ତି । ଏଥି ସହ ଜାଣିରଖନ୍ତୁ ଯେ, ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଏବଂ ଆନ୍ତର୍ଜାତୀୟ ପ୍ରବାସ ସଂଗଠନ (ଓଙଂଗ) ଏହି ଘଟଣାକୁ ସାମ୍ପ୍ରତିକ ବର୍ଷଗୁଡ଼ିକର ସବୁଠାରୁ ଖରାପ ଦୁଃଖଦ ଘଟଣା ମଧ୍ୟରୁ ଗୋଟିଏ ବୋଲି ବର୍ଣ୍ଣନା କରିଛି । ଉଦ୍ଧାରକାରୀମାନେ ମୃତଦେହ ଏବଂ ସମ୍ଭାବ୍ୟ ବଞ୍ଚିଥିବା ଲୋକଙ୍କୁ ଖୋଜିବା ଜାରି ରଖିଛନ୍ତି । ବାରମ୍ବାର ଉଠାଯାଉଥିବା ପ୍ରଶ୍ନ ହେଉଛି ଯେ ଆଫ୍ରିକାର ଲୋକମାନେ ୟେମେନ ଭଳି ଏକ ସଂଘର୍ଷପୂର୍ଣ୍ଣ ଦେଶକୁ କାହିଁକି ଯାତ୍ରା କରିବାକୁ ବାଛନ୍ତି ? ଏହାର ଉତ୍ତର କେବଳ ଆର୍ଥିକ ନୁହେଁ ବରଂ ସାମାଜିକ ଏବଂ ରାଜନୈତିକତା ମଧ୍ୟ ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଲା କାଉଡ଼ିଆଙ୍କ ଡିଜେ, ୭ ମୃତ



ନୂଆଦିଲ୍ଲୀ : ବିହାରର ଭାଗଲପୁରରେ କାଉଡ଼ିଆଙ୍କ ସହିତ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଶାହକୁଣ୍ଡ-ସୁଲତାନଗଞ୍ଜ ମୁଖ୍ୟ ରାସ୍ତାରେ ବିଳମ୍ବିତ ରାତିରେ ଘଟିଥିବା ଏହି ଦୁର୍ଘଟଣାରେ, ଉଚ୍ଚ ଶକ୍ତି ସମ୍ପର୍ଣ୍ଣ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସାତ ଜଣ କାଉଡ଼ିଆଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି । ଏହି ଦୁର୍ଘଟଣା ଘଟିଥିଲା ଯେତେବେଳେ ଭକ୍ତଙ୍କ ଏକ ଦଳ ଏକ ଡିଜେ ସହିତ ଗଙ୍ଗା ସ୍ନାନ ପାଇଁ ସୁଲତାନଗଞ୍ଜ ଯାଉଥିଲେ । ଏଥି ସହ ଯାଉଥିବା ବାଟରେ, ଡିଜେର ଉପର ଅଂଶ ଉପର ଦେଇ ଯାଉଥିବା ଉଚ୍ଚ ଶକ୍ତି ସମ୍ପର୍ଣ୍ଣ ବିଦ୍ୟୁତ୍ ତାରକୁ ସ୍ପର୍ଶ କରିଥିଲା, ଯାହା ଫଳରେ ସମଗ୍ର ଡିଜେ ଗାଡ଼ିରେ କରେଣ୍ଟ ପ୍ରବାହିତ ହୋଇଥିଲା । ଗାଡ଼ିରେ ଆରୋହୀ ଭକ୍ତମାନେ ଏଥିରେ ଫସି ଯାଇଥିଲେ । ଏଥି ସହ ଜାଣିରଖନ୍ତୁ ଯେ, ଦୁର୍ଘଟଣାର ଖବର ପାଇବା ମାତ୍ରେ ସ୍ଥାନୀୟ ଲୋକ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ପଠାଯାଇଛି । ଏହି ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପୋଲିସ ଘଟଣାର ତଦନ୍ତ କରୁଛି । ଏହି ଖବର ପରେ ମୃତକଙ୍କ ପରିବାର ସଦସ୍ୟ ଗଭୀର ମର୍ମାହତ । ଏହି ଦୁର୍ଘଟଣା ବିଦ୍ୟୁତ ବିଭାଗର ଅବହେଳା ଉପରେ ମଧ୍ୟ ପ୍ରଶ୍ନ ଉଠାଇବାରେ ଲାଗିଛି ।

## ଜମ୍ମୁ-କଶ୍ମୀରକୁ ମିଳିବ ରାଜ୍ୟ ମାନ୍ୟତା, ବିଲ ଆଣିବେ ସରକାର!

ନୂଆଦିଲ୍ଲୀ : ୨୦୧୯ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ଦୁଇ ଭାଗରେ ବିଭକ୍ତ କରି ଲଦାଖକୁ ଅଲଗା କରି ଦେଇଥିଲେ। ଜମ୍ମୁ-କଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳରେ ପରିଣତ ହୋଇଥିଲେ। କିନ୍ତୁ ଏବେ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ମିଳିବାର ଚର୍ଚ୍ଚା ଆରମ୍ଭ ହୋଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଭେଟିବା ପରେ ଏପରି ଚର୍ଚ୍ଚା ଆରମ୍ଭ ହୋଇଛି। ଏହାବାଦ ଜମ୍ମୁ-କଶ୍ମୀରର ବିଜେପି ମୁଖ୍ୟଙ୍କ ସମେତ ବିଭିନ୍ନ ନେତାଙ୍କ ସହ ଅମିତ ଶାହ ବୈଠକ କରିଛନ୍ତି। ମଙ୍ଗଳବାର ପ୍ରଧାନମନ୍ତ୍ରୀ ମୋଦି ବିଜେପି ନେତୃତ୍ୱାଧୀନ ଏନଡିଏ ସାଂସଦମାନଙ୍କ ବୈଠକ ଡାକିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ କିଛି ବୈଠକ କରିବାର ଖବର ମିଳିଛି। ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଅଗଷ୍ଟ ୫ ତାରିଖ ୨୦୧୯ରେ ହୋଇଥିଲା। ଏହାକୁ ଆସନ୍ତାକାଲି ୬ ବର୍ଷ ପୂରିବାକୁ ଯାଉଛି। ତା' ପୂର୍ବରୁ ଏପରି ଘନଘନ ବୈଠକ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ମିଳିବା ଚର୍ଚ୍ଚାକୁ ଆହୁରି ବଢ଼ାଇ ଦେଇଛି। ମୌସୁମୀ ଅଧିବେଶନ ଏବେ ଚାଲିଛି। ଏହା ୨୧ ତାରିଖରେ ଶେଷ ହେବ। ଏହାପୂର୍ବରୁ ସମ୍ଭବତଃ ଆସନ୍ତାକାଲି କିଛି ଗୋଟିଏ ବଡ଼ ଘୋଷଣା ହୋଇପାରେ। ଅଗଷ୍ଟ ୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତି ଭବନକୁ ଯାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଥିଲେ। ସର୍ବଦା ଏପରି ବୈଠକ ସମ୍ପର୍କରେ ପିଆଇବି ପକ୍ଷରୁ ବିବୃତି ଜାରି କରାଯାଏ। ହେଲେ ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମିଟିଂକୁ ନେଇ କୌଣସି ବିବୃତି ଜାରି କରାଯାଇ ନାହିଁ। ଏହି ବୈଠକର କିଛି ଘଣ୍ଟା ପରେ ରାଷ୍ଟ୍ରପତି ଭବନରେ ପହଞ୍ଚିଥିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ସେ ମଧ୍ୟ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁଙ୍କ ସହ ରୁଦ୍ଧଦ୍ୱାର ଆଲୋଚନା କରିଥିଲେ। ଚଳିତ ମାସର ପ୍ରଥମ ଦୁଇ ଦିନରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଜମ୍ମୁ-କଶ୍ମୀର ବିଜେପି ମୁଖ୍ୟ ସତ ଶର୍ମା ଓ ଲଦାଖର ଉପ ରାଜ୍ୟପାଳ କବିନ୍ଦର ଗୁପ୍ତାଙ୍କ ସହ ମିଟିଂ କରିଥିଲେ।

# ୟୁକ୍ରେନ-ରୁଷ ଯୁଦ୍ଧକୁ ପାଣି ଦେଉଛି ଭାରତ !



ନୂଆଦିଲ୍ଲୀ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସର୍ବୋଚ୍ଚ ପରାମର୍ଶଦାତା ଷ୍ଟିଫେନ୍ ମିଲର ରବିବାର ଦିନ ଭାରତ ଉପରେ ରୁଷରୁ ତେଲ କିଣି ପରୋକ୍ଷ ଭାବରେ ୟୁକ୍ରେନ ଯୁଦ୍ଧକୁ ପାଣି ଯୋଗାଇବାର ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି ଯେ ଏହା ଟ୍ରମ୍ପଙ୍କ ପାଇଁ "ଗ୍ରହଣୀୟ ନୁହେଁ" ଏବଂ ଭାରତ ଏହାର ନୀତିର ପୁନର୍ବିଚାର କରିବା ଉଚିତ । ଷ୍ଟିଫେନ୍ ମିଲର ଟ୍ରମ୍ପ ପ୍ରଶାସନରେ ହ୍ୱାଇଟ୍ ହାଉସର ଡେପୁଟି ଚିଫ୍ ଅଫ୍ ଷ୍ଟାଫ୍ ଅଟନ୍ତି ଏବଂ ତାଙ୍କର ଏହି ବୟାନ ଆମେରିକା ଦ୍ୱାରା ଭାରତ ବିରୁଦ୍ଧରେ ଲଗାଯାଇଥିବା ପ୍ରମୁଖ ଅଭିଯୋଗ ମଧ୍ୟରୁ ଗୋଟିଏ । ଏକ ରିପୋର୍ଟରେ ମିଲର କହିଛନ୍ତି, " ଡୋନାଲ୍ଡ ଟ୍ରମ୍ପ ବହୁତ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଭାରତ ପାଇଁ ରୁଷରୁ ତେଲ କିଣି ଏହି ଯୁଦ୍ଧ ପାଇଁ ଆର୍ଥିକ ସହାୟତା ଗ୍ରହଣୀୟ ନୁହେଁ ।" ଏଥି ସହ ଏକ ରିପୋର୍ଟ ଅନୁଯାୟୀ, ଟ୍ରମ୍ପଙ୍କ ଶୀର୍ଷ ପରାମର୍ଶଦାତା କହିଛନ୍ତି ଯେ ଲୋକମାନେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଭାରତ ଏବେ ରୁଷରୁ ତେଲ କିଣିବା କ୍ଷେତ୍ରରେ ଚୀନ ସହିତ ସମକକ୍ଷ । ମିଲର ଏହାକୁ ଏକ "ଆଶ୍ଚର୍ଯ୍ୟଜନକ ତଥ୍ୟ" ବୋଲି କହିଛନ୍ତି । ମିଲରଙ୍କ ମନ୍ତବ୍ୟକୁ ଟ୍ରମ୍ପ ପ୍ରଶାସନ ଦ୍ୱାରା ଏପର୍ଯ୍ୟନ୍ତ ଭାରତ ପ୍ରତି ସବୁଠାରୁ କଠୋର ସମାଲୋଚନା ବୋଲି ବିବେଚନା କରାଯାଉଛି । ବିଶେଷକରି ଯେତେବେଳେ ଭାରତ ଇଣ୍ଡୋ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଆମେରିକାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର । ହେଲେ, ମିଲର ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ସମ୍ପର୍କ "ଚମତ୍କାର" ବୋଲି ବୋଲି କହିଛନ୍ତି । ଏଥି ସହ ଜାଣିରଖନ୍ତୁ ଯେ, ଏହି ପ୍ରସଙ୍ଗରେ ଭାରତ ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସରକାରୀ ପ୍ରତିକ୍ରିୟା ଦିଆଯାଇ ନାହିଁ । ଏକ ରିପୋର୍ଟରେ କୁହାଯାଇଛି ଯେ ୱାଶିଂଟନରେ ଥିବା ଭାରତୀୟ ଦୂତାବାସ ମଧ୍ୟ ମନ୍ତବ୍ୟ ଦେବାକୁ ମନା କରିଦେଇଛି, କିନ୍ତୁ ଭାରତ ସରକାର ସୂଚିତ କରିଛନ୍ତି ଯେ ଆମେରିକାର ଚାପ ସତ୍ତ୍ୱେ ଭାରତ ରୁଷରୁ ତେଲ କିଣିବା ଜାରି ରଖିବ । ଏହି ସମୟରେ, ଆମେରିକା ଭାରତରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ୨୫% ଶୁଳ୍କ ଲାଗୁ କରିଛି କାରଣ ଏହା ରୁଷରୁ ସାମରିକ ଉପକରଣ ଏବଂ ତୈଳ କିଣିଥାଏ । ଏହା ବ୍ୟତୀତ, ଟ୍ରମ୍ପ ଚେତାବନୀ ଦେଇଛନ୍ତି ଯେ ଯଦି ରୁଷ ୟୁକ୍ରେନ ସହିତ ଏକ ବଡ଼ ଶାନ୍ତି ଚୁକ୍ତି ନ କରେ, ତେବେ ସେ ରୁଷରୁ ତେଲ କିଣୁଥିବା ଦେଶଗୁଡ଼ିକରୁ ଆମେରିକା ଆମଦାନୀ ଉପରେ ୧୦୦% ଶୁଳ୍କ ଲାଗୁ କରିବାକୁ ବିଚାର କରିପାରନ୍ତି ।

# ଅବିଶ୍ୱସନୀୟ ବିଜୟ : ସିରିଜ ଡ୍ର

## ବିଜୟଠୁ ୬ ରନ୍‌ରେ ପଛରେ ରହିଲା ଇଂଲଣ୍ଡ, ସିରାଜଙ୍କୁ ୫ ୱିକେଟ-ମ୍ୟାନ୍ ଅଫ୍ ଦି ମ୍ୟାଚ', ଗିଲ୍ ଓ ବ୍ରୁକ୍ ପ୍ଲେୟାର ଅଫ୍ ଦି ସିରିଜ୍

ଓଭାଲ,୪।୮(ଏଜେନ୍ସି); ଟେଷ୍ଟ ମେ ଦିନିକିଆ ଓ ଟି-୨୦ର ରୋମାଞ୍ଚ ଛାତି ଧଡ଼ଧଡ଼ ହେବା ସହ ସମସ୍ତେ ନିଜ ନିଜ ଦଳ ପାଇଁ ଈଶ୍ୱରଙ୍କ ନିକଟରେ କରୁଥିଲେ ପ୍ରାର୍ଥନା। ପ୍ରତିଟି ବଲରେ ବଦଳୁ ଥାଏ ମ୍ୟାଚ୍ର ମୋଡ।କେତେବେଳେ ଇଂଲଣ୍ଡ ତ କେତେବେଳେ ଭାରତ ପାଖକୁ ଆ।ସୁଥାଏ ମ୍ୟାଚ୍। ଏସବୁ ଭିତରେ ଲଣ୍ଡନର ବର୍ଷା ଓଭାଲ ଟେଷ୍ଟକୁ ଅ।ହୁରି ରୋମାଞ୍ଚ କରୁଥାଏ। ୫ ଦିନ ଧରି ଛକାପଞ୍ଝା ପରେ ଅ।ସିଛି ୫ମ ଟେଷ୍ଟର ରେଜଲ୍ଟ।





ଲଣ୍ଡନର ଦ ଓଭାଲରେ ଖେଳା ଯାଇଥିବା ଭାରତ ଓ ଇଂଲଣ୍ଡ ଟେଷ୍ଟର ଅନ୍ତିମ ଦିନରେ ଦେଖିବାକୁ ମିଳିଛି ଭରପୂର ରୋମାଞ୍ଚ। ଇଂଲଣ୍ଡ ମାଟିରେ ସିଂହ ଭଳି ରଣହୁଙ୍କାର ଦେଇ ଭାରତୀୟ ବୋଲର ଘରୋଇ ଟିମ ହାତରୁ ମ୍ୟାଚ୍ ଛଡ଼ାଇ ଅ।ଣିଛନ୍ତି। ଶେଷ ଦିନରେ ବିଜୟ ପାଇଁ ଇଂଲଣ୍ଡକୁ ୩୫ ରନ ଦରକାର ଥିବା ବେଳେ ଇଂଲଣ୍ଡ ୩୬୭ ରନରେ ଅଲଅ।ଉଟ ହୋଇଯାଇଛି। ଭାରତ ଶେଷ ଦିନରେ ୪ ୱିକେଟ ଦଖଲ କରି ମାତ୍ର ୬ ରନରେ ମ୍ୟାଚ୍ ଜିତି ଅ।ଣ୍ଡରସନ-ତେନ୍ଦୁଲକର ଟେଷ୍ଟ ସିରିଜକୁ ୨-୨ର ଶେଷ କରିଛି। ଶୁବମନ ଗିଲଙ୍କ ନେତୃତ୍ୱରେ ପ୍ରଥମଥର ଟେଷ୍ଟ ସିରିଜ ଖେଳୁଥିବା ଇଂଲଣ୍ଡକୁ ତା'ରି ମାଟିରେ ପାଣି ପିଆ।ଇ ଦେଇଛି।

୫ମ ଟେଷ୍ଟ ପୂର୍ବରୁ ଭାରତୀୟ ଟିମ ୧-୨ରେ ପଛରେ ରହିଥିଲା। ଶେଷ ଟେଷ୍ଟରେ ରୋମାଞ୍ଚ ଭରି ରହିଥିଲେ ହେଁ ଶେଷରେ ଭାରତ ବାଜି ମାରିନେଇଛି। ଦିବସର ପ୍ରଥମ ଓଭରରେ ଜାମି ଓଭରଟନ ଦମଦାର ଢଙ୍ଗରେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ଦୁଇଟି ଚୌକା ମାରିଥିଲେ। କିନ୍ତୁ ପରବର୍ତ୍ତୀ ଓଭରରେ ଦେଖିବାକୁ ମିଳିଥିବା ମିଆଁ ମ୍ୟାଜି ବା ମହମ୍ମଦଙ୍କ ଧମାଲ। ସିରାଜ ୨ ରନ କରିଥିବା ଜାମି ସ୍ମିଥଙ୍କୁ ଅ।ଉଟ କରି ଇଂଲଣ୍ଡକୁ ୭ମ ଝଟକା ଦେଇଥିଲେ। ପରବର୍ତ୍ତୀ ବଲରେ ଗସ ଅଟକିନସନ ଦ୍ୱିତୀୟ ସ୍ଲିପ ଅଞ୍ଚଳରେ ସୁଯୋଗ ଦେଇଥିଲେ ହେଁ କେଏଲ ରାହୁଲଙ୍କ ହାତକୁ ବଲ ପହଞ୍ଚି ନଥିଲା। ଏହି ଓଭରରେ ସିରାଜ ମାତ୍ର ୨ ରନ ଦେଇଥିଲେ।

ପରବର୍ତ୍ତୀ ଓଭରରେ ସିରାଙ୍କ ଶିକାର ବନିଥିଲେ ଜାମି ଓଭରଟନୟ ଇଂଲଣ୍ଡକୁ ଜିତିବା ପାଇଁ ୧୭ ରନ ଦରକାର ଥିବା ବେଳେ ପ୍ରସିଦ୍ଧ କ୍ରିଷ୍ଣା ଚମତ୍କାର ଢଙ୍ଗରେ ଜୋଶ ଟଙ୍ଗଙ୍କୁ ବୋଲ୍ଡ କରି ଦେଇଥିଲେ। ଶେଷ ବ୍ୟାଟର ଭାବେ ପ୍ରଥମ ଇନଂସରେ କାନ୍ଧ ଖସି ଯିବା ଯୋଗୁ ଡ୍ରେସିଂ ରୁମରେ ରହିଥିବା କ୍ରିସ ୱୋକ୍ସ ଗୋଟିଏ ହାତରେ ବ୍ୟାଟ ଧରି ପଡ଼ିଆ।କୁ ପ୍ରବେଶ କରିଥିଲେ। ତାଙ୍କୁ କେବଳ ଗସ ଅଟକିନସଙ୍କୁ ସାଥ ଦେବାର ଥିଲା। କାରଣ ସେ ଗୋଟିଏ ହାତରେ ବ୍ୟାଟିଂ କରିବା ସମ୍ଭବ ନୁହେଁ। କେବଳ ଶେଷ ୱିକେଟ ଭାବେ ସେ କ୍ରିଜକୁ ଆସିଥିଲେ।

ଏତିକି ବେଳେ ସିରାଜଙ୍କୁ ଅଟକିନସନ ଗୋଟିଏ ଛକା ମାରିଥିଲେ। ବିଜୟ ଟାର୍ଗେଟ ୧୧କୁ ଖସି ଆସିଥିଲା। ପରବର୍ତ୍ତୀ ଦୁଇଟି ବଲରେ କୌଣସି ରନ ହୋଇ ନଥିଲା। ଓଭରର ଶେଷ ବଲ ଅଟକିନସନଙ୍କ ବ୍ୟାଟରେ ବାଜି ନଥିଲେ ହେଁ ବାଇରେ ୧ ରନ ୱୋକ୍ସ ଚୋରାଇ ନେଇଥିଲେୟ ଧ୍ରୁବ ଜୁରେଲଙ୍କ ସିଧା ଥ୍ରୋ ୱିକେଟରେ ବାଜି ନଥିଲା।

ଇଂଲଣ୍ଡକୁ ବିଜୟ ପାଇଁ ୧୦ ରନ ଦରକାର ଥିବା ବେଳେ ଅଟକିନସନ ୨ ରନ ନେଇ ଯାଇଥିଲେ। ସେହିପରି ଓଭରର ଶେଷ ବଲରେ ସେ ପ୍ରସିଦ୍ଧଙ୍କ ବଲରେ ୧ରନ ନେଇ ପୁଣି ଷ୍ଟ୍ରାଇକକ ନିଜ ପାଖରେ ରଖିଥିଲେ। ବିଜୟ ପାଇଁ ୭ ରନ ଦରକାର ଥିବା ବେଳେ ଅ।ସିଥିଲେ ସିରାଜ। ପ୍ରଥମ ବଲରେ ସେ ଅଟକିସନଙ୍କୁ ବୋଲ୍ଡ କରି ଭାରତକୁ ୬ ରନରେ ବିଜୟ ଭେଟି ଦେଇଛି। ଗିଲ ପ୍ରଥମ ଥର କୌଣସି ଟେଷ୍ଟ ସିରିଜରେ ନିଜର କ୍ୟାପ୍ଟେନ ଇନିଂସ ଅ।ରମ୍ଭ କରିଥିବା ବେଳେ ଏହା ୨-୨ରେ ଶେଷ ହୋଇଛ।

ଦ୍ୱିତୀୟ ଇଂନିସରେ ସିରାଜ ୫ ୱିକେଟ ନେଇଥିବା ବେଳେ ପ୍ରସିଦ୍ଧ କ୍ରିଷ୍ଣା ୪ଟି ଓ ଅ।କାଶ ଦୀପ ଗୋଟିଏ ସଫଳତା ପାଇଛନ୍ତି। ଏହି ୫ ଟିକିଆ ଟେଷ୍ଟ ସିରିଜରେ ସିରାଜ ସବୁ ମ୍ୟାଚ ଖେଳିଥିବା ବେଳେ ୨୩ଟି ୱିକେଟ ଦଖଲ କରିଛନ୍ତି। ତାଙ୍କ ଠାରୁ ଅଧିକ ୱିକେଟ କୌଣସି ଖେଳାଳି ନେଇ ନାହାନ୍ତି।ସେହିପରି ୫ମ ଟେଷ୍ଟର ପ୍ରଥମ ଇନିଂସରେ ସିରାଜ ୪ ୱିକେଟ ନେଇଥିଲେୟ ଉଭୟ ଇନଂସରେ ୯ଟି ୱିକେଟ ନେଇଥିବାରୁ ତାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି।

ଇଂଲଣ୍ଡ ପାଇଁ ପ୍ରଥମ ଇନିଂସରେ ୫୩ ଓ ଦ୍ୱିତୀୟ ଇନିଂସରେ ୧୧୧ ରନ କରିଥିବା ହ୍ୟାରୀ ବ୍ରୁକଙ୍କୁ ସିରିଜର ଶ୍ରେଷ୍ଠ ଖେଳାଳି ପୁରସ୍କାର ଦିଆଯାଇଛି। ଭାରତୀୟ ଟିମର କୋଚ୍ ଗୌତମ ଗମ୍ଭୀରଙ୍କ ପକ୍ଷରୁ ଇଂଲଣ୍ଡର ବ୍ରୁକଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ଚୟନ କରାଯାଇଥିଲା।

ସିରିଜରେ ରେକର୍ଡ ୭୫୪ ରନ କରିଥିବା ଭାରତୀୟ ଟିମର ଅଧିନାୟକ ଶୁବମନ ଗିଲଙ୍କୁ ଇଂଲଣ୍ଡର ମୁଖ୍ୟ କୋଚ୍ ବ୍ରେଣ୍ଡନ ମ୍ୟାକକୁଲମ ମ୍ୟାନ ଅଫ ଦି ସିରିଜ ପାଇଁ ଚୟନ କରିଥିଲେ। ସେହି ଅନୁସାରେ ଗିଲଙ୍କୁ ମଧ୍ୟ ମ୍ୟାନ ଅଫ ଦି ସିରିଜ ପୁରସ୍କାର ମିଳିଛି। ଉଭୟ ଟିମର ଜଣେ ଲେଖାଏ ଖେଳାଳି ମ୍ୟାନ ଅଫ ଦି ସିରିଜ ପୁରସ୍କାର ଜିତିଛନ୍ତି।

ମ୍ୟାଚ୍ କଥା ବିଚାରକୁ ନେଲେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଟିମ୍ ଇଣ୍ଡିଆ। ପ୍ରଥମ ଦିନ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲାୟ କରୁଣ ନାୟରଙ୍କ ୫୭ ରନ ଓ ସାଇ ସୁଦର୍ଶନଙ୍କ ୩୮ ରନ ବଳରେ ଭାରତ ୨୨୪ ରନରେ ଅଲଅ।ଉଟ ହୋଇଯାଇଥିଲା। ଏହାର ଜବାବରେ ଜ୍ୟାକ କ୍ରଉଲୀଙ୍କ ୬୪ ରନ ବଳରେ ଇଂଲଣ୍ଡ ତା'ର ପ୍ରଥମ ଇନଂସରେ ୨୪୭ ରନ କରିଥିଲା। ଫଳରେ ଘରୋଇ ଟିମକୁ ଗୁରୁତ୍ୱପୂର୍ଣ୍ଣ ୨୩ ରନର ଲିଡ ମିଳି ଯାଇଥିଲା।

ଦ୍ୱିତୀୟ ଇନିଂସରେ ଭାରତ ଦମଦାର ବ୍ୟାଟିଂ କରିଥିଲା। ଯଶସ୍ୱୀ ଜୈସୱାଲ ୧୧୮ ରନ କରିଥିବା ବେଳେ ନାଇଟ ୱାଚ ମ୍ୟାନ ଅ।କାଶ ଦୀପଙ୍କ ବ୍ୟାଟରୁ ତାଙ୍କ ଟେଷ୍ଟ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ବାହାରିଥିଲା। ସେ ୬୬ ରନ କରିଥିଲେ। ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦର ଶେଷ ଭାଗରେ ୫୩ ରନ୍ ଲେଖାଏ କରିଥିଲେ। ଏମାନଙ୍କ ବ୍ୟତୀତ ଧ୍ରୁବ ଜୁଏଲ ୩୪, କେଏଲ ରାହୁଲ ୭, ସାଇ ସୁଦର୍ଶନ ୧୧, ଶୁବମନ ଗିଲ ୧୧ ଓ କରୁଣ ନାୟର ୧୭ ରନ୍ କରିଥିଲେ। ଭାରତ ଦ୍ୱିତୀୟ ଇନିଂସରେ ୩୯୬ ରନ କରିବାରୁ ଇଂଲଣ୍ଡକୁ ଜିତିବା ପାଇଁ ମିଳିଥିଲା ୩୭୪ ରନର ଟାର୍ଗେଟ।

ଇଂଲଣ୍ଡ ତା'ର ଦ୍ୱିତୀୟ ଇନିଂସରେ ଏକଦା ୧୦୬ ରନ୍ରେ ୩ଟି ୱିକେଟ୍ ହରାଇଥିଲା। କିନ୍ତୁ ତା'ପରେ ପ୍ରାୟ ୩୫ ଓଭର ଧରି ଦଳ ଆଦୌ ୱିକେଟ୍ ହରାଇ ନଥିଲା। ଜୋ ରୁଟ୍ ଓ ହ୍ୟାରୀ ବ୍ରୁକ୍ ଭାରତୀୟ ଦଳ ପାଇଁ କଣ୍ଟା ସାଜିଲେ। ଏହି ଯୋଡ଼ି ଭାଙ୍ଗିଲା ବେଳକୁ ଦଳର ସ୍କୋର ୩୦୧ ରେ ପହଞ୍ଚି ସାରିଥିଲା।

ହ୍ୟାରୀ ବ୍ରୁକ୍ ୯୮ ବଲରେ ୨ ଛକା ଓ ୧୪ ଚୌକା ସହାୟତାରେ ୧୧୧ ରନ୍ କରି ଅ।କାଶ ଦୀପଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ପରେ ଜୋ ରୁଟ୍ ଖେଳ ବଜାୟ ରଖି ଶତକ ପୂରଣ କରିଥିଲେ। ସେ ୧୦୫ ରନ କରି ଅ।ଉଟ୍ ହେବା ପରେ ମ୍ୟାଚରେ ରୋମାଞ୍ଚ ଭରିଥିଲା। ଜ୍ୟାକବ ବେଥଲ ୨ ମଧ୍ୟ ୪ର୍ଥ ଦିନରେ ଅ।ଉଟ ହୋଇଥିଲେ।ଶେଷ ଦିନରେ ଇଂଲଣ୍ଡକୁ ଜିତିବା ପାଇଁ ୩୫ ରନ ଓ ଭାରତକୁ ୪ ୱିକେଟ ଦରକାର ଥିବା ବେଳେ ମିଆଁ ମ୍ୟାଜିକ କିଛି ସମୟ ପାଇଁ ଦେଖିବବାକୁ ମିଳିଥିଲା। ସିରାଜ ପ୍ରଥମେ ଜାମି ସ୍ମିଥ ଓ ପରେ ୯ ରନ କରିଥିବା ଓଭରଟନଙ୍କୁ ଆଉଟ କରିଥିଲେ। ଓଭରଟନ ଆଉଟ ହେବା ବେଳକୁ ଇଂଲଣ୍ଡକୁ ଜିତିବା ପାଇଁ ୨୦ ରନ ଦରକାର ଥିଲା। ଏହାପରେ ମଧ୍ୟ ସିରାଜ ନିଜର ଶତ ପ୍ରତିଶତ ଦେଇଥିଲେ।୪ର୍ଥ ଦିନରେ ଜୋ ରୁଟ ଓ ବେଥେଲଙ୍କ ୱିକେଟ ନେଇଥିବା ପ୍ରସିଦ୍ଧ କ୍ରିଷ୍ଣା ଅ।ଜି ଜୋଶ ଟଙ୍ଗଙ୍କୁ ବୋଲ୍ଡ କରିଥିଲେ। ବାକି କାମ ସିରାଜ କରିବା ସହ ୫ ୱିକେଟ ସଫଳତା ହାସଲ କରିଥିଲେ। ବିଜୟ ପରେ ପୂରା ଷ୍ଟାଡିୟମରେ ଖେଳାଳିମାନେ ବୁଲିବୁଲି ଦର୍ଶକଙ୍କ ଅଭିବାଦନ ଗ୍ରହଣ କରିଥିଲେ।

ସିରିଜର ପ୍ରଥମ ମ୍ୟାଚ୍ ଇଂଲଣ୍ଡ ଜିତିଥିବା ବେଳେ ଭାରତ ଦ୍ୱିତୀୟ ମ୍ୟାଚ୍ରେ କମବ୍ୟାକ କରିଥିଲା। ତୃତୀୟ ମ୍ୟାଚରେ ଐତିହାସିକ ଲର୍ଡସରେ ଖେଳା ଯାଉଥିବା ବେଳେ ଭାରତ ପାଖରେ ବିଜୟର ସୁଯୋଗ ଥିଲା।କିନ୍ତୁ ଇଂଲଣ୍ଡ ୨୨ ରନରେ ମ୍ୟାଚ୍ ଜିତି ସିରିଜକୁ ୨-୧ ସ୍ଥିତିକୁ ନେଇ ଅ।ସିଥିଲା। ମାଞ୍ଚେଷ୍ଟରେ ଇଂଲଣ୍ଡର ନିଶ୍ଚିତ ବିଜୟକୁ ଭାରତ ଡ୍ର କରି ଦେଇଥିଲା। ଏବେ ୫ମ ଟେଷ୍ଟରେ ଭାରତ ୬ରେ ବିଜୟ ହୋଇଛି।

## ବୟସ ଜାଲିଆତି ରୋକିବାକୁ ବିସିସିଆଇର ବଡ଼ ପଦକ୍ଷେପ

ନୂଆଦିଲ୍ଲୀ,୪।୮(ଏଜେନ୍ସି): ବୟସ ଜାଲିଅ।ତି ରୋକିବାକୁ ଅଣ୍ଟା ଭିଡିଛି ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) । ଏହା ଅଧୀନରେ, ବୋର୍ଡ ଖେଳାଳିଙ୍କ ତଦନ୍ତ ପାଇଁ ଏକ ବାହ୍ୟ ଏଜେନ୍ସି ନିଯୁକ୍ତ କରିବ। ଯାହା ଖେଳାଳିଙ୍କ ଯୋଗ୍ୟତା ଯାଞ୍ଚ କରିବ। ରିପୋର୍ଟ ଅନୁଯାୟୀ, ଏଥିପାଇଁ ଆରପିଏଫ (ପ୍ରସ୍ତାବର ଅନୁରୋଧ) ଜାରି କରାଯାଇଛି। ଯେଉଁଥିରେ ବଡ଼ ଓ ଜଣାଶୁଣା କମ୍ପାନୀଗୁଡ଼ିକୁ ନିଲାମ ପ୍ରକ୍ରିୟାରେ ସାମିଲ ହେବାକୁ ଅ।ମନ୍ତ୍ରଣ କରାଯାଇଛି।

ଏହି ନୂଆ। ନିୟମ ଅନୁଯାୟୀ, ବିସିସିଆଇ ଦୁଇ-ସ୍ତରୀୟ ବୟସ ଯାଞ୍ଚ ବ୍ୟବସ୍ଥା କରିଛି । ଦୁଇ-ସ୍ତରୀୟ ବୟସ ଯାଞ୍ଚ ବ୍ୟବସ୍ଥାରେ ଡକ୍ୟୁମେଣ୍ଟ ଓ ଜନ୍ମ ପ୍ରମାଣପତ୍ରର ଯାଞ୍ଚ ଅନ୍ତର୍ଭୁକ୍ତ ରହିବ । ଯାହା ଖେଳାଳିଙ୍କ ବୟସ ନିର୍ଣ୍ଣୟ କରିବ । ଏହା ପରେ, ଟିଡବ୍ଲୁ୩ ଅର୍ଥାତ ଟାନର୍ ହ୍ୱାଇଟହାଉସ୍ ୩ । ଯେଉଁଥିରେ ହାଡ଼ ପରୀକ୍ଷା ହେବ। ଏଗୁଡ଼ିକ ପ୍ରାୟତଃ ୧୬ ବର୍ଷରୁ କମ୍ ପୁଅ ଓ ୧୫ ବର୍ଷରୁ କମ୍ ଝିଅଙ୍କ ସ୍ତରରେ କରାଯାଏ।

ଏହି ବାହ୍ୟ ଏଜେନ୍ସି ନିଲାମ ପ୍ରକ୍ରିୟା ଅଗଷ୍ଟ ଶେଷ ସୁଦ୍ଧା ହେବାର ଅ।ଶା କରାଯାଉଛି ।କ୍ରିକବଜ୍ ରିପୋର୍ଟ ଅନୁଯାୟୀ, ଏହି ପଦକ୍ଷେପ ପଛରେ କାରଣ ସମ୍ପୂର୍ଣ୍ଣ ସ୍ପଷ୍ଟ ନୁହେଁ । କିନ୍ତୁ ଏହା ଦେଖାଯାଉଛି ଯେ ଦାଖଲ କରାଯାଇଥିବା ଡକ୍ୟୁମେଣ୍ଟ କିମ୍ବା ପ୍ରମାଣପତ୍ର ସନ୍ଦେହଜନକ ଥିବା ମାମଲା ପରେ ଏହା ଘଟିଛି। ବିସିସିଆଇ ସିଷ୍ଟମରେ ଅଧିକ ବୟସର ଖେଳାଳିଙ୍କ ପ୍ରବେଶର ସମ୍ଭାବନାକୁ ଦୂର କରିବାକୁ ଲକ୍ଷ୍ୟ ରଖିଛି।

ବିସିସିଆଇ ବିଡିଂ କମ୍ପାନୀ କିମ୍ବା ଏଜେନ୍ସି ପାଇଁ କିଛି ସର୍ତ୍ତ ମଧ୍ୟ ରଖିଛି। ଯେପରିକି ସେମାନଙ୍କର ଫାର୍ମଗୁଡ଼ିକୁ ଯାଞ୍ଚ ସେବା ପ୍ରଦାନ କରିବାରେ ଅତି କମରେ ୩ ବର୍ଷର ଅଭିଜ୍ଞତା ରହିବା ଉଚିତ। ଭାରତରେ ଏକ ନେଟୱର୍କ ରହିବା ଉଚିତ କିମ୍ବା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଶାରୀରିକ ଏବଂ ଡିଜିଟାଲ୍ ଭାବରେ ଯାଞ୍ଚ କରିବାର କ୍ଷମତା ରହିବା ଉଚିତ ।ରିପୋର୍ଟ ଅନୁଯାୟୀ, ବିସିସିଆଇ ଚାହୁଁଛି ଯେ ସେମାନେ ପରିଚୟ ପ୍ରମାଣ (ଆଧାର, ପାସପୋର୍ଟ), ବୟସ ପ୍ରମାଣ (ଜନ୍ମ ପ୍ରମାଣପତ୍ର, ସ୍କୁଲ ରେକର୍ଡ), ବାସସ୍ଥାନ ପ୍ରମାଣ, ଶିକ୍ଷାଗତ ରେକର୍ଡ ଇତ୍ୟାଦି ସମେତ ବିଭିନ୍ନ ଡକ୍ୟୁମେଣ୍ଟ ଯାଞ୍ଚ କରିବାର କ୍ଷମତା ପ୍ରଦର୍ଶନ କରନ୍ତୁ । ଆବଶ୍ୟକ ହେଲେ, ବିଶେଷକରି ଗ୍ରାମାଞ୍ଚଳରେ ବ୍ୟକ୍ତିଗତ ଭାବରେ କ୍ଷେତ୍ର ଯାଞ୍ଚ କରିବାର କ୍ଷମତା ମଧ୍ୟ ରଖନ୍ତୁ। ଯଦି କୌଣସି ଖେଳାଳି ବୟସ ଜାଲିଅ।ତିରେ ଦୋଷୀ ସାବ୍ୟସ୍ତ ହୁଅନ୍ତି ।ତେବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅ।ପଣଙ୍କୁ ଜଣାଇ ଦେଉଛୁ ଯେ ଅନେକ ଖେଳାଳିଙ୍କ ବିରୁଦ୍ଧରେ ବୟସ ଜାଲିଆତି ଅଭିଯୋଗ ଆସିଛି। ସମ୍ପ୍ରତି, ବୈଭବ ସୂର୍ଯ୍ୟବଂଶୀଙ୍କ ବୟସ ବିଷୟରେ ମଧ୍ୟ ପ୍ରଶ୍ନ ଉଠିଥିଲା। କିନ୍ତୁ ଏହି ଦାବିଗୁଡ଼ିକ ମିଥ୍ୟା ପ୍ରମାଣିତ ହୋଇଥିଲା।

## ଡିସେମ୍ବରରେ ଭାରତ ଆସି ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ମେସି

ନୂଆଦିଲ୍ଲୀ,୪।୮: ଆର୍ଜେଣ୍ଟିନାର କିଂବଦନ୍ତି ଫୁଟ୍‌ବଲର୍ ଲିଓନେଲ ମେସି ଚଳିତ ବର୍ଷ ଡିସେମ୍ବରରେ ଭାରତ ଗସ୍ତରେ ଆସିବେ। ଏହି ଗସ୍ତ ବେଳେ ସେ କୋଲ୍‌କାତା, ଅହମଦାବାଦ, ମୁମ୍ବାଇ ଓ ନୂଆ।ଦିଲ୍ଲୀରେ ରହିବେ ଏହି ଅବସରରେ ସେ କୋଲ୍‌କାତାରେ ୭୦ଫୁଟ୍ ଉଚ୍ଚ ନିଜର ଏକ ପ୍ରତିମୂର୍ତ୍ତି ଅନାବରଣ କରିବା ସହ ଗୋଟ୍ କପ୍ ଇଭେଣ୍ଟ୍‌ରେ ଯୋଗଦେବେ। ଏହା ସହିତ ଛୋଟପିଲାଙ୍କ ସହ କିଛି ସମୟ ଅତିବାହିତ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।ଡିସେମ୍ବର ୧୨ ତାରିଖରେ ସେ କୋଲ୍‌କାତାରେ ରାତି ୧୦ଟାରେ ପହଞ୍ଚିବେ।

## ଆଙ୍କରଙ୍କୁ ପ୍ରପୋଜ କଲେ ଟିମ୍ ମାଲିକ

ନୂଆଦିଲ୍ଲୀ,୪।୮: ବିଶ୍ୱ ଚମ୍ପିଅନସିପ ଅଫ ଲିଜେଣ୍ଡସ ଲିଗ ମାଲିକ ହର୍ଷିତ ତୋମାର ସମସ୍ତଙ୍କ ଦୃଷ୍ଟି ଅ।କର୍ଷଣ କରିଥିଲେ ଯେତେବେଳେ ସେ ଆଙ୍କର କରିଶ୍ମା କୋଟକଙ୍କୁ କହିଥିଲେ ଯେ ସେ ଡବ୍ଲୁସି,ଲ୍ ଫାଇନାଲ ପରେ ତାଙ୍କୁ ପ୍ରପୋଜ କରିବେ। ଏହି ବୟାନ ପରେ, ତୋମାର ତାଙ୍କ ଇନଷ୍ଟାଗ୍ରାମରେ ଅ।ଙ୍କରଙ୍କ ସହିତ ଏକ ଫଟୋ ମଧ୍ୟ ଶେୟାର କରିଥିଲେ।



ମ୍ୟାଚ ଆରମ୍ଭ ହେବା ପୂର୍ବରୁ, ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଥିଲା, ଯାହା ସମସ୍ତଙ୍କ ଦୃଷ୍ଟି ଅ।କର୍ଷଣ କରିଥିଲା। ପ୍ରକୃତରେ, ଆଙ୍କର କରିଶ୍ମା କୋଟକ ଡବ୍ଲୁସିଏଲ୍ ମାଲିକ ହର୍ଷିତ ତୋମାରଙ୍କ ସାକ୍ଷାତକାର ନେଉଥିଲେ। ତା'ପରେ ଶୋ'ର ଶେଷରେ, ସେ ତୋମାରଙ୍କୁ ପଚାରିଥିଲେ ଯେ ସେମାନେ ଟୁର୍ଣ୍ଣାମେଣ୍ଟର ସଫଳ ସମାପ୍ତିକୁ କିପରି ପାଳନ କରିବାକୁ ଯୋଜନା କରୁଛନ୍ତି ? ଏହି ପ୍ରଶ୍ନର ଉତ୍ତରରେ, ହର୍ଷିତ ତୋମାର ଆଖି ପିଛୁଳାକେ ଉତ୍ତର ଦେଇଥିଲେ - ହୁଏତ ଏସବୁ ସରିବା ପରେ, ମୁଁ ତୁମକୁ ପ୍ରପୋଜ କରିବି। ଲାଇଭ ପ୍ରସାରଣରେ ଏପରି କଥାବାର୍ତ୍ତା ଦେଖି କରିଶ୍ମା କୋଟକ ଅ।ଶ୍ଚର୍ଯ୍ୟ ହୋଇଗଲେ। ସେ ଲଜ୍ଜାରେ କିଛି ପାଦ ପଛକୁ ହଟିଗଲେ ଏବଂ ତୁରନ୍ତ ହେ ଭଗବାନ ବୋଲି କହି ନିଜକୁ ଶାନ୍ତ କଲେ ।ତୋମାରଙ୍କ ଏହି ବୟାନ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କଲା। ଏହାର ଭିଡିଓ ଭାଇରାଲ ହୋଇଥିଲା। ଅନେକ ପ୍ରଶଂସକ ଏହି କଥାବାର୍ତ୍ତାକୁ ଅଜବ ଏବଂ ଅସହଜ ବୋଲି କହିଥିଲେ। ତଥାପି, ତୋମାର ଏହି କଥାବାର୍ତ୍ତା ବିଷୟରେ ଚିନ୍ତିତ ନଥିଲେୟ ଘଟଣାର କିଛି ସମୟ ପରେ, ସେ ସୋସିଅ।ଲ ମିଡିଅ।ରେ କୋଟକଙ୍କ ସହିତ ନିଜର ଏକ ଫଟୋ ଶେୟାର କରିଥିଲେ, ଯାହାର କ୍ୟାପସନରେ ସେ ଏକ ହୃଦୟ ଇମୋଜି ମଧ୍ୟ ଯୋଡିଥିଲେ।

## ସେପ୍ଟେମ୍ବର ୧୪ରେ ଭାରତ-ପାକ୍ ମହାମୁକାବିଲା

### ଏସିଆ କପ୍-୨୦୨୫ର ଖେଳ ସୂଚୀ ଜାରି

ନୂଆଦିଲ୍ଲୀ,୪।୮: ଏସିଆ କପ୍ ମୁକାବିଲା ପାଇଁ ଏସିସି ଅଧକ୍ଷ ମୋହସିନ ଅଧକ୍ଷ ଶନିବାର ଭେନ୍ୟୁ ଘୋଷଣା କରିଛନ୍ତି । ଏସିଆ କପ୍ ସେପ୍ଟେମ୍ବର ୯ରୁ ଅଗଷ୍ଟ ୨୮ ମଧ୍ୟରେ ୟୁଏଇରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟରେ ଭାରତ ଓ ପାକିସ୍ତନ ମଧ୍ୟରେ ଗ୍ରୁପ୍ ମୁକାବିଲା ସେପ୍ଟେମ୍ବର ୧୪ରେ ଦୁବାଇ ଇଣ୍ଟରନ୍ୟାସନାଲ୍ ଷ୍ଟାଡିୟମରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟରେ ଭାରତ ଓ ପାକିସ୍ତାନ ଗୋଟିଏ ଗ୍ରୁପରେ ଅଛନ୍ତି। ତେଣୁ ସେପ୍ଟେମ୍ବର ୨୧ (ରବିବାର)ରେ ସୁପର୍ ୪ ମୁକାବିଲାରେ ଦୁଇ ଦେଶ ମୁହାଁମୁହିଁ ହୋଇପାରନ୍ତି।

ସେପ୍ଟେମ୍ବର ୧୦ରେ ୟୁଏଇ ବିପକ୍ଷରେ ଟିମ୍ ଇଣ୍ଡିଆ ନିଜର ପ୍ରଥମ ମ୍ୟାଚ୍ ଖେଳିବ। ଭାରତର ସମସ୍ତ ମ୍ୟାଚ୍ ଦୁବାଇରେ ହେବାର ସମ୍ଭାବନା ରହିଛି ଗ୍ରୁପ୍ ଏରେ ଭାରତ, ପାକିସ୍ତାନ, ୟୁଏଇ ଓ ଓମାନ ଅଛନ୍ତି। ସେହିପରି ଗ୍ରୁପ୍ ବିରେ ଶ୍ରୀଲଙ୍କା, ବାଂଲାଦେଶ, ଅ।ଫଗାନିସ୍ତାନ ଓ ହଂକଂ ଅଛନ୍ତି। ଏସିସି ଏହି ଟୁର୍ଣ୍ଣାମେଣ୍ଟ ପାଇଁ ୧୭ ସଦସ୍ୟ ବିଶିଷ୍ଟ ଟିମ୍ ଲାଗି ଅନୁମତି ଦେଇଛି। ମ୍ୟାଚ୍ ଦୁବାଇ ଓ ଅ।ବୁ ଧାବିରେ ଖେଳାଯିବ।

**ଗ୍ରୁପ୍ ପର୍ଯ୍ୟାୟ**

ସେପ୍ଟେମ୍ବର ୯ (ମଙ୍ଗଳବାର): ଆଫଗାନିସ୍ତାନ ବନାମ ହଂକଂ (ଆବୁଧାବି) ।ସେପ୍ଟେମ୍ବର ୧୦ (ବୁଧବାର): ଭାରତ ବନାମ ୟୁଏଇ (ଦୁବାଇ) ।ସେପ୍ଟେମ୍ବର ୧୧ (ଗୁରୁବାର): ବାଂଲାଦେଶ ବନାମ ହଂକଂ (ଆବୁଧାବି)।

ସେପ୍ଟେମ୍ବର ୧୨ (ଶୁକ୍ରବାର): ପାକିସ୍ତାନ ବନାମ ଓମାନ (ଦୁବାଇ) ।ସେପ୍ଟେମ୍ବର ୧୩ (ଶନିବାର): ବାଂଲାଦେଶ ବନାମ ଶ୍ରୀଲଙ୍କା (ଅ।ବୁଧାବି)ସେପ୍ଟେମ୍ବର ୧୪ (ରବିବାର): ଭାରତ ବନାମ ପାକିସ୍ତାନ (ଦୁବାଇ)।

ସେପ୍ଟେମ୍ବର ୧୫ (ସୋମବାର): ୟୁଏଇ ବନାମ ଓମାନ (ଅ।ବୁଧାବି)।

ସେପ୍ଟେମ୍ବର ୧୫ (ସୋମବାର): ଶ୍ରୀଲଙ୍କା ବନାମ ହଂକଂ (ଦୁବାଇ)

ସେପ୍ଟେମ୍ବର ୧୬ (ମଙ୍ଗଳବାର): ବାଂଲାଦେଶ ବନାମ ଅ।ଫଗାନିସ୍ତାନ (ଦୁବାଇ)

ସେପ୍ଟେମ୍ବର ୧୭ (ବୁଧବାର): ପାକିସ୍ତାନ ବନାମ ୟୁଏଇ (ଅ।ବୁଧାବି)

ସେପ୍ଟେମ୍ବର ୧୮ (ଗୁରୁବାର): ଶ୍ରୀଲଙ୍କା ବନାମ ଅ।ଫଗାନିସ୍ତାନ (ଦୁବାଇ)

ସେପ୍ଟେମ୍ବର ୧୯ (ଶୁକ୍ରବାର): ଭାରତ ବନାମ ଓମାନ (ଅ।ବୁଧାବି)

**ସୁପର୍ ୪ ମ୍ୟାଚ୍**

ସେପ୍ଟେମ୍ବର ୨୦ (ଶନିବାର): ଗ୍ରୁପ୍ ବି କ୍ୱାଲିଫାୟର୍ ୧ ବନାମ ଗ୍ରୁପ୍ ବି କ୍ୱାଲିଫାୟର୍ ୨ (ଦୁବାଇ)

ସେପ୍ଟେମ୍ବର ୨୧ (ରବିବାର): ଗ୍ରୁପ୍ ଏ କ୍ୱାଲିଫାୟର୍ ୧ ବନାମ ଗ୍ରୁପ୍ ଏ କ୍ୱାଲିଫାୟର୍ ୨ (ଦୁବାଇ)

ସେପ୍ଟେମ୍ବର ୨୩ (ମଙ୍ଗଳବାର): ଗ୍ରୁପ୍ ଏ କ୍ୱାଲିଫାୟର୍ ୧ ବନାମ ଗ୍ରୁପ୍ ବି କ୍ୱାଲିଫାୟର୍ ୨ (ଅ।ବୁଧାବି)

ସେପ୍ଟେମ୍ବର ୨୪ (ବୁଧବାର): ଗ୍ରୁପ୍ ବି କ୍ୱାଲିଫାୟର୍ ୧ ବନାମ ଗ୍ରୁପ୍ ଏ କ୍ୱାଲିଫାୟର୍ ୨ (ଦୁବାଇ)

ସେପ୍ଟେମ୍ବର ୨୫ (ଗୁରୁବାର): ଗ୍ରୁପ୍ ଏ କ୍ୱାଲିଫାୟର୍ ୨ ବନାମ ଗ୍ରୁପ୍ ବି କ୍ୱାଲିଫାୟର୍ ୨ (ଦୁବାଇ)

ସେପ୍ଟେମ୍ବର ୨୬ (ଶୁକ୍ରବାର): ଗ୍ରୁପ୍ ଏ କ୍ୱାଲିଫାୟର୍ ୧ ବନାମ ଗ୍ରୁପ୍ ବି କ୍ୱାଲିଫାୟର୍ ୧ (ଦୁବାଇ)

ସେପ୍ଟେମ୍ବର ୨୮ (ରବିବାର): ଫାଇନାଲ୍ (ଦୁବାଇ)।

## ଗୋଟିଏ ସିରିଜରେ ୨୧ ଶତକ: ଭାରତର ନୂଆ ରେକର୍ଡ

ଲଣ୍ଡନ,୪।୮: ଶୁଭମନ ଗିଲଙ୍କ ଅଧିନାୟକ୍ରରେ ଭାରତ ପାଇଁ ଇଂଲଣ୍ଡ ଗସ୍ତ ସ୍ମରଣୀୟ ହୋଇଛି ଟିମ୍ ଇଣ୍ଡିଆ। ଏହି ସିରିଜରେ ମୋଟ ୧୨ଟି ଶତକ ହାସଲ କରିଛି, ଯାହା ଏକ ରେକର୍ଡ ଯଶସ୍ୱୀ ଜୟସ୍ୱାଲ ୫ମ ଟେଷ୍ଟର ଦ୍ୱିତୀୟ ଇନିଂସରେ ସିରିଜର ୧୯ତମ ଶତକ ହାସଲ କରିଛନ୍ତି। ଭାରତ ଏବଂ ଇଂଲଣ୍ଡ ମିଳିତ ଭାବରେ ସିରିଜରେ ୨୧ଟି ଶତକ ହାସଲ କରିଛନ୍ତି ।ଇଂଲଣ୍ଡର ଦ୍ୱିତୀୟ ଇନିଂସରେ ମଧ୍ୟ ୨ଟି ଶତକ ଆସଛି। ଫଳରେ ଏହା ବିଶ୍ୱ ରେକର୍ଡର ସମକକ୍ଷ ହେବ। ଭାରତ ଏବଂ ଇଂଲଣ୍ଡ ମିଳିତ ଭାବରେ ସିରିଜରେ ୨୧ଟି ଶତକ କରିଛନ୍ତି। ଟେଷ୍ଟରେ ଅଧିନାୟକ୍ କରୁଥିବା ଶୁବମନ ଗିଲ୍ ସିରିଜରେ ସର୍ବାଧିକ ୪ଟି ଶତକ ହାସଲ କରିଛନ୍ତି।

ଇଂଲଣ୍ଡ ବିପକ୍ଷ ସିରିଜର ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଯଶସ୍ୱୀ ଜୟସ୍ୱାଲ ଶତକ ହାସଲ କରିଥିଲେ, ସେ ୧୦୧ ରନ କରିଥିଲେ। ସିରିଜର ଶେଷ ମ୍ୟାଚ୍‌ରେ ଦ୍ୱିତୀୟ ଇନିଂସରେ ମଧ୍ୟ ସେ ଏକ ଗୁରୁତ୍ୱପୂର୍ଣ୍ଣ ଶତକ ହାସଲ କରିଥିଲେ। ସେ ୧୬୪ ବଲ୍‌ରେ ୨ ଛକା ଏବଂ ୧୪ ଚୌକା ସହାୟତାରେ ୧୧୮ ରନ କରିଥିଲେ, ଏହି ଟେଷ୍ଟରେ ଭାରତର ଇନିଂସରେ ଏହା ଏକମାତ୍ର ଶତକ ଥିଲା।



ଏହି ସିରିଜ୍ ଏକ ଟେଷ୍ଟ ସିରିଜ୍‌ରେ ସର୍ବାଧିକ ବ୍ୟକ୍ତିଗତ ଶତକ ଦୃଷ୍ଟିରୁ ତୃତୀୟ ସ୍ଥାନରେ ରହିଛି। ଭାରତ ଏବଂ ଇଂଲଣ୍ଡର ବ୍ୟାଟ୍ସମ୍ୟାନ୍‌ମାନେ ମିଳିତ ଭାବରେ ଏହି ସିରିଜରେ ମୋଟ ୨୧ ଶତକ ହାସଲ କରିଛନ୍ତି। ଜୟସାଲ ଶନିବାର ସିରିଜର ତାଙ୍କର ଦ୍ୱିତୀୟ ଶତକ ହାସଲ କରିଛନ୍ତି। ଟିମ୍ ଇଣ୍ଡିଅ। ମୋଟ ୧୨ଟି ଶତକ ହାସଲ କରିଛି ଏବଂ ଇଂଲଣ୍ଡ ୯ଟି ଶତକ ହାସଲ କରିଛି।

ପୂର୍ବରୁ, ଅଷ୍ଟ୍ରେଲିଅ। ବନାମ ୱେଷ୍ଟଇଣ୍ଡିଜ୍ ୧୯୫୫ ସିରିଜରେ ୨୧ଟି ଶତକ ହୋଇଥିଲା। ୨୦୦୩-୨୦୦୪ ୱେଷ୍ଟଇଣ୍ଡିଜ୍ ବନାମ ଦକ୍ଷିଣ ଅ।ଫ୍ରିକାରେ ୨୦ଟି ଶତକ ହୋଇଥିଲା। ଭାରତ ବନାମ ଇଂଲଣ୍ଡ ଟେଷ୍ଟ ସିରିଜ୍ ୨୦୨୫ ୨୧ଟି ଶତକ ସହିତ ଏବେ ଯୁଗ୍ମ ପ୍ରଥମ ସ୍ଥାନରେ ରହିଛି।

ଏହା ପ୍ରଥମ ଥର ପାଇଁ ଭାରତୀୟ ଦଳ ଏକ ଟେଷ୍ଟ ସିରିଜରେ ୧୨ଟି ଶତକ ହାସଲ କରିଛି । ବିଶ୍ କ୍ରିକେଟରେ ଏହା ଚତୁର୍ଥ ଥର ପାଇଁ ଘଟିଛି। ଏକ ଟେଷ୍ଟ ସିରିଜରେ ସର୍ବାଧିକ ଶତକ ହାସଲ କରିବା ଘଟଣାରେ ଭାରତ ଅଷ୍ଟ୍ରେଲିଅ।, ପାକିସ୍ତାନ ଏବଂ ଦକ୍ଷିଣ ଅ।ଫ୍ରିକା ସହିତ ସମକକ୍ଷ ହୋଇଛି।

ପୂର୍ବରୁ ଏଭଳି ଘଟଣା ଅଷ୍ଟ୍ରେଲିଅ। ବିପକ୍ଷରେ ୱେଷ୍ଟଇଣ୍ଡିଜ୍ (୧୯୫୫)ରେ, ଭାରତ ବିପକ୍ଷରେ ପାକିସ୍ତାନ (୧୯୮୨-୮୩)ରେ ଏବଂ ଦକ୍ଷିଣ ଅ।ଫ୍ରିକା ବିପକ୍ଷରେ ୱେଷ୍ଟଇଣ୍ଡିଜ୍ (୨୦୦୩-୦୪)ରେ ହୋଇଥିବା ବେଳେ ଗୋଟିଏ ସିରିଜ୍‌ରେ କେଣସି ଦଳ ୧୨ ଶତକ ହାସଲ କରିଥିଲେ। ଏବେ ଭାରତ ବିପକ୍ଷରେ ଇଂଲଣ୍ଡ (୨୦୨୫)ରେ ଭାରତ ଏଭଳି କରିଛି ।

। ଯାହା ଐତିହାସିକ ହେବ ଏବଂ ଯଦି ଏହା ହୁଏ, ତେବେ ଅ।ୟୋଜକ ଦଳ ସିରିଜ ଜିତିଯିବ। ଦ୍ୱିତୀୟ ଇନିଂସରେ ଯଶସ୍ୱୀ ଜୟସ୍ୱାଲଙ୍କ ଶତକ ସହାୟତାରେ ଭାରତ ଇଂଲଣ୍ଡକୁ ବିଜୟ ପାଇଁ ୩୭୪ ରନର ଏକ ବଡ଼ ଲକ୍ଷ୍ୟ ଦେଇଥିଲା।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ